


▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-150 ♦WEDNESDAY ♦26 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୫୦ ♦ବୁଧବାର ♦୨୬ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ଆସନ୍ତାକାଲିଠାରୁ ବିଧାନସଭା ଅଧିବେଶନ

# ମୌସୁମୀରେ ଚାଲିଲାନି; ଶୀତରେ ଚାଲିବ ତ?



**ବିରୋଧୀଙ୍କ ହାତରେ ପୁଳାପୁଳା ପ୍ରସଙ୍ଗ**

**ନୂଆପଡ଼ା ବିଜୟ ପରେ ଶାସକ ଉତ୍ସାହିତ**

**ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ**

■ ଭୁବନେଶ୍ୱର, ୨୫।୧୧ (ସମିସ): ଗତ ମୌସୁମୀ ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟଦିବସ ଥିଲା; ତାହାବି ସୁରୁଖୁରୁରେ ଚାଲି ପାରିଲା ନାହିଁ। ଗୋଟିଏ ଦିନ ଆଗରୁ ବିଧାନସଭାକୁ ମୁଲତବୀ ଘୋଷଣା କରାଗଲା। ଆସନ୍ତା ୨୭ ତାରିଖରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିଧାନସଭା ଯେ ସୁରୁଖୁରୁରେ ଚାଲିବ, ତାହାକୁ ନେଇ ଏବେଠାରୁ ସନ୍ଦେହ ପ୍ରକାଶ ପାଇଲାଣି। ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏଁ ବିଧାନସଭା ଚାଲିବାକୁ ଥିବାବେଳେ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟଦିବସ ରହିଛି। ତେବେ ବିରୋଧୀଙ୍କ ହାତରେ ସରକାରଙ୍କୁ ଘେରିବା ପାଇଁ ମାଳମାଳ ପ୍ରସଙ୍ଗ ଥିବାରୁ ଶୀତ ଅଧିବେଶନ ବେଶ୍ ଉଷ୍ମ ହେବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଏହି ଲମ୍ବା ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ, ସେଥିପାଇଁ ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଅଧିବେଶନ ସୁରୁଖୁରୁରେ ଚାଲିବା ନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିବେ। ତେବେ ମୌସୁମୀ ଅଧିବେଶନ ପରି ଶୀତ ଅଧିବେଶନ ଯେ ମୂଳରୁ କମ୍ପମାନ ହେବ, ସେନେଇ ଆକଳନ କଲେଣି ରାଜନୈତିକ ସମୀକ୍ଷକ। ଚଳିତ ଖରିଫ୍ ଋତୁ ପାଇଁ ଧାନ କିଣାର ବିଭ୍ରାଟ ଘଟିବା ନେଇ ଆଶଙ୍କା ଦେଖାଦେଇଛି। ବିଶେଷକରି ମଣ୍ଡି ଖୋଲିବାରେ ବିଳମ୍ବତାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢୁଆଷୀ ଆକ୍ରମଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନିୟମିତ ଭାବେ ତଳକୁ ତଳକୁ ଯାଉଛି, ସେନେଇ ସରକାରଙ୍କୁ ଜବାବ୍ ମାଗିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି ବିରୋଧୀ। ନୂଆପଡ଼ା ଉପ ନିର୍ବାଚନରେ ସରକାରୀ ଦଳ ଯେପରି ପ୍ରଶାସନକୁ ସମ୍ପୂର୍ଣ୍ଣ ଅକ୍ତିଆରକୁ ନେଇ ନିର୍ବାଚନ ଲଢ଼ିଲା, ଆଚରଣ ବିଧିର ଧଜ୍ଜିଆ ଉଡ଼ାଇଲା ତାହା ମଧ୍ୟ ବଡ଼ ପ୍ରସଙ୍ଗ ହେବ ବୋଲି ବିରୋଧୀ ▶ପୃଷ୍ଠା-୭

# ୨୧ ଲକ୍ଷ ମୋବାଇଲ ନମ୍ବର ବ୍ଲକ୍

■ ନୂଆଦିଲ୍ଲୀ, ୨୫।୧୧ (ଏଜେନ୍ସି): ଦେଶରେ ସମ୍ପ୍ରତି ସ୍ପାମ୍ କଲ୍, ନକଲି ମେସେଜ୍ ଏବଂ ଡିଜିଟାଲ୍ ଠକେଇ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହି ଧାରା ଉପରେ ରୋକ ଲଗାଇବା ପାଇଁ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ଟ୍ରାଇ ବର୍ଷକ ମଧ୍ୟରେ ୨.୧ ନିୟୁତରୁ ଅଧିକ ମୋବାଇଲ୍ ନମ୍ବର ବ୍ଲକ୍ କରିଛି ଏବଂ ପ୍ରାୟ ୧ ଲକ୍ଷ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଛି। ଏଗୁଡ଼ିକ ସେହି ସମାନ ନମ୍ବର ଯାହା ଡୁ ନଟ୍ ଡିଷ୍ଟର୍ବ (ଡିଏନ୍‌ଡି) ଆପ୍ ମାଧ୍ୟମରେ ରିପୋର୍ଟ କରାଯାଇଥିଲା। ଆହୁରିମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ସେହି କଲରମାନଙ୍କ ବିରୋଧରେ ନିଆଯାଇଛି ଯେଉଁମାନେ କେୱାଇସି, ବ୍ୟାଙ୍କ ଆକାଉଣ୍ଟ, ଜାଲ୍ ଅଫର ଏବଂ ସରକାରୀ ପରିଚୟ ଦେଇ ଗ୍ରାହକଙ୍କୁ ଠକିବାକୁ ଚେଷ୍ଟା କରିଥାନ୍ତି। ତେବେ ଗତ ବର୍ଷକ ମଧ୍ୟରେ ସ୍ପାମ୍ କଲ୍ ଏବଂ ଠକେଇ କରୁଥିବା ଜାଲ୍ ଫୋନ୍ ନମ୍ବର ବିରୋଧରେ ଏହାକୁ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ କୁହାଯାଉଛି।

**୧ ଲକ୍ଷ ସଂସ୍ଥା କଳା ତାଲିକାଭୁକ୍ତ**

ଏହାଛଡା ଟ୍ରାଇ ଲୋକମାନଙ୍କୁ କେବଳ ସେମାନଙ୍କ ଫୋନ୍‌ରେ ଏପରି ନମ୍ବରଗୁଡ଼ିକୁ ଅବରୋଧ କରିବା ପାଇଁ ନୁହେଁ ବରଂ ଡିଏନ୍‌ଡି ଆପ୍‌ରେ ରିପୋର୍ଟ କରିବାକୁ ମଧ୍ୟ କହିଛି। ଏଥିରେ ଟ୍ରାଇ ନାଗରିକଙ୍କଠାରୁ ସର୍ବାଧିକ ଅଭିଯୋଗ ପାଉଥିବା ନମ୍ବରଗୁଡ଼ିକୁ ଅବରୋଧ କରିଛି। ଡିଏନ୍‌ଡି ଆପ୍‌ରେ କରାଯାଇଥିବା ଅଭିଯୋଗକୁଆଧାର କରି ଟ୍ରାଇ ଏବଂ ଟେଲିକମ୍ କମ୍ପାନୀଗୁଡ଼ିକ ନକଲି ନମ୍ବରଗୁଡ଼ିକୁ ଚିହ୍ନଟ କରି ତଦନ୍ତ ପରେ ସେଗୁଡ଼ିକୁ ସ୍ଥାୟୀ ଭାବରେ ବ୍ଲକ୍ କରିଛନ୍ତି। ଟ୍ରାଇ ପକ୍ଷରୁ ଏକ ପରାମର୍ଶ ଜାରି କରି କୁହାଯାଇଛି ଯେ, ଯେତେବେଳେ ଏକ ସ୍ପାମ୍ କଲ୍ ଆସୁଛି,ସେତେବେଳେ କେବଳ ▶ପୃଷ୍ଠା-୭

**ଲଜ୍ଜା**

# ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ

■ ଏମ୍‌ଭି ୭୯/କାଲିମେଲା, ୨୫।୧୧ (ସମିସ): ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ। ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ପୀଡ଼ିତାଙ୍କ ପରିବାରଲୋକ ଅଭିଯୋଗ କରିବା କରିବା ପରେ ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖିଛି। ପୀଡ଼ିତାମାନଙ୍କ ବୟସ ୧୦ ବର୍ଷରୁ କମ୍ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଅଭିଯୁକ୍ତଜଣଙ୍କ ନାବାଳିକାଙ୍କ ପଡ଼ୋଶୀ। ଆଜି ସେମାନେ ଘର ଆଗରେ ଖେଳୁଥିବା ବେଳେ ଅଭିଯୁକ୍ତଜଣଙ୍କ ସେମାନଙ୍କୁ ଆଇସକ୍ରିମ୍ ଦେବ ବୋଲି କହି ଘର ଭିତରକୁ ଡାକିଥିଲା। ପରେ ଘର ଭିତରେ ସେମାନଙ୍କୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ ନାବାଳିକାଙ୍କ ପରିବାରଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଦୁଇଜଣ ନାବାଳିକା ଛାତ୍ରୀଙ୍କୁ କେହି ଦୁର୍ବୃତ୍ତ ଦୁଷ୍କର୍ମ ସହ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାର ସ୍ପଷ୍ଟ ଚିତ୍ର ଆସିନାହିଁ।

### ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲିମାଫିଆ

# ଗାଡ଼ି ଅଟକାଇ ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ



**ସୁପରଭାଇଜର ଓ ଚାଳକଙ୍କୁ ବି ଆକ୍ରମଣ କଲେ**

**ଡ୍ରାଇଭରଙ୍କ ମୁଣ୍ଡ ଫାଟିଲା; ଡାକ୍ତରଖାନାରେ ଭର୍ତ୍ତି**


■ ବାରିପଦା, ୨୫।୧୧ (ସମିସ): ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲି ମାଫିଆ। ପୁଲିସ କିମ୍ବା ପ୍ରଶାସନ ପ୍ରତି ଖାତିର୍ ତ ଦୂରର କଥା, ମନରେ ଟିକିଏ ଭୟ ବି ନାହିଁ। ବାଟ ମଝିରେ କାର୍ ଅଟକାଇ ତହସିଲଦାରଙ୍କୁ ଆକ୍ରମଣ କରିବାକୁ ବି ପଛାଉ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଆଜି ଏପରି ଏକ ଘଟଣା ଘଟିଛି। ବାଟ ମଝିରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ୍ ବେହେରାଙ୍କ କାର୍ ଅଟକାଇ ମାଫିଆମାନେ ତହସିଲଦାରଙ୍କ ସମେତ ସୁପରଭାଇଜର୍ ଓ ଗାଡ଼ି ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିରେ ଗାଡ଼ି ଚାଳକଜଣଙ୍କ ଗୁରୁତର ହୋଇଛନ୍ତି। ମାଫିଆମାନେ ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ସେ ହେଲେ ନୀହାର ରଞ୍ଜନ ବିଶ୍ୱାଳ। ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖାଲି ସେତିକି ନୁହେଁ, ଯିବା ବେଳେ ମାଫିଆମାନେ ତହସିଲଦାରଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ▶ପୃଷ୍ଠା-୭

# ଉପଭୋକ୍ତାଙ୍କୁ ଲୁଟିଛି ଟାଟା ପାୱାର



**ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ**

■ ଭୁବନେଶ୍ୱର, ୨୫।୧୧ (ସମିସ): ବିଦ୍ୟୁତ୍ ଶୁଳ୍କ ଆଦାୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସହ ଚଞ୍ଚକତା କରିଛି ଟାଟା ପାୱାର । ଏହାର ୪ଟି ବିତରଣକାରୀ ସଂସ୍ଥା ଓଇଆର୍‌ସିଙ୍କ ଧାର୍ଯ୍ୟ ୟୁନିଟ୍ ପିଛା ୫ଟଙ୍କା ୬୭ ପଇସା ପରିବର୍ତ୍ତେ ଉପଭୋକ୍ତାଙ୍କଠାରୁ ଆଦାୟ କରିଛି ୬.୦୩ ପଇସା । ଅର୍ଥାତ୍ ପ୍ରତି ୟୁନିଟ୍ ପିଛା ଟାଟାପାୱାର ଉପଭୋକ୍ତାଙ୍କଠାରୁ ୩୬ ପଇସା ଅଧିକ ନେଇଛି। ସଦ୍ୟ ପ୍ରକାଶିତ ଟାଟା ପାୱାରର ୪ଟି କମ୍ପାନୀ ଓ ଗ୍ରୀଡ୍‌କୋର ୨୦୨୪-୨୫ ବର୍ଷର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ପ୍ରଦର୍ଶିତ ହୋଇଛି ଏହି ସାଂଘାତିକ ତଥ୍ୟ। ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ଟାଟା ପାୱାରର ୪ ବିତରକ କମ୍ପାନୀକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତ ବିକ୍ରି ପାଇଁ ଓଇଆର୍‌ସି ଅନୁମୋଦନ ଦେଇଥିଲେ। ଏହ ବିଦ୍ୟୁତ୍ ବିକ୍ରି ▶ପୃଷ୍ଠା-୭

## ପ୍ରଥମ ଦିନରେ ୧୭ଟି ମାମଲା ଶୁଣାଣି କଲେ ମୁଖ୍ୟ ବିଚାରପତି



ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ଦାୟିତ୍ୱ ନେବା ପରେ ସୁପ୍ରିମକୋର୍ଟର ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ ଆଣିଛନ୍ତି । ସେ ମାମଲାଗୁଡ଼ିକୁ ଜରୁରୀ ତାଲିକାଭୁକ୍ତ କରିବା ପାଇଁ ମୌଖିକ ଉଲ୍ଲେଖ କରିବା ପ୍ରକ୍ରିୟା ବନ୍ଦ କରିଛନ୍ତି । ପ୍ରଥମ ଦିନରେ ଦୁଇଘଣ୍ଟାର କାର୍ଯ୍ୟରେ ୧୭ଟି ମାମଲାର ଶୁଣାଣି କରିଥିଲେ । ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପୂର୍ବରୁ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ମଧ୍ୟ ମୌଖିକ ଉଲ୍ଲେଖ ପ୍ରକ୍ରିୟା ବନ୍ଦ କରିଥିଲେ । କିନ୍ତୁ ପୂର୍ବତନ ସିଜେଆଇ ବିଆର ଗଭାଇ ଏହାକୁ ପୁଣି ଦ୍ୱିତୀୟଥର ପାଇଁ ଆରମ୍ଭ କରିଥିଲେ । ଏବେ କେବଳ ଲିଖିତ ମେସିନିଙ୍ଗ ସ୍ଲିପ୍ ବୈଧ ହେବ । ତେବେ କେତେକ ଅସାଧାରଣ ସ୍ଥିତିରେ, ଯେପରିକି ମୃତ୍ୟୁଦଣ୍ଡ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତା ମାମଲାରେ ମୌଖିକ ଉଲ୍ଲେଖ ପ୍ରକ୍ରିୟା ଅବଲମ୍ବନ କରାଯିବ । ଫାଇଲ୍ ଅଟକିଲେ ମଧ୍ୟ ନ୍ୟାୟ ପ୍ରକ୍ରିୟା ବନ୍ଦ ହେବା ଆବଶ୍ୟକ ନୁହଁ ବୋଲି ସେ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ଦେଶର ୫୩ତମ ମୁଖ୍ୟ ବିଚାରପତି ଭାବେ ହିନ୍ଦୀରେ ଶପଥ ନେଇଥିଲେ । ୧୪ ମାସ ପାଇଁ ସିଜେଆଇ ସୂର୍ଯ୍ୟକାନ୍ତ ଦାୟିତ୍ୱରେ ରହିବେ । ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ହେବେ ସିଜେଆଇ ସୂର୍ଯ୍ୟକାନ୍ତ ।

## ଚାରିଧାମରେ ପହଞ୍ଚିଲେ ୫୦ ଲକ୍ଷ ଶ୍ରଦ୍ଧାଳୁ

ଡେରାଡୁନ୍, ୨୫ ।୧୧(ଏଜେନ୍ସି): ଉତ୍ତରାଖଣ୍ଡରେ ମଙ୍ଗଳବାର ଚାମୋଲିରେ ବଦ୍ରିନାଥ ଧାମ ମନ୍ଦିରର ଦ୍ୱାର ବନ୍ଦ ହେବା ସହ ୪ ଧାମ ଯାତ୍ରା ଶେଷ ହୋଇଛି । ଚଳିତ ବର୍ଷ ୫୦ ଲକ୍ଷ ଶ୍ରଦ୍ଧାଳୁ ଚାରଧାମ ଯାତ୍ରା କରିଛନ୍ତି । ଏହି ଯାତ୍ରା ଅକ୍ଷୟ ତୃତୀୟା ଦିନ ଅର୍ଥାତ ୨୦୨୫ ଏପ୍ରିଲ ୩୦ରେ ଯମୁନୋତ୍ରୀ ଓ ଗଙ୍ଗୋତ୍ରୀର ଦ୍ୱାର ଖୋଲିବା ସହ ଆରମ୍ଭ ହୋଇଥିଲା । ପୂରା ୬ ମାସ ସାରା ଉତ୍ତରାଖଣ୍ଡର ପାହାଡି ଉପତ୍ୟକାରେ 'ଜୟ ବଦ୍ରି ବିଶାଳ' ଏବଂ 'ହର ହର ମହାଦେବ' ଧ୍ୱନିରେ ଗୁଞ୍ଜରିତ ହୋଇଥିଲା । ଗତବର୍ଷ ତୁଳନାରେ ଏବର୍ଷ ଯାତ୍ରୀଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି । ୨୦୧୪ରେ ବଦ୍ରିନାଥ ଓ କେଦାରନାଥରେ ଦର୍ଶନ କରିଥିବା ଶ୍ରଦ୍ଧାଳୁ ରେକର୍ଡ ସୃଷ୍ଟି କରିଥିବା ବେଳେ ୨୦୨୫ରେ ଏହି ରେକର୍ଡ ଭଙ୍ଗାଯାଇଛି । ଗତବର୍ଷ କେଦାରନାଥରେ ୧୬ ଲକ୍ଷ ୫୨ ହଜାର ୭୬ ଶ୍ରଦ୍ଧାଳୁ ପହଞ୍ଚିଥିବାବେଳେ ଏବର୍ଷ ୧୭ ଲକ୍ଷ ୬୮ ହଜାରରୁ ଅଧିକ ଶ୍ରଦ୍ଧାଳୁ ପହଞ୍ଚିଥିଲେ । ଗତବର୍ଷ ବଦ୍ରିନାଥରେ ୧୪ ଲକ୍ଷ ୩୫ ହଜାର ୩୪୧ ଜଣ ଓ ଏବର୍ଷ ୧୬ ଲକ୍ଷ ୫୨ ହଜାର ୯୭୧ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିଥିଲେ । ସେହିପରି ଯମୁନୋତ୍ରୀ ଓ ଗଙ୍ଗୋତ୍ରୀରେ ମଧ୍ୟ ଏବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଛି । ଉତ୍ତରାଖଣ୍ଡରେ ଶୀତକାଳୀନ ଚାରଧାମ ଯାତ୍ରା ଏଥର ଅକ୍ଟୋବର ୨୪ରୁ ଆରମ୍ଭ ହୋଇଛି ।

## ଆସନ୍ତାବର୍ଷ ଚୀନ୍ ଯିବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ



ୱାସିଂଟନ, ୨୫ ।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ଏପ୍ରିଲରେ ଚୀନ୍ ଗସ୍ତରେ ଯିବେ । ସେ ବେଜିଂ ଯିବା ନେଇ ସମ୍ମତି ଦେଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ସେହିପରି ଆସନ୍ତାବର୍ଷ ଆମେରିକା ଆସିବାକୁ ସେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ଦୁଇ ରାଷ୍ଟ୍ରମୁଖ ଫୋନ୍‌ରେ କଥାବାର୍ତ୍ତା କରିବା ପରେ ଏ ନେଇ ଘୋଷଣା କରାଯାଇଛି । ପ୍ରାୟ ଏକମାସ ତଳେ ଦୁଇ ନେତା ଦକ୍ଷିଣ କୋରିଆରେ ପରସ୍ପରକୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏଥିରେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ, ଫେଣ୍ଟାନିଲ୍ ଓ ତାଇୱାନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଚୀନ୍ ସହିତ ଆମେରିକାର ସମ୍ପର୍କ ବହୁତ ଦୃଢ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଦୁଇ ନେତା ପଖାପାଖି ଏକ ଘଣ୍ଟା ଫୋନରେ କଥା ହୋଇଥିଲେ ଓ ଏହା ମୁଖ୍ୟତ ବାଣିଜ୍ୟ ଉପରେ ଥିଲା ବୋଲି ହ୍ୱାଇଟ୍ ହାଉସ୍ ସଚିବ କାରୋଲିନ୍ ଲିଭଟ୍ କହିଛନ୍ତି । ସେପଟେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ କରିବା ପାଇଁ ଆମେ ବଦ୍ଧପରିକର ବୋଲି ଚୀନ ତରଫରୁ କୁହାଯାଇଛି ।

## ସିନେଟରେ ବୁର୍ଖା ପିନ୍ଧି ଅଷ୍ଟ୍ରେଲିଆ ସାଂସଦ ନିଲମ୍ବିତ



ମେଲବୋର୍ଣ୍ଣ, ୨୫ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ସଂସଦର ଉପର ଗୃହ ସିନେଟରେ ଏକ ଅଭାବନୀୟ ଘଟଣା ଘଟିଛି । ଦକ୍ଷିଣପନ୍ଥୀ ସାଂସଦ ପାଓଲିନ ହାନସନ ସିନେଟକୁ ବୁର୍ଖା ପିନ୍ଧି ଆସିବାରୁ ତାଙ୍କୁ ୭ ଦିନ ପାଇଁ ନୀଲମ୍ବିତ କରାଯାଇଛି । ସେ ବୁର୍ଖା ପିନ୍ଧି ଆସିବାରୁ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି । ଏହା ମୁସଲିମ୍ ସମ୍ପ୍ରଦାୟର ଅପମାନ ବୋଲି କେତେକ ସାଂସଦ କହିଥିଲେ । ପୂର୍ବରୁ ହାନସନ ସଂସଦରେ ବୁର୍ଖା ଓ ଚେହେରାକୁ ଘୋଡାଉଥିବା ପୋଷାକକୁ ନିଷିଦ୍ଧ କରିବା ପାଇଁ ପ୍ରାସ୍ତାବ ଆଣିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କୁ ଏଥିପାଇଁ ଅନୁମତି ମିଳି ନଥିଲା । ଏହାପରେ ସେ ବିରୋଧ କରିବାକୁ ପାଇଁ ବୁର୍ଖା ପିନ୍ଧି ସଂସଦକୁ ଆସିଥିଲେ । ମୁସଲିମ ସାଂସଦମାନେ ହାନ୍‌ସନଙ୍କ ଉପରେ ଧାର୍ମିକ ଭେଦଭାବ ଓ ବର୍ଣ୍ଣବୈଷମ୍ୟର ଆକ୍ଷେପ ଆଣିଛନ୍ତି । ଅଷ୍ଟ୍ରେଲିଆ ବିଦେଶ ମନ୍ତ୍ରୀ ପେନି ୟଙ୍ଗ ହାନସନଙ୍କୁ ଏଥିପାଇଁ ସମାଲୋଚନା କରିଛନ୍ତି ଓ ଅଷ୍ଟ୍ରେଲିଆରେ ରହୁଥିବା ପାଖାପାଖି ୧୦ ଲକ୍ଷ ମୁସଲମାନଙ୍କ ଅପମାନ କରିଛନ୍ତି ବୋଲି ସେ କହିଛନ୍ତି । ପୂର୍ବରୁ ମଧ୍ୟ ହାନସନ ୨୦୧୭ରେ ସଂସଦରେ ବୁର୍ଖା ପିନ୍ଧି ଆସିଥିଲେ ଓ ଦେଶ ବ୍ୟାପୀ ବୁର୍ଖା ନିଷିଦ୍ଧ କରିବାକୁ ଦାବିକରିଥିଲେ ।

## ଭାରତୀୟ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ଖଣ୍ଡନ କଲା ଚୀନ୍



ବେଜିଂ, ୨୫ ।୧୧(ଏଜେନ୍ସି): ସାଂଘାଇ ବିମାନ ବନ୍ଦରରେ ଅରୁଣାଚଳ ପ୍ରଦେଶରେ ଜନ୍ମିତ ଭାରତୀୟ ମହିଳା ପେମ୍ ୱାଙ୍ଗଜାମ୍ ଥାଙ୍ଗଡ଼ୋକ୍‌ଙ୍କ ସହ ଦୁର୍ବ୍ୟବହାର ଅଭିଯୋଗକୁ ଚୀନ ଅନୁଷ୍ଠାନିକ ଭାବେ ଖଣ୍ଡନ କରିଛି । ଏ ସଂକ୍ରାନ୍ତରେ ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ ସ୍ପଷ୍ଟୀକରଣ ଦେଇଛନ୍ତି । ପେମ୍‌ଙ୍କ କୌଣସି ପ୍ରକାର ଜବରଦସ୍ତି, ଅଟକ କିମ୍ବା ସମସ୍ୟାରେ ପକାଇବା ଭଳି ବ୍ୟବହାର କରାଯାଇନାହିଁ । ଏୟାରଲାଇନ୍ସ ତାଙ୍କୁ ବିଶ୍ରାମର କରିବା ପାଇଁ ସୁବିଧା, ଖାଦ୍ୟ ଓ ପାଣିର ସୁବିଧା ପ୍ରଦାନ କରିଥିଲା ବୋଲି ସେ କହିଛନ୍ତି । ବ୍ରିଟେନରେ ରହୁଥିବା ପେମ୍ ଅଭିଯୋଗ କରିଥିଲେ ଯେ, ଚୀନ୍ ଅଧିକାରୀମାନେ ଭାରତୀୟ ପାସ୍‌ପୋର୍ଟ ଅବୈଧ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା । ସେ ନଭେମ୍ବର ୨୧ରେ ଲଣ୍ଡନରୁ ଜାପାନ ଯାଉଥିଲେ । ସାଂଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା । ଏହି ଅବସରରେ ତାଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରାଯାଇଥିଲା । ତାଙ୍କ ପାସ୍‌ପୋର୍ଟ ଜବତ କରାଯିବ ସହ ବିମାନରେ ଚଢ଼ିବାକୁ ଦିଆଯାଇ ନଥିଲା । ଭାରତୀୟ ଦୂତାବାସର ସହାୟତାରେ ସେ ବାହାରକୁ ଯିବା ପାଇଁ ସକ୍ଷମ ହୋଇଥିଲେ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶକୁ ଚୀନ ନିଜର ଅଂଶ ବୋଲି ଦାବି କରିଆସୁଛି । ଏଥିପାଇଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି କୁହାଯାଇଛି । କିନ୍ତୁ ଚୀନ୍ ତରଫରୁ ପେମ୍‌ଙ୍କ ସବୁ ଅଭିଯୋଗକୁ ଅସ୍ୱୀକାର କରାଯାଇଛି ।

### ଏସ୍ଆଇଆର୍ ନେଇ ନିର୍ବାଚନ କମିଶନକୁ ମମତାଙ୍କ ସମାଲୋଚନା

# 'ନିର୍ବାଚନ କମିଶନ ଏବେ ବିଜେପି କମିଶନ'



କୋଲକାତା, ୨୫ ।୧୧(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ଦେଶର ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି । କମିଶନ ଆଉ ପୂର୍ବପରି ନିରପେକ୍ଷ ହୋଇ ରହିନାହିଁ । ଏହା ଏବେ ବିଜେପି କମିଶନରେ ପରିଣତ ହୋଇଛି । ଯଦି ପଶ୍ଚିମବଙ୍ଗରେ କମିଶନଙ୍କୁ ଜବାବ ଦିଆଯାଏ, ତେବେ ସାରା ଦେଶରେ ବିଜେପିର ମୂଳଦୁଆ ଦୋହଲିଯିବ ବୋଲି ବୋନାଗାଁଓରେ ଆଣ୍ଟି-ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର) ରାଲିଙ୍କୁ ସମ୍ବୋଧନ କରିବାବେଳେ ସେ ଏହିକଥା କହିଛନ୍ତି । ଯଦି ରାଜ୍ୟରେ ମୋତୁଆ ବହୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ନାଗରିକତା ସଂଶୋଧନ ଅଧିନିୟମ ଅନୁସାରେ (ସିଏଏ) ବିଦେଶୀ ତଥା ଅନୁପ୍ରବେଶକାରୀ ବୋଲି ଘୋଷିତ କରାଯାଏ ତେବେ, ସେମାନଙ୍କୁ ତୁରନ୍ତ ଭୋଟର ତାଲିକାରୁ ହଟାଇ ଦିଆଯିବ । ଖାସ୍‌କରି ବିଜେପି ଶାସିତ ରାଜ୍ୟରେ ଏସ୍ଆଇଆର କାହିଁକି ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଏସ୍ଆଇଆର ଲାଗୁ କରାଯାଉଛି, ତେବେ ବିଜେପି ଶାସିତ ରାଜ୍ୟରେ ଅନୁପ୍ରବେଶକାରୀ ଅଛନ୍ତି ବୋଲି ସ୍ପଷ୍ଟ ହେଉଛି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀ ସମସ୍ୟା ସୃଷ୍ଟି କରିଛି ତେବେ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ କାହିଁକି ଏସ୍ଆଇଆର୍ ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ୨୦୨୪ରେ ଏହି ଭୋଟର ତାଲିକା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୋଟ ମିଳିଥିଲା । ଯଦି ଏହି ତାଲିକାରୁ ଜଣକ ନାମ ହଟାଇ ଦିଆଯାଏ, ତେବେ କେନ୍ଦ୍ର ସରକାରଙ୍କୁ ମଧ୍ୟ ହଟାଯିବା ଉଚିତ୍ ହେବ । ଯେପର୍ଯ୍ୟନ୍ତ ମୁଁ ଅଛି ସେପର୍ଯ୍ୟନ୍ତ କାହାକୁ ତାଲିକାରୁ ବାଦ୍ ପଡ଼ିବାକୁ ଦେବିନି ବୋଲି ମମତା ସ୍ପଷ୍ଟ କରିଛନ୍ତି । ଏସ୍ଆଇଆର୍ ହିଁ ବିହାର ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି । କିନ୍ତୁ ବିରୋଧୀ ଦଳ ବିଜେପିର ଏହି ରଣନୀତିକୁ ବୁଝିବାରେ ବିଫଳ ହୋଇଛି । ଯଦି ପଶ୍ଚିମବଙ୍ଗରେ ବିଜେପି ମତେ କ୍ଷତି ପହଞ୍ଚାଏ, ତେବେ ସାରା ଦେଶରେ ବିଜେପିର ନିଅଁ ଦୋହଲାଇ ଦେବି ବୋଲି ସେ କହିଛନ୍ତି । ରାଜନୀତିରେ ବିଜେପି ମୋତେ ହରାଇ ପାରିବ ନାହିଁ ଓ ଚ୍ୟାଲେଞ୍ଜ ମଧ୍ୟ ଦେଇପାରିବ ନାହିଁ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, ଅକ୍ଟୋବର ୨୮ ରୁ ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟରେ ଏସ୍ଆଇଆର ଜାରି ରହିଛି ଓ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି । ଏସ୍ଆଇଆର ପ୍ରକ୍ରିୟାରେ ଦାୟିତ୍ୱ ସମ୍ପାଦନ କରୁଥିବା କେତେଜଣ ବ୍ଲକ ଲିବେଲ ଅଫିସର (ବିଏଲ୍ଓ)ଙ୍କୁ ମୃତ୍ୟୁକୁ ନେଇ ଚର୍ଚ୍ଚା ମଧ୍ୟ ଜାରି ରହିଛି ।

## ସୁପ୍ରିମକୋର୍ଟରେ ତାମିଲନାଡୁର ୬ଷ୍ଠ ଆବେଦନ

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ନଭେମ୍ବର ୪ରୁ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର) ପ୍ରକ୍ରିୟା ଜାରି ରହିଛି । ତାମିଲନାଡୁରେ ମଧ୍ୟ ଏହା ଚାଲୁ ରହିଛି । ଏବେ ଏସ୍ଆଇଆରକୁ ଆଉ ଜଣେ ରାଜନେତା ଓ ପାର୍ଟି ବିରୋଧ କରିଛନ୍ତି । ସେ ହେଉଛନ୍ତି ମରୁମଲାର୍ଚି ଦ୍ରବିଡ ମୁନେତ୍ରା କାଜଘମ (ଏମ୍‌ଡିଏମ୍‌କେ) ପାର୍ଟି ମୁଖ୍ୟ ଭାଇକୋ । ଏବେ ଭାଇକୋ ଏସ୍ଆଇଆର ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ଏସ୍ଆଇଆର ରାଜ୍ୟରେ ଏକାଧିକ ନିୟମ ଓ ଲୋକଙ୍କ ମୂଳ ଅଧିକାରର ଉଲ୍ଲଂଘନ କରିବ ବୋଲି ସେ କହିଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨ରେ ହେବ । ଭାଇକୋଙ୍କୁ ବାଦ୍ ଦେଲେ ଡିଏମ୍‌କେ, ସିପିଆଇ(ଏମ୍), ଅଭିନେତା ବିଜୟଙ୍କ ପାର୍ଟି ଟିଭିକେ ଓ କେତେଜଣ ସାଂସଦ ଓ ବିଧାୟକ ଏସ୍ଆଇଆର୍ ପ୍ରକ୍ରିୟାକୁ ବିରୋଧ କରିଛନ୍ତି ।

## ସେନା ଅଧିକାରୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



■ ଖ୍ରୀଷ୍ଟିଆନ ହୋଇଥିବାରୁ ଗୁରୁଦ୍ୱାରକୁ ଯିବାକୁ ମନା କରିଥିଲେ

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ସେନାର ଜଣେ ପୂର୍ବତନ ଖ୍ରୀଷ୍ଟିଆନ ଅଫିସରଙ୍କ ଆବେଦନକୁ ଖାରଜ କରିଛନ୍ତି । ତାଙ୍କ ସେନାରୁ ବରଖାସ୍ତ କରାଯାଇଥିବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ତାଙ୍କୁ ଏବେ ନିରାଶ ହେବାକୁ ପଡ଼ିଛି । ନିୟୋଜିତ ହୋଇଥିବା ସ୍ଥାନରେ ଏହି ଅଧିକାରୀ ଜଣକ ଧାର୍ମିକ ଗତିବିଧିରେ ଅଂଶଗ୍ରହଣ କରିବାକୁ ସିଧା ମନା କରିଥିଲେ । ଏହାପରେ ସେନା ତାଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ବରଖାସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା । ମୁଖ୍ୟ ବିଚରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ଏହି ଅଧିକାରୀଙ୍କୁ ଭର୍ତ୍ସନା କରିଥିଲେ । ସେନାରେ କାର୍ଯ୍ୟ କରିବା ପାଇଁ ଆପଣ ଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ ଓ ହାଇକୋର୍ଟଙ୍କ ରାୟକୁ ବଜାୟ ରଖିଥିଲେ । ଅଧିକାରୀଙ୍କ ଏହି ଆଚରଣ ଗମ୍ଭୀର ଅନୁଶାସନହୀନତାର ପରିଚୟ ଦେଉଛି ବୋଲି କୋର୍ଟ କହିଥିଲେ । ସେନା ଭଳି ସଂସ୍ଥାରେ ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ ।

ଏହି ମମାଲ ୨୦୧୭ରେ ଘଟିଥିଲା । ଅଧିକାରୀ ସାମୁଏଲ କମଲେସନ ତୃତୀୟ କାଭାଲରୀ ରେଜିମେଣ୍ଟରେ ଲେଫ୍ଟନାଣ୍ଟ ଭାବେ ଦାୟିତ୍ୱରେ ଥିଲେ । ତାଙ୍କ ୟୁନିଟ୍‌ରେ ଏକନ ମନ୍ଦିର ଓ ଗୁରୁଦ୍ୱାର ଥିଲା ଓ ଏଠାରେ ପ୍ରତି ସପ୍ତାହରେ ଧାର୍ମିକ ପରେଡ ହେଉଥିଲା । କିନ୍ତୁ ଖ୍ରୀଷ୍ଟିଆନ ଧର୍ମାଲମ୍ବୀ ହୋଇଥିବାରୁ ସେ ଭିତର ମନ୍ଦିର ଭିତରକୁ ଯିବାକୁ ମନା କରିଥିଲେ । ଆମ ଧର୍ମରେ ଦେବୀ ଦେବତାଙ୍କୁ ପୂଜା କରିବା ମନା ବୋଲି ସେ କହିଥିଲେ । ଫଳରେ ତାଙ୍କୁ ବରଖାସ୍ତ କରାଯାଇଥିଲା । ଗୁରୁଦ୍ୱାରା ଏକ ଧର୍ମନିରପେକ୍ଷ ସ୍ଥାନ ହୋଇଥିବାରୁ ଏଭଳି ଆଚରଣ ଠିକ୍ ନୁହେଁ ବୋଲି କୋର୍ଟ କହିଥିଲେ । ଶେଷରେ ସାମୁଏଲ୍‌ଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ହୋଇଛି ।

## ଇଞ୍ଜିନିୟରଙ୍କଠାରୁ ୪୮ ଲକ୍ଷ ଠକି ନେଲେ ଆୟୁର୍ବେଦ ଦୋକାନୀ

ବେଙ୍ଗାଲୁରୁ, ୨୫ ।୧୧(ଏଜେନ୍ସି): ବେଙ୍ଗାଲୁରୁରେ ୨୯ ବର୍ଷୀୟ ଜଣେ ସଫ୍ଟୱେୟାର ଇଞ୍ଜିନିୟର ୪୮ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ଏ ନେଇ ଇଞ୍ଜିନିୟର ଜଣକ ଜ୍ଞାନଭାରତୀ ଥାନାରେ ଏଫ୍ଆଇଆର୍ ଦାଏର କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା । ସେ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବା ପାଇଁ ସେ ରାସ୍ତା କଡ଼ରେ ଲଗାଯାଇଥିବା ଏକ ଆୟୁର୍ବେଦ ତମ୍ବୁକୁ ଯାଇଥିଲେ । ସେଠାରେ ସେ ବିଜୟ ଗୁରୁଜୀ ବୋଲି ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ । ତାଙ୍କ ପରାମର୍ଶ ଅନୁସାରେ ସେ ଏକାଧିକ ଔଷଧ ତଥା ଜିନିଷ କ୍ରୟ କରିଥିଲେ । ଏଥିରେ ୧୮ ଗ୍ରାମ୍‌ର ଔଷଧ ୨୦ ଲକ୍ଷ ଟଙ୍କାରେ ଓ ୧୭ ଲକ୍ଷ ଟଙ୍କାର ତେଲ ଓ ଅନ୍ୟାନ୍ୟ ଜିନିଷ କିଣିଥିଲେ । କିନ୍ତୁ ଏହି ଔଷଧ ସେବନ କରିବା ପରେ ମଧ୍ୟ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସି ନଥିଲା । ପୀଡିତ ମେଡିକାଲ ପରୀକ୍ଷା କରାଇଥିଲେ ଓ ତାଙ୍କ କିଡ୍‌ନୀ ଖରାପ ଥିବା ଜାଣିବାକୁ ପାଇଥିଲେ । ୨୦୨୩ରେ ସେ ବିବାହ କରିଥିଲେ । କିନ୍ତୁ ବିବାହ ପରେ କିଛିମାସ ପରେ ତାଙ୍କର ଯୌନ ସମସ୍ୟା ଦେଖାଯାଇଥିଲା । ଫଳରେ ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ସେ ଆୟୁର୍ବେଦ ଡାକ୍ତର ବିଜୟଙ୍କ ସହ ପରିଚିତ ହୋଇଥିଲେ । ଔଷଧ କିଣିବା ପାଇଁ ସେ ୨୦ ଲକ୍ଷ ଟଙ୍କା ଉଦ୍ଧାର କରିଥିଲେ । ଔଷଧ କାମ ନ କରିବାରୁ ବିଜୟ ତାଙ୍କୁ ଆହୁରି ଅଧିକ ଔଷଧ କଣିବାକୁ କହିଥିଲେ ।

## କାନାଡ଼ାରେ ତ୍ରିରଙ୍ଗାର ଅପମାନ କଲେ ଖଲିସ୍ଥାନୀ ଆତଙ୍କବାଦୀ



ଅଟାୱା, ୨୫ ।୧୧(ଏଜେନ୍ସି): କାନାଡ଼ାର ଅଟାୱା ସହରରେ ରିବିବାର ଖଲିସ୍ତାନୀ ଆତଙ୍କବାଦୀମାନେ ଜନମତ ସଂଗ୍ରହ କରିବା ଅବସରରେ ଭାରତୀୟ ପତାକା ତ୍ରିରଙ୍ଗାର ଅପମାନ କରିଥିଲେ । ଏମାନେ ଭାରତ ପ୍ରଧାନମନ୍ତ୍ରୀ ଓ ଅଧିକାରୀଙ୍କୁ ମାରିଦିଅ ବୋଲି ସ୍ଲୋଗାନ ଦେଇଥିଲେ । ଏହି ଆତଙ୍କବାଦୀମାନେ ଏକ ଅନୌପଚାରିକ ତଥା ବେଆଇନ୍ ବେଟିଂରେ ଅଂଶଗ୍ରହଣ କରିଥିଲେ ଓ ଏହାକୁ 'ଖଲିସ୍ଥାନ ରେଫରେଣ୍ଡମ' ବୋଲି କୁହାଯାଇଥିଲା । ଏହି ବେଟିଂ ଜରିଆରେ ସେମାନେ ଏକ ପ୍ରଶ୍ନ ପଚାରିଥିଲେ । ଭାରତଠାରୁ ପଞ୍ଜାବକୁ ଅଲଗା କରି ଏକ ନୂଆ ଦେଶ ଖଲିସ୍ତାନ ଗଠ କରିବା ଆବଶ୍ୟକ କି? ବୋଲି ପ୍ରଶ୍ନ କରିଥିଲେ । ଗଣମାଧ୍ୟମଗୁଡ଼ିକ ରିପୋର୍ଟ ଅନୁସାରେ ଏହି ବେଟିଂରେ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ଲୋକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହଳଦିଆ ରଙ୍ଗର ପତାକା ନେଇ ପାଖାପାଖି ଦୁଇ କିମିର ଲାଇନ୍‌ରେ ଠିଆ ହୋଇଥିଲେ । ଜଣାଶୁଣା ଆତଙ୍କବାଦୀ ସଂଗଠନ 'ଶିଖ ଫର ଜଷ୍ଟିସ୍' ଏହାର ଆୟୋଜନ କରିଥିଲା । ଏଥିରେ ଅଣ୍ଟାରିଓ, ଆଲବର୍ଟା, ବ୍ରିଟିଶ କଲମ୍ବିଆ ଓ କ୍ୟୁବେକ ରାଜ୍ୟରୁ ୫୩ ହଜାରରୁ ଅଧିକ ଖଲିସ୍ତାନୀ ସମର୍ଥକ ଭୋଟ ଦେବାକୁ ଆସିଥିଲେ ବୋଲି ଆୟୋଜକ କହିଛନ୍ତି । ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଜି-୨୦ ସମ୍ମିଳନୀରେ ମୋଦୀ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ପରସ୍ପରକୁ ଭେଟିଥିଲେ । ଏହାକୁ ନେଇ ମଧ୍ୟ ଶିଖ୍ ଫର୍ ଜଷ୍ଟିସ ପ୍ରଶ୍ନ ଉଠାଇଛି ।

## ଗାୟକ ଜୁବିନଙ୍କୁ ହତ୍ୟା କରାଯାଇଛି: ହିମନ୍ତ

ଗୌହାଟୀ୨୫ ।୧୧(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଙ୍ଗଳବାର ବିଧାନସଭାରେ ଚକିତ କଲା ଭଳି ଏକ ମନ୍ତବ୍ୟ ଦେଇଛନ୍ତି । ବଲିଉଡ୍ ତଥା ଆସାମୀ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ଏକ ଦୁର୍ଘଟଣା ନଥିଲା । ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି । ଏହା କୌଣସି ବିନା ଉଦ୍ଦେଶରେ ହତ୍ୟା କିମ୍ବା ଆପରାଧିକ ଷଡଯନ୍ତ୍ର ନୁହେଁ, ଏହା ସ୍ପଷ୍ଟ ଭାବେ ଏକ ହତ୍ୟାକାଣ୍ଡ ବୋଲି ସେ ସ୍ପଷ୍ଟ କରିଛନ୍ତି । ଜଣେ ଅଭିଯୁକ୍ତ ଜୁବିନଙ୍କୁ ଜୀବନ ନେଇଛନ୍ତି ଓ ବାକି ଅଭିଯୁକ୍ତମାନେ ତାଙ୍କୁ ସହଯୋଗ କରିଛନ୍ତି ବୋଲି ସେ କହିଛନ୍ତି ।

ଆସାମ ବିଧାନସଭାରେ ବିରୋଧୀ ଦଳଗୁଡ଼ିକ ଜୁବିନଙ୍କ ମୃତ୍ୟୁ ଉପରେ ଆଲୋଚନା ପାଇଁ ଏକ ମୁଲତବୀ ପସ୍ତାବ ଆଣିଥିଲେ । ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ହିଁ ହିମନ୍ତ ଏହାର ଜବାବ ଦେଇଛନ୍ତି । ଆସାମ ପୁଲିସର ସିଆଇଡି ଅଧିନରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଏପର୍ଯ୍ୟନ୍ତ ଏହି ମାମଲାରେ ୭ ଜଣଙ୍କୁ ଗିରଫ କରିଛି, ୨୫୨ ଜଣଙ୍କୁ ପଚରାଉଚରା କରିଛି ଓ ୨୯ଟି ସାମଗ୍ରୀ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୪-୫ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି ବୋଲି ସେ କହିଛନ୍ତି । ଉଲ୍ଲେଖ ଥାଉକି, ୫୨ ବର୍ଷୀୟ ଗାୟକ ତଥା ମ୍ୟୁଜିସିଆନ ଜୁବିନ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ସମୁଦ୍ରରେ ସ୍କୁବା ଡାଇଭିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିଲେ । ସେ ନର୍ଥଇଷ୍ଟ ଇଣ୍ଡିଆ ସମାରୋହରେ ଯୋଗ ଦେବାକୁ ଯାଇଥିଲେ । ତାଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ୬୦ରୁ ଅଧିକ ଏଫ୍ଆଇଆର ଦାଏର କରାଯାଇଥିଲା । ଜୁବିନ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିଅରରେ ୪୦ଟି ଭାଷାରେ ପାଖାପାଖି ୩୮ ହଜାର ଗୀତ ଗାଇଛନ୍ତି । ସେ ଏକାଧରରେ ଜଣେ ଗାୟକ, ସଙ୍ଗୀତକାର, ଅଭିନେତା ଓ ନିର୍ଦ୍ଦେଶକ ଥିଲେ ।



# ଅଯୋଧ୍ୟା ରାମ ମନ୍ଦିରରେ ଉଡ଼ିଲା ଧର୍ମଧ୍ୱଜା

ଅଯୋଧ୍ୟା, ୨୫ ।୧୧(ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିର ଆଜି ସମ୍ପୂର୍ଣ୍ଣ ହୋଇଛି । ପ୍ରାଣ ପ୍ରତିଷ୍ଠାର ୬୭୩ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ମନ୍ଦିର ଶିଖରରେ ଧ୍ୱଜାରୋହଣ କରିଥିଲେ । ସକାଳ ୧୧.୫୦ରେ ଶୁଭ ମୁହୂର୍ତ୍ତରେ ବଟନ ଦବାଇ ପରେ ୨ କେଜି ଓଜନର ନାରଙ୍ଗି ଧ୍ୱଜା ୧୬୧ ଫୁଟ ଉଚ୍ଚରେ ଥିବା ଶିଖରରେ ଉଡିଥିଲା । ଏହି ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ । ରାମଲାଲା ସୁନା ଓ ରେଶମ ସୂତ୍ରରେ କାରୁକାର୍ଯ୍ୟ ହୋଇଥିବା ଏକ ହଳଦିଆ ବସ୍ତ୍ର ପରିଧାନ କରିଥିଲେ । ଆଜି ଯୁଗ ଯୁଗର ଅକାଂକ୍ଷା ପୂରଣ ହୋଇଛି ଓ କ୍ଷତ ଭରିଛି ବୋଲି ମୋଦୀ କହିଥିଲେ । ଦେଶକୁ ପରାଧିନତାର ମାନସିକତାରୁ ମୁକ୍ତି କରିବାକୁ ଆମେ ବଦ୍ଧପରିକର । ଏହି ମାନସିକତା ଏତେ ପରିମାଣ ପ୍ରଭାବିତ କରିଥିଲା ଯେ, ଲୋକେ ବର୍ଷବର୍ଷ ଧରି ଭଗବାନ ରାମଙ୍କୁ କାଳ୍ପନିକ ବୋଲି କହିବାକୁ ପଛାଇ ନଥିଲେ ବୋଲି ସେ କହିଥିଲେ । ମୋଦୀ ନିଜର ୩୨ ମିନିଟର ଭାଷଣ 'ସିୟାବର ରାମଚନ୍ଦ୍ର କି ଜୟ'ରେ ସମ୍ବୋଧନ କରି ଆରମ୍ଭ କରିଥିଲେ । ରାମ ମନ୍ଦିର ଆନ୍ଦୋଳନରେ ଯୋଦ୍ଧାମାନେ ପ୍ରାଣ ବିସର୍ଜନ ଦେଇଥିଲେ, ଆଜି ସେମାନଙ୍କ ଆତ୍ମା ତୃପ୍ତ ହୋଇଥିବ ବୋଲି ଭାଗବତ କହିଥିଲେ । ସେହିପରି ପୀଢ଼ି ପୀଢ଼ି ଲୋକଙ୍କର ଆଶା ଆଜି ପୂରଣ ହୋଇଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ ।

ଧ୍ୱଜାରୋହଣ ପୂର୍ବରୁ ମୋଦୀ ଓ ଭାଗବତ ସାଥି ହୋଇ ମନ୍ଦିର ପ୍ରଥମ ମହଲାରେ ନିର୍ମିତ ରାମ ଦରବାରରେ ପୂଜା ଓ ଆଳତୀ କରିଥିଲେ । ଏହାପରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ । ମୋଦୀ ରାମଲାଲାଙ୍କ ପାଇଁ ବସ୍ତ୍ର ଓ ପଙ୍ଖା ନେଇ ପହଞ୍ଚିଥିଲେ । ମୋଦୀ ସାକେତ କଲେଜରୁ ରାମ ଜନ୍ମଭୂମି ପର୍ଯ୍ୟନ୍ତ ଦେଢ଼ କିମି ଲମ୍ବ ରୋଡ ଶୋର ନେତୃତ୍ୱ ନେଇଥିଲେ । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀ ରୋଡ୍ ଶୋରେ ଗାଡିଗୁଡ଼ିକ ଉପରେ ପୁଷ୍ପ ବୃଷ୍ଟି କରିଥିଲେ । ସ୍ଥାନେ ସ୍ଥାନେ ମହିଳାମାନେ ମଧ୍ୟ ତାଙ୍କର ସ୍ୱାଗତ କରିଥିଲେ । ଧ୍ୱଜାରୋହଣ ସମାରୋହରେ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ଓ ଅନ୍ୟ ସେଲିବ୍ରିଟିମାନେ ଆସିବେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ କେହି ଆସି ନଥିଲେ । ଦେଶର ୪ ଜଣ ଶଙ୍କରାଚାର୍ଯ୍ୟଙ୍କୁ ବାଦ୍ ଦେଲେ ବିଭିନ୍ନ ମଠର ସାଧୁ-ସନ୍ଥ ଏହି ଅବସରରେ ମନ୍ଦିର ପରିସରରେ ଉପସ୍ଥିତ ଥିଲେ । ସମ୍ପୂର୍ଣ୍ଣ ଅଯୋଧ ସହରକୁ ୧୦୦୦ କ୍ୟୁଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଥିଲା । ସୁରକ୍ଷା ବ୍ୟବସ୍ଥା କଡ଼ା କଡ଼ି କରାଯାଇଥିଲା । ମନ୍ଦିରରେ ପଞ୍ଚ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଟିଏସ୍, ଏନ୍ଏସ୍‌ଜି, ଏସ୍‌ପିଜି, ସିଆରପିଏଫ୍ ଓ ପିଏସି ଯବାନଙ୍କୁ ନିୟୋଜିତ କରାଯାଇଥିଲା ।

## ଆଫଗାନିସ୍ତାନରେ ଅଧରାତିରେ ପାକିସ୍ତାନର ଏୟାର ଷ୍ଟ୍ରାଇକ୍

ଇସ୍ଲାମାବାଦ୍, ୨୫ ।୧୧(ଏଜେନ୍ସି): ପାକିସ୍ତାନ ସୋମବାର ଅଧରାତିରେ ଆଫଗାନିସ୍ତାନର ୩ ରାଜ୍ୟ ଖୋସ୍ତ, କୁନାର ଓ ପକ୍ତିକାରେ ଆକାଶମାର୍ଗରୁ ଆକ୍ରମଣ କରିଛି । ଖୋସ୍ତ ଉପରେ ହୋଇଥିବା ଆକ୍ରମଣରେ ୧୦ ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୯ ଜଣ ଛୋଟ ପିଲା ଓ ଜଣେ ମହିଳା ସାମିଲ ଅଛନ୍ତି । ଖୋସ୍ତ ରାଜ୍ୟର ମୁଗଲଗଇ ଅଞ୍ଚଳରେ ରାତି ୧୨ଟାରେ ପାକିସ୍ତାନ ବିମାନଗୁଡ଼ିକ ଏକ ଘର ଉପରେ ବୋମା ମାଡ଼ କରିଥିଲେ ବୋଲି ତାଲିମାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି । ଏହି ଆକ୍ରମଣରେ ୫ ପୁଅ, ୪ ଝିଅ ପିଲା ଓ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେହିପରି କୁନାର ଓ ପ୍ରକ୍ତିକାରେ ହୋଇଥିବା ଆକ୍ରମଣରେ ୪ ଜଣ ନାଗରିକ ଆହତ ହୋଇଛନ୍ତି । ପାକିସ୍ତାନ ଏହି ଆକ୍ରମଣ କରି ଇସ୍ତାନବୁଲ ହୋଇଥିବ ଅସ୍ତ୍ରବିରତି ଚୁକ୍ତିର ଉଲ୍ଲଂଘନ କରିଛି ବୋଲି ଆଫଗାନିସ୍ତାନ କହିଛି । ଏହି ଘଟଣା ନେଇ ପାକିସ୍ତାନ ସେନା ଓ ବିଦେଶ ମନ୍ତ୍ରଣାଳୟ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ । ଅନ୍ୟପଟେ ପାକିସ୍ତାନ ମଧ୍ୟ ଆତଙ୍କବାଦୀ ଆକ୍ରମଣର ଶିକାର ହେଉଛି । ଦୁଇଦିନ ତଳେ ପେଶାୱାର ସହରରେ ଫ୍ରଣ୍ଟିୟର କନଷ୍ଟେବୁଲରୀ ମୁଖ୍ୟ କାର୍ଯ୍ୟାଳୟ ଉପରେ ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ଓ ଏଥିରେ ୩ କମାଣ୍ଡୋ ମୃତ୍ୟୁବରଣ କରିଥିବା ବେଳେ ୩ ଆକ୍ରମଣକାରୀ ମଧ୍ୟ ନିହତ ହୋଇଥିଲେ । ପାକିସ୍ତାନ ଗତମାସରେ ମଧ୍ୟ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ବୋମା ମାଡ଼ କରିଥିଲା । ପୂର୍ବରୁ ମଧ୍ୟ ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା ।





# ରାଜପଥରେ ଗଡ଼ିଲା ୩ ମୁଣ୍ଡ

ବଲାଙ୍ଗିର,୨୫ ।୧୧(ସମିସ): ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁଡ଼ିପଦରରେ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ, ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଞ୍ଚଳର ସୂରଜ କାମିଲା, ତାଙ୍କ ସଢୁ ଝସକେତନ ବରିହା ଏବଂ ଲୋଇସିଂହାର ଚନ୍ଦ୍ରଶେଖର ଲୁହାର । ତାମିଲନାଡୁରେ କାମ କରୁଥିବା ସୂରଜଙ୍କ ପରିବାରଲୋକ ତାଙ୍କ ଫେରିବା ବାଟକୁ ଚାହିଁ ବସିଥିବା ବେଳେ ଶେଷରେ ସେ ନିଜ ସଢୁଙ୍କ ସହ ସାଥି ହୋଇ ଆରପାରିକୁ ଚାଲିଯାଇଛନ୍ତି । ସେହିପରି ତାଙ୍କ ସହ ଧକ୍କା ହୋଇଥିବା ଅନ୍ୟ ବାଇକ୍ ଆରୋହୀ ଚନ୍ଦ୍ରଶେଖର ମଧ ଘରକୁ ଫେରୁଥିବା ବେଳେ ଶବ ହୋଇ ଫେରିଛନ୍ତି । ଏଭଳି ଏକ ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି ।

ସୂରଜ ତାମିଲନାଡୁରେ କାମ କରୁଥିଲେ । ସେ ସୋମବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ । ତାଙ୍କୁ ନେବା ପାଇଁ ତାଙ୍କ ସଢୁ ଝସକେତନ ବାଇକ୍‌ରେ ଯାଇଥିଲେ । ଖୁସି ମନରେ ଉଭୟ ଘରକୁ ଫେରୁଥିଲେ । ବୁଢ଼ିପଦର ପଞ୍ଚାୟତ ଅଫିସ ନିକଟରେ ଦୁର୍ଘଟଣା ଘଟିଥିଲା । ରୁଗୁଡିଖାଲ ପଟୁ ବାଇକରେ ଆସୁଥିବା ଲୋଇସିଂହାର ଚନ୍ଦ୍ରଶେଖରଙ୍କ ବାଇକ୍ ସହ ଏମାନଙ୍କ ଧକ୍କା ହୋଇଥିଲା । ଉଭୟ ବାଇକ ଏତେ ଜୋରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଯେ ଘଟଣାସ୍ଥଳରେ ହିଁ ତିନିଜଣଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା । ଘଟଣା ବିଷୟରେ ସ୍ଥାନୀୟ ଲୋକେ ଖବର ପାଇବା ପରେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କ ମୃତଦେହକୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ । ମଙ୍ଗଳବାର ବ୍ୟବଚ୍ଛେଦ ସରିବା ପରେ ମୃତଦେହକୁ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।



ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେସନ ମାଧ୍ୟମରେ କିଂବଦନ୍ତୀ ସିନେକଳାକାର ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି

# ପ୍ରେମ ପାଇଁ 'ନିର୍ଯାତନା' ନାଟକ

## ଆମେରିକାରୁ ଫେରିଲେ ବାଲେଶ୍ୱର ଝିଅ ପୂଜା

ବାଲେଶ୍ୱର,୨୫ ।୧୧(ସମିସ): ପୌଷ୍ୟ କନ୍ୟା ଭାବେ ଆମେରିକା ଯାଇଥିବା ଓଡ଼ିଆ ଝିଅ ପୂଜା ବାଲେଶ୍ୱର ଫେରି ଆସିଛନ୍ତି । ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିବା ଦମ୍ପତି ପୂଜାଙ୍କୁ ଆମେରିକା ନେଇ ନିର୍ଯାତନା ଦେଉଥିବାରୁ ସେଠାରୁ ତାଙ୍କୁ ଉଦ୍ଧାର ପାଇଁ ଏକ ଭିଡିଓ ମାଧ୍ୟମରେ ସେ ଓଡ଼ିଶା ସରକାରଙ୍କୁ ଗୁହାରି କରିଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ପୂଜା ଓଡ଼ିଶା ଫେରି ଆସିଛନ୍ତି । ତାଙ୍କୁ ବାଲେଶ୍ୱର ନାରୀସଂଘରେ ରଖାଯାଇଛି ।



**ପୁରୁଷ ବନ୍ଧୁଙ୍କୁ ବାହା ହେବା ପାଇଁ ମିଛ ଭିଡିଓ ବାର୍ତ୍ତା କରିଥିଲେ**

ପୂଜାଙ୍କ କହିବାନୁସାରେ, ଛୋଟ ବେଳେ ଭୁବନେଶ୍ୱରରେ ରହି ପୁରୁଷବନ୍ଧୁ ଅମରଙ୍କ ସହ ପାଠ ପଢୁଥିଲି । ପରିବାର ସହ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ହଜି ଯାଇଥିଲି । ଚାଇଲ୍ଡଲାଇନ ମୋତେ ଉଦ୍ଧାର କରି ଭୁବନେଶ୍ୱର ନହରକଣ୍ଟାସ୍ଥିତ ଏକ କନ୍ୟାଶ୍ରମରେ ରଖିଥିଲା । ସେଠାରୁ ଏକ ଆମେରିକୀୟ ଦମ୍ପତି ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇ ଯାଇଥିଲେ । ଆମେରିକାରେ ପାଖାପାଖି ୭ ବର୍ଷରୁ ଅଧିକ ସମୟ ରହିଥିଲି । ୨୦୨୪ ମସିହାରେ ସୋସିଆଲ ମିଡିଆରେ ତାଙ୍କ ପୁରୁଷବନ୍ଧୁ ଅମରକୁ ଦେଖିବା ପରେ ପୂଜା ତାଙ୍କ ସହ ଯୋଗାଯୋଗ କରିଥିଲେ । ସେଠାରେ ତାଙ୍କୁ ଯେଉଁ ନିର୍ଯାତନା ଦିଆଯାଉଥିବା ଭିଡିଓ ପଠାଇଥିଲେ, ତାହା ସମ୍ପୂର୍ଣ୍ଣ ମିଛ । ପ୍ରକୃତରେ ସେ ଅମରଙ୍କୁ ଭଲ ପାଉଥିଲେ ଏବଂ ତାଙ୍କୁ ବାହା ହୋଇ ତାଙ୍କ ସାଙ୍ଗରେ ଓଡ଼ିଶାରେ ରହିବେ ବୋଲି ପୂଜା କହିଛନ୍ତି ।

ଅନ୍ୟପଟେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି କହିଛନ୍ତି ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଅଧ୍ୟକ୍ଷତାରେ ଗୋଟିଏ ଟିମ୍ ଭୁବନେଶ୍ୱର ଯାଇ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ନାରୀ ସଂଘରେ ରଖିଛନ୍ତି । ଅନ୍ୟପଟେ ପୂଜାଙ୍କ ପୁରୁଷ ବନ୍ଧୁଙ୍କ ସହ ଏପର୍ଯ୍ୟନ୍ତ ତାଙ୍କର ଦେଖା ହୋଇନି । ତାଙ୍କ ସହ ଯୋଗାଯୋଗ ଜାରି ରଖାଯାଇଛି । ଜିଲ୍ଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ।

# ଶିମିଳିପାଳରେ ବଢ଼ିଲେ ୫ ବାଘ

## ଗତବର୍ଷ ୨୭, ଏବେ ୩୨

ଭୁବନେଶ୍ୱର,୨୫ ।୧୧(ସମିସ): ରାଜ୍ୟରେ ବଢୁଛି ମହାବଳଙ୍କ ସଂଖ୍ୟା । ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି । ଗତବର୍ଷ କେବଳ ଶିମିଳିପାଳରେ ବାଘ ସଂଖ୍ୟା ୨୭ ରହିଥିବା ବେଳେ ଚଳିତ ବର୍ଷ ଏହା ୩୨ରେ ପହଞ୍ଚିଛି ବୋଲି ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା କହିଛନ୍ତି । ପ୍ରତି ୪ ବର୍ଷରେ ଥରେ ସର୍ବଭାରତୀୟ ସ୍ତରରେ ବାଘ ଗଣନା ହୋଇଥାଏ । ଏହାପୂର୍ବରୁ ୨୦୨୨ ମସିହାରେ ବାଘ ଗଣତି ହୋଇଥିଲା । ମାତ୍ର ଓଡ଼ିଶାରେ ଯେଉଁ ନିଜସ୍ୱ ବାଘ ଗଣନା କରାଯାଉଛି, ସେହି ତଥ୍ୟ ଅନୁଯାୟୀ ୨୦୨୨ ମସିହାରେ ରାଜ୍ୟରେ ୨୦ଟି ବାଘ ନଜରକୁ ଆସିଥିଲେ । ୨୦୨୩ରେ ୨୭ଟି ବାଘ ସମେତ ୯ଟି ଶାବକଙ୍କୁ ଚିହ୍ନଟ କରାଯାଇଥିଲା । ବର୍ତ୍ତମାନ ରାଜ୍ୟରେ ବାଘଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଥିବା ବେଳେ ୯ଟି ବାଘ ଶାବକ ରହିଥିବା ଜଣାପଡ଼ିଛି । ପିସିସିଏଫ ଆହୁରି କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ କେବଳ ଶିମିଳିପାଳରେ ବାଘ ଅଛନ୍ତି । ସାତକୋଶିଆରେ ବର୍ତ୍ତମାନ ସମୟରେ କୌଣସି ବାଘ ଦେଖାଯାଇ ନାହିଁ ।

ସେହିପରି ରାଜ୍ୟରେ ବର୍ତ୍ତମାନ ୫୦ପ୍ରତିଶତ ସାଧାରଣ ବାଘ ରହିଥିବା ବେଳେ ୫୦ ପ୍ରତିଶତ ମେଲାନଷ୍ଟିକ ଅର୍ଥାତ କଳା ବାଘ ରହିଛନ୍ତି । ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୪ମସିହାରେ ରାଜ୍ୟରେ ୩୦ଟି ମହାବଳ ବାଘ ରହିଥିଲେ । ସେଥିରୁ ୧୪ଟି ବାଘୁଣୀ ଥିଲେ । ୮ଟି ଶାବକ ମଧ୍ୟ ଚିହ୍ନଟ କରାଯାଇଥିଲା । ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ଟି ଶାବକ ଚିହ୍ନଟ କରାଯାଇଥିଲା । ପାରଳାଖେମୁଣ୍ଡି ବନଖଣ୍ଡରେ ଗୋଟିଏ ବାଘ ଏବଂ ହୀରାକୁଦ ବନଖଣ୍ଡରେ ଗୋଟିଏ ମାତ୍ର ବାଘ ରହିଥିଲେ । ଏହାସହ ରାଜ୍ୟର ଶିମିଳିପାଳରେ କଳା ବାଘ ୪୦ ପ୍ରତିଶତ ରହିଥିଲେ । ଶିମିଳିପାଳ ଡିଭିଜନରେ ୭ଟି କଳା ବାଘୁଣୀ ଓ ୬ଟି ବାଘ ଦେଖାଯାଇଥିଲା । ଚଳିତ ବର୍ଷ ମୟୂରଭଞ୍ଜର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଦୀର୍ଘ ୪୫ ବର୍ଷର ଦାବି ପରେ ଏହା ହୋଇପାରିଛି । ତେଣୁ ଶିମିଳିପାଳରେ ବାଘ ସଂରକ୍ଷଣ କ୍ଷେତ୍ରରେ ଆହୁରି ସୁଦୃଢ଼ ପଦକ୍ଷେପ ନିଆଯାଇପାରିବା ନେଇ ସମ୍ଭାବନା ରହିଛି ।

# ବିଦ୍ୟୁତ ବିଲ ପୈଠ ନାଁରେ ଠକେଇ

# ଚଣ୍ଡୀଗଡ଼ରୁ ୩ ସାଇବର୍ ଠକ ଗିରଫ

ରାଇରଙ୍ଗପୁର/କରଞ୍ଜିଆ,୨୫।୧୧ (ସମିସ): ବିଦ୍ୟୁତ୍ ବିଲ ପୈଠ ନାଁରେ ଜଣେ ବ୍ୟକ୍ତିଙ୍କଠାରୁ ୯୯ ହଜାର ଟଙ୍କା ଠକିନେବା ଅଭିଯୋଗରେ ପୁଲିସ ୩ଜଣ ସାଇବର ଠକକୁ ଗିରଫ କରିଛି । ସେମାନେ ହେଲେ, ଚଣ୍ଡୀଗଡ଼ର ମଣିମାଜରା ଥାନା ଅନ୍ତର୍ଗତ ମରାୱାଲା ଗ୍ରାମର ଭନିଷ କୁମାର (୧୯), ଉତ୍ତରାଖଣ୍ଡର କେଲାଖେରା ଜିଲ୍ଲା ଉଧମପୁର୍ ଅଞ୍ଚଳର ରାହି ସାଇଫି ୱାହିଦ (୨୫) ଓ ପଞ୍ଜାବର ମୋହାଲି ବଳାଙ୍ଗି ଥାନା ବରମାଞ୍ଜରେ ଅଞ୍ଚଳର ରୋହିତ ରମା (୨୩) । ଏମାନେ ସମସ୍ତେ ଚଣ୍ଡୀଗଡ଼ରେ ରହି ସାଇବର ଅପରାଧ ଚଳାଇଥିଲେ ।



ସୂଚନାନୁଯାୟୀ, ବିଦ୍ୟୁତ୍ ବିଲ୍ ପୈଠ ହୋଇନଥିବା କହି ଠକମାନେ କରଞ୍ଜିଆ ଥାନା ଅନ୍ତର୍ଗତ ୧ନଂ. ୱାର୍ଡ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଫୋନ୍ କରିଥିଲେ । ବିଲ୍ ପଇଠ ନକଲେ ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରିଦିଆଯିବ ବୋଲି ଧମକାଇଥିଲେ । ସେମାନଙ୍କ କହିବା ଅନୁଯାୟୀ ବ୍ୟକ୍ତିଜଣଙ୍କ ନିଜର ଆକାଉଣ୍ଟ ନମ୍ବର ଏବଂ ବ୍ୟାଙ୍କ ତଥ୍ୟ ପ୍ରଦାନ କରିଥିଲେ । କିଛି ସମୟ ପରେ ଠକମାନେ ତାଙ୍କ ଆକାଉଣ୍ଟରୁ ୯୯ ହଜାର ଟଙ୍କା ଲୁଟି ନେଇଥିଲେ । ଏ ସଂପର୍କରେ ଅଭିଯୋଗ ହେବା ପରେ ସାଇବର୍ ଥାନା ଓ କରଞ୍ଜିଆ ପୁଲିସ ତଦନ୍ତ କରି ଏହାର ଚଣ୍ଡୀଗଡ଼ ଲିଙ୍କ୍ ବାହାର କରିଥିଲା । ପରେ ସେଠାରେ ପୁଲିସ ଚଢ଼ଉ କରି ଠକମାନଙ୍କୁ ଗିରଫ କରିଥିଲେ ।

# ଏମିତି ବି ଆସେ ମୃତ୍ୟୁ

# ନାତି ଶବ ଦେଖି ଆଈର ମୃତ୍ୟୁ

ବଲାଙ୍ଗିର,୨୫ ।୧୧(ସମିସ): ଏମିତି ବି ମୃତ୍ୟୁ ଆସେ । ରାତି ଅଧରେ ହଠାତ ନାତିର ସ୍ୱାସ୍ଥ୍ୟ ବିଗିଡ଼ିଗଲା । ତାକୁ ନେଇ ପରିବାରଲୋକ ଡାକ୍ତରଖାନା ଗଲେ । ସକାଳେ ଆଈ ନାତିର ସ୍ୱାସ୍ଥ୍ୟ କଥା ପଚାରୁଥିଲେ; କିନ୍ତୁ କିଛି ସମୟରେ ପରେ ୧୮ ବର୍ଷର ନାତିର ମୃତଦେହ ପହଞ୍ଚିଥିଲା । ନାତିକୁ ଏ ଅବସ୍ଥାରେ ଦେଖି ଆଈ ସହିପାରିଲେନି । ହଠାତ ତାଙ୍କ ଦେହ ବିଗିଡ଼ିଗଲା । ସେ ବି ନାତି ସହ ଅଫେରା ରାଇଜର ବାଟୋଇ ହୋଇଗଲେ । ଗୋଟିଏ ଜୁଇରେ ଆଈ ଓ ନାତିଙ୍କ ଶବ ଜଳିଛି । କାହାଣୀ ଭଳି ଲାଗୁଥିବା ଏହି ଏକ ଘଟଣା ବଲାଙ୍ଗିର ଉପକଣ୍ଠ ସଦେଇପାଲିର ବିସ୍ଥାପିତ କଲୋନୀରେ ଘଟିଛି । ମୃତକଦ୍ୱୟ ହେଲେ, ବଲାଙ୍ଗିର ସହର ଉପକଣ୍ଠ ସଦେଇପାଲି ବିସ୍ଥାପିତ କଲୋନୀର ସୁଧୀର ଖୁଆସଙ୍କ ପୁଅ ସୁମନ ଖୁଆସ (୧୮) ଏବଂ ମା' ସୁନୀତା ଖୁଆସ(୬୫) । ଗୋଟିଏପଟେ ପୁଅର ଶବ ପଡିଥିବା ବେଳେ ଅନ୍ୟପଟେ ବୃଦ୍ଧା ମା' ଅସୁସ୍ଥ ହୋଇପଡ଼ିବା ସୁଧୀରଙ୍କୁ ଚିନ୍ତାରେ ପକାଇଥିଲା । ଏହାପରେ ପରିବାର ଲୋକେ ତୁରନ୍ତ ସୁନୀତାଙ୍କୁ ନେଇ ଡାକ୍ତରଖାନା ବାହାରିଥିଲେ; କିନ୍ତୁ ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ଏକା ସାଙ୍ଗରେ ଆଈ ନାତିଙ୍କୁ ଗାଁ ଶ୍ମଶାନରେ ଗୋଟିଏ ଜୁଇରେ ଅନ୍ତିମ ସଂସ୍କାର କରାଯାଇଥିଲା ।




**ଏକାଠି ଜଳିଲା ଜୁଇ**

# ସାପ କାମୁଡ଼ାରେ ବୃଦ୍ଧ ମୃତ

ମୋରଡ଼ା,୨୫।୧୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମରଦା ଗ୍ରାମର ଦେବେନ୍ଦ୍ର ନାଥ ଜେନା (୫୩) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି । ସୋମବାର ସକାଳେ ସେ ଧାନ କାଟିବାକୁ ବିଲକୁ ଯାଇଥିବା ବେଳେ ଅସାବଧାନତାବଶତଃ ଏକ ସାପ ଉପରେ ତାଙ୍କର ଗୋଡ଼ ପଡ଼ିଯାଇଥିଲା । ଫଳରେ ସାପଟି ତାଙ୍କୁ ଦଂଶନ କରିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅମରଦା ମେଡିକାଲରେ ଭର୍ତ୍ତି କରାଇଥିଲେ । ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱରସ୍ଥିତ ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ।

# ଉଚ୍ଚଶିକ୍ଷାରେ ସୁଧାର ପାଇଁ ରାଜ୍ୟପାଳଙ୍କୁ ପ୍ରସ୍ତାବ

ବାରିପଦା, ୨୫ ।୧୧(ସମିସ): ସାମ୍ସ ମାଧ୍ୟମରେ ୟୁଜି ଓ ପିଜି ଶ୍ରେଣୀରେ ନାମଲେଖା ପ୍ରଣାଳୀ ସମୟବହୁଳ ହୋଇଥିବାରୁ ପ୍ରଥମ ସେମିଷ୍ଟାର୍ ପାଠପଢ଼ା ଠିକ୍ ଭାବେ ହୋଇପାରୁନାହିଁ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ଜନିତ ଅଧିକାର ସଂକୁଚିତ ହୋଇଯାଉଛି । ସିଟ୍ ଫାଙ୍କା ଥିଲେ ମଧ୍ୟ କର୍ତ୍ତୃପକ୍ଷ ଇଚ୍ଛା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଆଡମିସନ୍ କରିପାରୁନାହାନ୍ତି । ତେଣୁ, ଆବେଦନର ମାସକ ମଧ୍ୟରେ ପ୍ରଥମ ଦଫା ନାମଲେଖା ପ୍ରକ୍ରିୟା ଉଚ୍ଚଶିକ୍ଷା ବିଭାଗ ଏକ ମାସ ଭିତରେ ଶେଷ କରୁ । ସେହିପରି ଦ୍ୱିତୀୟ ଓ ତୃତୀୟ ଦଫା ନାମଲେଖା ପ୍ରକ୍ରିୟା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନେ ନିଜସ୍ତରରେ ମେରିଟ୍ ଅନୁଯାୟୀ ସମାପନ କରି ଏକ ମାସ ମଧ୍ୟରେ ସମସ୍ତ ଡାଟାକୁ ସାମସ୍ ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ସୁଯୋଗ ଦେଉ । ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଏହି ମର୍ମରେ ଏକ ପ୍ରସ୍ତାବ ଦେଇଛନ୍ତି ସାଂସଦ ମମତା ମହାନ୍ତ ।

ଚିଠିରେ ଶ୍ରୀମତୀ ମହାନ୍ତ ଷ୍ଟ୍ରିମ୍ ପରିବର୍ତ୍ତନ, ଅନର୍ସ ପରିବର୍ତ୍ତନ, ଗୋଟିଏ ସେମିଷ୍ଟାର୍‌ରେ ଫେଲ୍ ହୋଇଥିବା ବିଦ୍ୟାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ପରୀକ୍ଷା ସୁଯୋଗ, ପରୀକ୍ଷାଫଳ ମାର୍କ ପୁନଃମୂଲ୍ୟାୟନ ବ୍ୟବସ୍ଥା ଲାଗୁ ଆଦି ସଂପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାବ୍ୟତୀତ ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫ଟି ନୂତନ ବିଭାଗ ଖୋଲିବା ସହ ଭିତ୍ତିଭୂମିର ବିକାଶ ନିମନ୍ତେ ଏକାକାଳୀନ ୧୦୦ କୋଟି ଟଙ୍କା ଅନୁଦାନ ଦେବାକୁ ସେ ଦାବି କରିଛନ୍ତି ।




# ବୃଦ୍ଧଙ୍କୁ ମୃତ ଦର୍ଶାଇ ୭ ମାସ ହେଲା ଭତ୍ତା ବନ୍ଦ

ଚନ୍ଦନେଶ୍ୱର, ୨୫।୧୧ (ସମିସ)

ଜଣେ ଅସହାୟ ବୃଦ୍ଧଙ୍କୁ ମୃତ ଦର୍ଶାଇ ୭ ମାସ ହେଲା ଭତ୍ତା ଟଙ୍କା ବନ୍ଦ କରି ଦିଆଯାଇଛି। ଏ ନେଇ ବୃଦ୍ଧ ଏବଂ ତାଙ୍କ ପରିବାର ଲୋକ ପଂଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭକରି ବ୍ୟାଙ୍କ ଶାଖା ଏବଂ ବ୍ଲକକୁ ଦୌଡି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଫଳ ପାଇ ନାହାନ୍ତି। ବ୍ଲକରୁ ତାଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ କରି ଦିଆ ଯାଇଥିବା ଜାଣିବାକୁ ମିଳିଛି। ବୃଦ୍ଧ ଜଣକ ବିଛଣାରେ ଶଯ୍ୟାଶାୟୀ ରହିଥିବା ବେଳେ ଟୋପାଏ ଔଷଧ ପାଇଁ ଡହଳ ବିକଳ ହେଉଥିବା ବେଳେ ଭତ୍ତା ଟଙ୍କାକୁ ଅପେକ୍ଷା କରି ବହୁ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ଏଭଳି ଏକ ଅମାନବୀୟ ଘଟଣା ଦେଖିବାକୁ ମିଳିଛି ଭୋଗରାଇର କଖଡା ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ଗାଁରେ।



ପୁରୁଷୋତ୍ତମପୁର ଗାଁର ସ୍ୱର୍ଗତ ଭାନୁ ସେଠୀଙ୍କ ପୁଅ ସୁବଳ ସେଠୀ(୭୦) ଜଣେ ଅତ୍ୟନ୍ତ ଗରିବ ଓ ଅସହାୟ ବୃଦ୍ଧ। ବହୁ ଦୌଡାଦୌଡି ପରେ ୨୦୧୮ ମସିହା ଡିସେମ୍ବର ମାସରେ ତାଙ୍କୁ ଭତ୍ତା ଟଙ୍କା ମିଳିଥିଲା। କିଛି ଦିନ ପଂଚାୟତ କାର୍ଯ୍ୟାଳୟରୁ ଟଙ୍କା ମିଳିବା ପରେ ପୁଣି ବ୍ୟାଙ୍କ ଜମାଖାତକୁ ଗଲା। ୨ ଜଣ ପୁଅ

## ଔଷଧ ପାଇଁ ଡହଳ ବିକଳ

ଚନ୍ଦନେଶ୍ୱରରେ ଏକ ମିଠା ଦୋକାନରେ କାର୍ଯ୍ୟ କରନ୍ତି। ବହୁ ଅଭାବ ଅନାଟନ ମଧ୍ୟରେ ପରିବାର ପ୍ରତିପୋଷଣ ହୁଏ। ବାର୍ଦ୍ଧକ୍ୟ କାରଣରୁ ସୁବଳ ଏବେ ଶଯ୍ୟାଶାୟୀ। ଗତ ଏପ୍ରିଲ ୨୯ରେ ବ୍ୟାଙ୍କ ଜମାଖାତକୁ ୧ହଜାର ଟଙ୍କା ଆସିଥିଲା। ସେବେଠୁ ଆଉ ଟଙ୍କା ଆସୁନାହିଁ। ସବୁଠି ଦୌଡାଦୌଡି କରି ଜଣା ପଡିଲା ତାଙ୍କୁ ମୃତ ଦର୍ଶା ଯାଇଛି। ଏ ନେଇ ପଂଚାୟତର ନିର୍ବାହୀ ଅଧିକାରୀ ସୁବ୍ରତ ପତି କହନ୍ତି ଭୁଲଭାଲରେ ତାଙ୍କ ନାମ କଟି ଯାଇଥିଲା। ଏବେ ଠିକ ହୋଇ ଯାଇଛି। ଚଳିତ ମାସ ତାଙ୍କୁ ଟଙ୍କା ମିଳିଯିବ। ସରକାରୀ ବାବୁଙ୍କ ଖାମଖିଆଲ ନୀତି ବୃଦ୍ଧଙ୍କୁ ଅସହାୟତାକୁ ବହୁ ମାତ୍ରାରେ ବଢାଇ ଦେଇଛି। ଏ ନେଇ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସହିତ ତୁରନ୍ତ ତାଙ୍କୁ ୭ ମାସର ବକେୟା ଭତ୍ତା ଟଙ୍କା ଯୋଗାଇ ଦେବାକୁ ଦାବି ହେଉଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ତ୍ରୀ ଅଟକ

ସୋର, ୨୫।୧୧(ସମିସ): ସୋର ଥାନା ମଧୁସୂଦନପୁର ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ଜଣେ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ପିଟି ପିଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁସାରେ ଏହି ଗ୍ରାମର ଋଷି ଦାସ (୪୬) ବିଭିନ୍ନ ସମୟରେ ମଦ୍ୟପାନ କରି ତାଙ୍କ ସ୍ତ୍ରୀ ଉର୍ମିଳାଙ୍କୁ ମାଡ଼ ମାରନ୍ତି। ଏ ବାବଦରେ ଉର୍ମିଳାଙ୍କ ଅଭିଯୋଗ ମୂଳେ ଗ୍ରାମବାସୀ ଅନେକ ଥର ତାଙ୍କୁ ବୁଝାସୁଝା କରିବା ସହିତ ପଞ୍ଚାୟତରେ ଉଭୟଙ୍କର ମୀମାଂସା କରାଯାଇଥିଲା। କିନ୍ତୁ ଗତକାଲି ରାତିରେ ଋଷି ମଦପିଇ ଘରେ ପହଞ୍ଚି ଉର୍ମିଳାଙ୍କୁ ମାଡ଼ ମାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଉର୍ମିଳା କୌଣସି ଏକ ଅସ୍ତ୍ରରେ ତାଙ୍କ ମୁଣ୍ଡରେ ଆକ୍ରମଣ କରିଥିବା ସନ୍ଦେହ କରାଯାଇଛି। ଘଟଣାସ୍ଥଳରେ ଋଷିର ମୃତ୍ୟୁ ହୋଇଯାଇଥିଲା। ଋଷି ମୁଣ୍ଡରେ ଗଭୀର କ୍ଷତି ସୃଷ୍ଟି ହୋଇଥିବାରୁ ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଛି। ଆଜି ସକାଳେ ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କ ଶବକୁ ସତ୍କାର କରିବା ପାଇଁ ଯୋଜନା କରୁଥିବା ବେଳେ ଖବର ପାଇ ସୋର ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଋଷିର ଶବକୁ ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ଆଣିଥିଲେ। ଏ ବାବଦରେ ଋଷିର ବାପା କାହ୍ନୁ ଚରଣ ଦାସଙ୍କ ଅଭିଯୋଗ ମୂଳେ ଅପରାହ୍ନରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ସ୍ତ୍ରୀ ଉର୍ମିଳାକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ରାଜଘାଟ, ୨୫।୧୧ (ସମିସ): ବସ୍ତା ବ୍ଲକ୍ ଅନ୍ତର୍ଗତ ଅମର୍ଦ୍ଦାରୋ?ସ୍ଥିତ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ଣରେ ବ୍ଲକ ସ୍ତରୀୟ ବାଲବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ବିଜ୍ଞାନ ସମ୍ବନ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଚାନ୍ଦିପୁର ଡିଆରଡିଓର ବୈଜ୍ଞାନିକ ଡ. ପ୍ରଭାକର ମଲ୍ଲିକ, ବରେଣ୍ୟ ଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା, ସମ୍ମାନନୀୟ ଅତିଥି ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ବ୍ଲକ୍ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ବାସନ୍ତୀ ପୁଷ୍ଟି, ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ଶେଖର ପଣ୍ଡା, ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, ବସନ୍ତପୁର କ୍ଲଷ୍ଟର ସିଆରସିସି ଗଣେଶ ଚନ୍ଦ୍ର ଜେନା, ପ୍ରଧାନ ଶିକ୍ଷକ ରାଜେଶ କୁମାର ସେଠୀ ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଉକ୍ତ ପ୍ରଦର୍ଶନୀରେ ୧୭୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିନିୟରରେ ୩ ଓ ସବ ଜୁନିୟରରେ ୩ ଜଣ ଲେଖାଏଁ ବଛାଯାଇ ୭ଟି ସବଥିମ ଲାଗି ମୋଟ୍ ୪୨ଜଣ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ସହ ଟ୍ରଫି ପ୍ରଦାନ କରାଯାଇଛି। ସିନିୟରର ୭ ଜଣ ପ୍ରତିଯୋଗୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ। ଚୋରମରା ନୋଡାଲ ସ୍କୁଲର ସହକାରୀ ଶିକ୍ଷକ ଶିବଶଙ୍କର ଜେନା ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମ ସଂଯୋଜକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

ଭୋଗରାଇ,୨୫।୧୧ (ସମିସ): ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ଶୁଆଶୁଣି ଗ୍ରାମର ମବାରକ ଖାଁଙ୍କ ପୁଅ ରହମାନ ଖାଁଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି।



ଦୀର୍ଘ ଦିନ ମଧୁମେହ ଓ ହୃଦୟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ଦିନ ୧୧ଟାରେ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ରହମାନ ଖାଁ ପ୍ରଥମେ ପ୍ରଜା ସୋସିଆଲିଷ୍ଟ ଦଳ ପରେ ବିଜେଡ଼ି ଦଳରେ ନିଷ୍ଠାପର ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ମୃତ୍ୟୁରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଜେପି ନେତା ଅଂଶୁମାନ ମହାନ୍ତି, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଦେଉଳା ସରପଞ୍ଚ ଚୈତନ୍ୟ ବେହେରା, ସମିତି ସଦସ୍ୟ ଗୌତମ ଗିରି, ସମାଜସେବୀ ତାପସ ଦାସ ମହାପାତ୍ର, ଦେଉଳା ବଜାର କମିଟିର ସଭାପତି ଶକ୍ତିପଦ ଦାସ ମହାପାତ୍ର ପ୍ରମୁଖ ଶତାଧିକ ଲୋକ ପରିବାରକୁ ସମବେଦନା ଜଣାଇଥିଲେ।

# ଶଙ୍ଖାରୀ ମଧୁସୂଦନ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଚନ୍ଦନେଶ୍ୱର,୨୫।୧୧ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟ, ଶଙ୍ଖାରୀରେ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନିଲ କୁମାର ଦତ୍ତ ସକାଳ ୮ଟାରେ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ତହିଁପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବିଦ୍ୟାଳୟର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଯୋଗନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ ପ୍ରତିଯୋଗିତା ବୁଧବାର ଉଦଯାପିତ ହେଉଥିବା ବେଳେ କ୍ରୀଡ଼ା ପ୍ରତିଯୋଗୀତାକୁ କ୍ରୀଡା ଶିକ୍ଷକ ହିମାଂଶୁ ଶେଖର ଦାସ ପରିଚାଳନା କରିଥିଲେ। ଶିକ୍ଷକ ଧ୍ରୁବ ପ୍ରଧାନ, ହରେକୃଷ୍ଣ ଜେନା, ପ୍ରଦୀପ୍ତ କଟୁଆଳ, ଦୀପକ



ଦିଣ୍ଡା, ପଦ୍ମାବତୀ ଜେନା, ଲଳିତା ଆଇଚ, ଜଗଦିଶ କୁଣ୍ଡ, ଦେବେନ୍ଦ୍ର ମଲ୍ଲିକ, ଝରଣା ମାଝି, କାଳି କୁମାର ଜେନା, ରାମକୃଷ୍ଣ ପାତ୍ର, ଅଳକା ଜେନା, ଯଜ୍ଞେଶ୍ୱର ପୃଷ୍ଟି, ତରୁଣ କୁମାର ଜେନା, ଗୀତାରାଣୀ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଜଳେଶ୍ୱର ବଜାରକୁ ଆସିଲା ୟାମାହା ଏକ୍ସଏସ୍ଆର୍ ୧୫୫ ସିସି ବାଇକ୍




ଜଳେଶ୍ୱର,୨୫।୧୧ (ସମିସ): ଦେଶର ଅଗ୍ରଣୀ ମୋଟରସାଇକଲ ନିର୍ମାତା କମ୍ପାନୀ "ୟାମାହା" ପ୍ରସ୍ତୁତ ନୂତନ ଡାଇନମିକ୍ ଏକ୍ସଏସ୍ଆର୍ ୧୫୫ ସିସି ବାଇକ୍ ଜଳେଶ୍ୱର ବଜାରରେ ପ୍ରବେଶ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଧିକୃତ ବିକ୍ରେତା "ଖାନ୍ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍' ପକ୍ଷରୁ ନୂତନ ବାଇକର ଶୁଭ ବଜାର ପ୍ରବେଶ ଉତ୍ସବ ୟାମାହା ଶୋ' ରୁମରେ ଅନୁଷ୍ଠିତ ହୋଇଯାଇଛି। ଶୋରୁମ ସମ୍ମୁଖରେ ଆୟୋଜିତ ଉତ୍ସବରେ ଜଗନ୍ନାଥ ପରିଡ଼ାଙ୍କ ସଞ୍ଚାଳନରେ ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ୧୨ ନଂ ୱାର୍ଡ କାଉନସିଲର ଶିବ ନାରାୟଣ ମହାପାତ୍ର

## ଖାନ୍ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଲୋକାର୍ପଣ ଉତ୍ସବ

ଯୋଗଦେଇ ଏହି ନୂତନ ବାଇକକୁ ଅନାବରଣ କରିବା ସହ ଗ୍ରାହକଙ୍କ ମଧ୍ୟରେ ଏହା ବେଶ୍ ଆଦୃତ ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଖାନ୍ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ମୁଖ୍ୟ ଗଫୁର ଖାନ୍ ପୌରୋହିତ୍ୟ କରିବା ସହିତ ୟାମାହା କମ୍ପାନୀର ବାଇକ୍ ସବୁବର୍ଗର ଲୋକଙ୍କ ପସନ୍ଦଯୋଗ୍ୟ ହୋଇଥିବା ବେଳେ ଏହି ନୂତନ ବାଇକ୍ ଯୁବବର୍ଗଙ୍କ ମଧ୍ୟରେ ଚହଳ ସୃଷ୍ଟି କରିବ। ବିଶେଷ କରି ୧୫୫ ସିସି ପାୱାରର ଏହି ବାଇକରେ ଡୁଆଲ ଚାନେଲ ଡିସ୍କ ବ୍ରେକିଂ ସହ ଏବିଏସ, ରେଡିଏଟର କୁଲିଂ, ଅଏଲ୍ କୁଲଡ ଇଞ୍ଜିନ, ମନୋ ସକ୍ଆବଜର ପ୍ରଭୃତି ସୁବିଧା ରାଇଡର ମାନଙ୍କ ପାଇଁ ବାଇକ୍ ଚାଳନା ଅଧିକ ସହଜ କରିବ। କ୍ଲାସିକ ସ୍ପୋର୍ଟି ଲୁକ୍ ଓ ୪ଟି ଆକର୍ଷଣୀୟ କଲରରେ ମିଳୁଥିବା ୟାମହା ଏକ୍ସଏସିଆର୍ ଶୋ ରୁମ୍ ପ୍ରାଇସ ୧ ଲକ୍ଷ ୫୧ ହଜାର ୮୭୦ ଟଙ୍କା ରହିଛି। ଏହା ସହିତ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ମଧ୍ୟ ରହିଛି ବୋଲି କହିଥିଲେ ଓ ଓଡ଼ିଶା ଏରିଆ ସ୍ଲେସ୍ ମ୍ୟାନେଜର ଜସବିନ୍ଦର୍ ସିଂ ଯୋଗ ଦେଇ ବାଇକ୍‌ର ଅତ୍ୟାଧୁନିକ ଫିଚର ଯୁବପିଢ଼ିଙ୍କୁ ଆକର୍ଷିତ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାନ ଭାଇ ଗଫର ଅଲ୍ଲୀ ଖାଁ ଉତ୍ସବ ପରିଚାଳନା ସହଯୋଗ କରିଥିଲେ। ପ୍ରଥମ ଗ୍ରାହକ ଭାବେ ଶ୍ରବଣ କୁମାର ଜେନାଙ୍କୁ ଅତିଥିଙ୍କ ହସ୍ତରେ ନୂତନ ବାଇକ୍ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଲେସ ଏକ୍ଜିକ୍ୟୁଟିଭ ସାଜିଦ ଖାନ୍, ଜୀବନ କୃଷ୍ଣ ମହାନ୍ତି, ମନୋଜ କୁମାର ହେମ୍ବ୍ରମ, ଶୁଭଶ୍ରୀ ପଣ୍ଡା, ପିଙ୍କି ରାଣୀ ଦାସ, ଶୁଭଶ୍ରୀ ବେହେରା, ଏସ କେ ଇମ୍ରାଜୁଦ୍ଦିନ ଖାନ୍, ତପନ ବେହେରା, ମନୋଜ ସିଂ ପ୍ରମୁଖ କର୍ମଚାରୀ ଉପସ୍ଥିତ ହୋଇ କେକ୍ କାଟି ଉତ୍ସବ ମନାଇ ଥିଲେ।

# ସାଇକଲକୁ ପିଟିଲା ବାଇକ୍, ୩ ଗୁରୁତର

ସିମୁଳିଆ, ୨୫।୧୧ (ସମିସ): ସାଇକେଲକୁ ପିଟିଲା ବାଇକ, ଦୁର୍ଘଟଣାଗ୍ରସ୍ତ ବାଳକକୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖି ଥିବାର ଜଣାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁର ତୁଳସୀ ଆଶ୍ରମ ସ୍ଥିତ ଭାଗଲା ମାରାଣ୍ଡିଙ୍କ ନାବାଳକ ପୁଅ ରମେଶ ସାଇକଲ ଯୋଗେ ଘରୁ ମର୍କୋଣା ଆଡ଼କୁ ଆସୁଥିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଇନ୍ଦ୍ରାଣୀ ପେଟ୍ରୋଲ ପମ୍ପ ନିକଟରେ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବାଇକ୍ ଆରୋହୀ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରମେଶ ଗୁରୁତର ଆହତ ହେବା ସଙ୍ଗେ ସଙ୍ଗେ ବାଇକ୍ ଚାଳକ ପ୍ରଜ୍ଞାନ ପ୍ରଧାନ ଓ ରିତିକ୍ କର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତିନି ଜଣଙ୍କୁ ଭଦ୍ରକ ବଡ଼ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ସରକାରୀ ଯୋଜନାରେ ପକ୍ଷପାତିତା ଓ ଅନିୟମିତତା



ଖଇରା, ୨୫।୧୧ (ସମିସ): ପକ୍ଷପାତିତା ଚାଲିଥିବା ଅଭିଯୋଗ ଆଣି ଓଡିଶାର ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆର ପ୍ରାକ୍ତନ ବିଧାୟକ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ୨୦ରୁ ଉର୍ଦ୍ଧ ସରପଞ୍ଚ ସମିତି ସଭ୍ୟ, ସମିତି ସଭ୍ୟା ପ୍ରତିନିଧି ଓ ଜିଲା ପରିଷଦ ସଭ୍ୟା ପ୍ରତିନିଧିଙ୍କ ସହ ମଙ୍ଗଳବାର ଖଇରା ବିଡିଓଙ୍କୁ ଭେଟି ଲିଖିତ ଭାବେ ଏହାର ପ୍ରତିବାଦ କରିଛନ୍ତି। ବିଡିଓ ନାରାୟଣ ସାହୁ ଓ ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ ଯଥା ସମ୍ଭବ ଏହା ଉପରେ ଦୃଷ୍ଟି ଦେବେ ବୋଲି ଆଲୋଚନା ଅବସରରେ ପ୍ରକାଶ କରିଥିଲେ। ଅଧିକାଂଶ ଲୋକପ୍ରତିନିଧି ବିକଶିତ ଗାଁ ବିକଶିତ ଓଡିଶାରେ ନିର୍ଦ୍ଦିଷ୍ଟ ପଞ୍ଚାୟତର ଲୋକପ୍ରତିନିଧି ମାନେ ଦେଇଥିବା ପ୍ରକଳ୍ପ ତାଲିକାକୁ ବାଦ ଦିଆଯିବା, ଡଗରପଡା, ସୁଣ୍ଡିରା ଭଳି ପଞ୍ଚାୟତ ଗୁଡିକରେ ବହୁ

## ବିଡିଓଙ୍କୁ ଭେଟିଲେ ବିଜେଡି ଜିଲ୍ଲା ସଭାପତି

ବିଧବା ବ୍ୟକ୍ତିଙ୍କୁ ଭତ୍ତାରୁ ବଞ୍ଚିତ ରଖାଯିବା, ଗ୍ରାଣ୍ଟ-ଇନ-ଏଡରେ ସରପଞ୍ଚ ସମିତି ସଭ୍ୟ ମାନେ ଦେଇଥିବା ପ୍ରକଳ୍ପ ତାଲିକାକୁ ଅଣଦେଖା କରି ଯନ୍ତ୍ରୀ ମାନେ ଜଣେ ଶାସକ ଦଳ ନେତାଙ୍କ ପାଖରୁ ଲେଖା ଆଣିବାକୁ ବାଧ କରିବା, ଛୁଟିଦିନରେ ସଂଧ୍ୟା ପରେ ଓ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଗୃହର ନିର୍ମାଣ କାର୍ଯ୍ୟ କରାଯିବା, ଟେଣ୍ଡର କିମ୍ବା ପଲ୍ଲୀସଭା କରାନଯାଇ ନିର୍ଦ୍ଦିଷ୍ଟ ରାଜନୈତିକ ବ୍ୟକ୍ତି ଦ୍ୱାରା କାର୍ଯ୍ୟ ସମ୍ପାଦିତ ହେବା, ଶ୍ୟାମସୁନ୍ଦପର ପଞ୍ଚାୟତ ପାର୍ବତୀପୁର ଗ୍ରାମ ରାସ୍ତାରେ ନବ ନିର୍ମିତ କଂକ୍ରିଟରେ ଫାଟ ସୃଷ୍ଟି ହେବା, ଗଡପୋଖରୀ ପଞ୍ଚାୟତରେ ରାଜସ୍ୱ ନୀରିକ୍ଷକଙ୍କ ଦ୍ୱାରା ଚିହ୍ନଟ ସ୍ଥାନରେ ସରକାରୀ ଗୃହ କରାନଯାଇ ଅନ୍ୟତ୍ର କରାଯିବା ଏବଂ ଅଧାପନ୍ତରିଆ ପ୍ରଧାନମନ୍ତ୍ରୀ ଆବାସ ବାବଦରେ ଅର୍ଥ ହଡପ କରାଯିବା ଭଳି ଅଭିଯୋଗ ବିଡିଓଙ୍କ ଆଗରେ ଉତଥାପନ କରିଥିଲେ। ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ସେମାନଙ୍କ ପ୍ରତିନିଧି ଓ ପ୍ରାକ୍ତନ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଜୟନ୍ତୀ ପତି, ଦମୟନ୍ତି ସିଂ, ରାଜେନ୍ଦ୍ର ଦାସ, ସଂଯୁକ୍ତା ମହାପାତ୍ର, ନଳିନୀକାନ୍ତ ସାହୁ, ସୁଦର୍ଶନ ସେଠୀ, ରନାଠକର ଦଳେଇ, ଲକ୍ଷ୍ମୀଧର ପଣ୍ଡା, ରବିନ୍ଦ୍ର ବେହେରା, ପ୍ରଫୁଲ୍ଲ ମହାନ୍ତି, ରବିନ୍ଦ୍ର ନାୟକ, ରବିନ୍ଦ୍ର ମହାନ୍ତି, ବିଶ୍ୱଭୁଷଣ ପ୍ରଧାନ, ଶଶାଙ୍କ ମହାପାତ୍ର, ନରେନ୍ଦ୍ର ମହାପାତ୍ର, ରତ୍ନକାର ଦାସ, ବିଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳଖିଆ ଦୋକାନୀଙ୍କ ବାଇକ ଚୋରି

ଖଇରା,୨୫ ।୧୧ (ସମିସ): ଖଇରା ଥାନା ଗୋଳିହା ପଞ୍ଚାୟତ ଅଧୀନ ପତିରାଜପୁର ଛକ ନିକଟରେ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଜୟଗୁରୁ ମିଷ୍ଟାନ ଭଣ୍ଡାରର ମାଲିକ ମଧୁଶୁଦନ ଖଟୁଆଙ୍କର ଏକ ବାଇକ ଚୋରି ହୋଇ ଯାଇଥିବା ନେଇ ଶ୍ରୀ ଖଟୁଆ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଶ୍ରୀ ଖଟୁଆ ୨୩ ତାରିଖ ମଧ୍ୟାହ୍ନରେ ଦୋକାନ ବନ୍ଦକରି ଖଇବାକୁ ବାହାରୁଥିବା ବେଳେ ଦୋକାନ ଆଗରେ ତାଙ୍କ ବାଇକଟି ନ ଥିବା ଦେଖିବାକୁ ପାଇଥିଲେ। ପରେ ଆଖପାଖ ସ୍ଥାନରେ ବହୁ ଖୋଜାଖୋଜି ପରେ ମଧ୍ୟ ବାଇକର କୌଣସି ସନ୍ଧାନ ନପାଇବା ପରେ ସୋମବାର ଦିନ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

## ଭୋଳାନାଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ

# ବିପଦ ସଂକୁଳ ଅବସ୍ଥାରେ ପଢୁଛନ୍ତି ଛାତ୍ରଛାତ୍ରୀ



ଚନ୍ଦନେଶ୍ୱର, ୨୫।୧୧ (ସମିସ)

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ବାଡ଼ସରିସା ଭୋଳାନାଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢୁଥିବା ଛାତ୍ରଛାତ୍ରୀ ଅତ୍ୟନ୍ତ ଦୟନୀୟ ଓ ବିପଦ ସଂକୁଳ ଅବସ୍ଥାରେ ପାଠ ପଢୁଥିବା ଜଣା ପଡ଼ିଛି। ବିବରଣୀରୁ ପ୍ରକାଶ ଯେ, ପଶ୍ଚିମବଙ୍ଗ ଓ ଓଡ଼ିଶାର ସୀମାନ୍ତରେ ଅବସ୍ଥିତ ଭୋଳାନାଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟଟି ୧୯୨୬ ମସିହାରେ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗରେ ନିର୍ମିତ ହୋଇଥିଲା। ଏଠାରେ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସର୍ବଶିକ୍ଷା ଅଭିଯାନ ଅଧୀନରେ ଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୩୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ମାତ୍ର ଉକ୍ତ ବିଦ୍ୟାଳୟଟି ବହୁ ପୁରାତନ ଆଜବେଷ୍ଟସ ଓ ପକ୍କା ଇଟା କାନ୍ଥରେ ନିର୍ମିତ ହୋଇଥିବାରୁ ଆଜବେଷ୍ଟସ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଗଳିପଡ଼ିବା ସହିତ ବର୍ଷା ଦିନରେ ପାଣି ଝରୁଛି। ଉତ୍ତର ପଟ ଶ୍ରେଣୀ ଗୃହର କାନ୍ଥଟି ଦବିଯାଇ ଯେକୌଣସି ସମୟରେ ଓଲଟି ପଡ଼ିବାର ଆଶଙ୍କା ସୃଷ୍ଟି ହେଉଛି। ଫଳରେ ବର୍ଷା ଦିନେ ଶିକ୍ଷକମାନେ

## ସମସ୍ୟାର ସମାଧାନ ପାଇଁ ପ୍ରଧାନଶିକ୍ଷକଙ୍କ ନିବେଦନ

ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବାକୁ ସୁରକ୍ଷିତ ମଣୁନାହାନ୍ତି। ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଭଙ୍ଗା କାନ୍ଥରୁ ମାଟି ଅତଡ଼ା ଖସି ପଡିବା ଓ ଭଙ୍ଗା କାନ୍ଥ ଦେଇ ମାଙ୍କଡ଼ ଶ୍ରେଣୀ ଗୃହକୁ ପଶି ଆସୁଥିବା ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ଏ ବିଷୟରେ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ଦାସ ବାଲେଶ୍ୱର ଜିଲ୍ଲାପାଳ, ଭୋଗରାଇ ଗୋଷ୍ଠୀଶିକ୍ଷାଧିକାରୀଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ରାଭିଭାବକ ସଭାପତି ପ୍ରଦୀପ ଧଡ଼ା, ବନମାଳୀ ପାଳ, ସିପା ମହାନ୍ତି, ତ୍ରିଲୋଚନ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

# ଓଡ଼ିଶା ଏସ୍‌ସିଏସଟି ସୁରକ୍ଷା ମଞ୍ଚ ବୈଠକ

କାଳିପଦା, ୨୫।୧୧ (ସମିସ): ଓଡିଶା ଅନୁସୂଚିତ ଜାତି ଓ ଜନ ଜାତି (ଏସସିଏସଟି) ସୁରକ୍ଷା ମଞ୍ଚର ଏକ ବୈଠକ ସୋମବାର ସନ୍ଧ୍ୟାରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଂଗଠନର ରାଜ୍ୟ ସଭାପତି ସୁଧୀର ଖଣ୍ଡା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆଗାମୀ ତିନି ବର୍ଷ ପାଇଁ ସଂଗଠନର ମାର୍ଗ ଦର୍ଶକ ଭାବେ ଅଧ୍ୟାପକ ଡ. ସୁକାନ୍ତ ଗିରି ଓ ହେମନ୍ତ ଦାସଙ୍କୁ ମନୋନୀତ କରାଯାଇଛି। ସଂଗଠନର ବ୍ଲକ ସଭାପତି ଭାବରେ ତପନ ମାଝୀଙ୍କୁ ମଧ୍ୟ ମନୋନୀତ କରାଯାଇଛି। ସଂଗଠନର ରାଜ୍ୟ ସମ୍ପାଦକ ସଦାଶିବ ସେଠୀ, ଜିଲ୍ଲା ସଭାପତି ସନ୍ୟାସୀ ବେହେରା, ଆରତୀ ପାତ୍ର, ବିଜୟ ମାହାନା, ସୁଧୀର ଜେନା, ମୁକୁନ୍ଦ ସିଂ, ବାଦଲ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜଳିଗଲା ୨ ଦୋକାନ ଘର



ବାଲେଶ୍ୱର,୨୫ ।୧୧(ସମିସ): ବାଲେଶ୍ୱର ସହରର ଫାଣ୍ଡିଛକ ନୂଆ ବଜାର ରାସ୍ତାରେ ଥିବା ଦୁଇଟି ଦୋକାନ ଘର ସୋମବାର ବିଳମ୍ବିତ ପୋଡି ପାଉଁଶ ହୋଇଯାଇଛି । ଫଳରେ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଯାଇଛି । ଫାଣ୍ଡିଛକ ନୂଆ ବଜାର ରାସ୍ତାରେ ରହିଛି ଗୋଟିଏ ସପ, ମଶିଣା ଦୋକାନ ସାଙ୍ଗକୁ ଅନ୍ୟ ଏକ ପ୍ଲାଷ୍ଟିକ ଦୋକାନ ରହିଛି । ହେଲେ ଗତକାଲି ବିଳମ୍ବିତ ରାତିରେ ହଠାତ ଦୋକାନଟି ଜଳିଯାଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ଦମକଳ ବିଭାଗକୁ ଖବର ଦେଇଥିଲେ । ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିବା ବେଳେ ଦୁଇଟି ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା । ଏଥିରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି ।

# ଛତୁଆ ପ୍ରସ୍ତୁତି ଓ ବଣ୍ଟନରେ ଅନିୟମିତତା

**ଜିଲ୍ଲାପାଳଙ୍କୁ ଅଭିଯୋଗ**

ଜଳେଶ୍ୱର ବ୍ଲକ, ୨୫ ।୧୧ (ସମିସ)

ଜଳେଶ୍ୱର ବ୍ଲକରେ ଛତୁଆ ତିଆରି ଓ ବଣ୍ଟନକୁ ନେଇ ଚାଲିଛି ରାଜନୀତି । ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଅବସରରେ ଜଳେଶ୍ୱର ବ୍ଲକର ଜନସାଧାରଣ ଏହି ଛତୁଆ ବଣ୍ଟନ ଓ ତିଆରିକୁ ନେଇ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ଚଳିତ ମାସର ଛତୁଆ ତିଆରି ଓ ବଣ୍ଟନ ପାଇଁ ଜଳେଶ୍ୱର ବ୍ଲକର ଖୁଆଡ ଗ୍ରାମର ମା' କମଳା ଏସଏଚ୍‌ଜି ଗ୍ରୁପକୁ ଆଦେଶ ଦିଆଯାଇଛି । ପୂର୍ବରୁ ୨୦୨୩ ମସିହାରେ ଏହି ଗ୍ରୁପ ପାଖରେ ନକଲି ଫୁଡ ଲାଇସେନ୍ସ ଥିଲେ ମଧ ୩ମାସ ପାଇଁ ଏହି ଗ୍ରୁପକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଯାହାର କୌଣସୀ ମେସିନ, ବିଦ୍ୟୁତ୍ ସଂଯୋଗ, ପାଇଖାନା, ପାଣିର ସୁବିଧା ନ ଥିଲା ବା କୌଣସୀ ଏସ୍‌ଏଚଜି ମହିଳା କାର୍ଯ୍ୟ କରୁ ଥିଲେ । ଫଳରେ ଭୋଗରାଇ ବ୍ଲକର କାଳିମାତା ନାମକ ଗ୍ରୁପ ଛତୁଆ ତିଆରି କରି ଯୋଗାଇ ଥିବାର ଜଣାପଡିଥିଲା । ଅଭିଯୋଗ ପରେ ମା କମଳା ପରିବର୍ତ୍ତେ କଲ୍ୟାଣମୟୀ ନାମକ ଏସଏଚ୍‌ଜି ଗ୍ରୁପକୁ ନିର୍ଦ୍ଦେଶ ଦିଆଯାଇଥିଲା ଓ ଉକ୍ତ ଗ୍ରୁପ ଛତୁଆ ତିଆରି କରି ବଣ୍ଟନ କରିଆସୁଥିଲା । ମାତ୍ର ପୁଣି ବିଭାଗୀୟ ଅଧିକାରୀ ମାନେ ଚଞ୍ଚକତା ଓ ରାଜନୀତିର ଖେଳରେ ଏବେ ସେହି ମା' କମଳା ଗ୍ରୁପକୁ ଛତୁଆ ତିଆରି ଓ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦିଆଯାଇ ଥିବାର ବଦେଖିବାକୁ ମିଳିଛି । ଯେଉଁ ଛତୁଆକୁ ପ୍ରସ୍ତୁତି ଓ ଛୋଟଛୋଟ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ସରକାର ପ୍ରଦାନ କରୁଛନ୍ତି ତାହାକୁ ନେଇ ରାଜନୀତି ଓ ବିଭାଗୀୟ ଅଧିକାରୀ ଖେଳ ନ କରିବାକୁ ଜନସାଧାରଣ ତରଫରୁ ନିବେଦନ କରାଯିବା ସହିତ ସତ୍ୟତା ବିଷୟରେ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ନିକଟରେ ଦାବି କରାଯାଇଛି । ଏ ନେଇ ଜଳେଶ୍ୱର ସିଡିପିଓ ମିନତି ସିଂ କହିଥିଲେ ମୁଁ ମଧ ଖୁଆଡ ଠାରେ ଥିବା ଛତୁଆ ତିଆରି ସେଣ୍ଟରକୁ ପରିଦର୍ଶନରେ ଯାଇଥିଲି ଓ ସେମାନଙ୍କ ପାଖରେ ଆବଶ୍ୟକୀୟ ଯନ୍ତ୍ରପାତି ନଥିବା ପରିଲକ୍ଷିତ ହେବା ସହିତ ପରିଦର୍ଶନବେଳେ ଡାଇରୀରେ ଲିପିବଦ୍ଧ କରିଥିବାର ସୂଚନା ଦେଇଛନ୍ତି ।

## ଖଡ଼ଗପୁର ଡିଭିଜନରେ ବାଣିଜ୍ୟ ବିଭାଗ ଦ୍ୱାରା ସୁରକ୍ଷା ଓ ସଚେତନତା ଅଭିଯାନ



ବାଲେଶ୍ୱର,୨୫।୧୧(ସମିସ): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନର ବାଣିଜ୍ୟ ବିଭାଗ ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସୁରକ୍ଷିତ ଯାତ୍ରା ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଦୂରଗାମୀ ଟ୍ରେନଗୁଡ଼ିକରେ ସୁରକ୍ଷା ଏବଂ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନରେ ବାଣିଜ୍ୟିକ ନିରୀକ୍ଷକମାନେ ୧୮୦୪୫, ୧୨୮୪୧, ୧୨୮୪୨, ୨୨୮୧୮ ଏବଂ ଅନେକ ଅନ୍ୟାନ୍ୟ ଦୂରଗାମୀ ଟ୍ରେନ ସମେତ ଅନେକ ପ୍ରମୁଖ ଟ୍ରେନରେ ବ୍ୟାପକ ଯାଞ୍ଚ ଏବଂ ପରାମର୍ଶ ଅଧିବେଶନ କରିଥିଲେ । ଏହି ଅଭିଯାନ ହାୱଡା-ଖଡ଼ଗପୁର ସେକ୍ସନ, ଖଡ଼ଗପୁର-ବାଲେଶ୍ୱର ସେକ୍ସନ ଏବଂ ବାଲେଶ୍ୱର-ଭଦ୍ରକ ସେକ୍ସନ ମଧ୍ୟରେ କରାଯାଇଥିଲା । ଯାଞ୍ଚ ସମୟରେ ଓଡିଏଚ ଏସ୍ କର୍ମଚାରୀ, ପାଣ୍ଟ୍ରି କାର୍ କର୍ମଚାରୀ ଏବଂ ସୁପରଭାଇଜରମାନଙ୍କ ସହିତ ସମର୍ପିତ ଏସ୍ ଏ ଏମ୍ ଭି ଏ ଏ ଡି ଅଧିବେଶନ ଆୟୋଜନ କରାଯାଇଥିଲା । ଅଧିବେଶନଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଥିଲା । କୋଚ୍ ଏବଂ ପ୍ୟାଣ୍ଟ୍ରି କାରଗୁଡ଼ିକରେ ସ୍ୱଚ୍ଛତା ପରିସ୍ଥିତି ବଜାୟ ରଖିବା ଉପଯୁକ୍ତ ଆବର୍ଜନା ପୃଥକୀକରଣ ଏବଂ ନିରାପଦ ନିଷ୍କାସନ ପଦ୍ଧତି ସୁନିଶ୍ଚିତ କରିବା ଟ୍ରାକଗୁଡ଼ିକରେ ଆବର୍ଜନା ସମ୍ପୂର୍ଣ୍ଣ ଭାବରେ ଏଡ଼ାଇ ଦେବା ହାଉସକିପିଂ ଏବଂ ଜାହାଜରେ ଥିବା କ୍ୟାଟରିଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉନ୍ନତ ଯାତ୍ରୀ ଯାତ୍ରା ଅଭିଜ୍ଞତା ପାଇଁ ସେବା ପ୍ରଦାନରେ ଉନ୍ନତି ଆଣିବା ଟ୍ରାକଗୁଡ଼ିକରେ ଶୂନ୍ୟ ଆବର୍ଜନା ନିଷ୍କାସନର ଉଦ୍ଦେଶ୍ୟ ପାଳନ କରିବା ଏବଂ ଟ୍ରେନ ଭିତରେ ସମସ୍ତ ଅଳିଆ ସଂଗ୍ରହ ପାଇଁ ନିର୍ଦ୍ଦିଷ୍ଟ ଆବର୍ଜନା ସଂରକ୍ଷଣ ବ୍ୟାଗ/ପାତ୍ର ବ୍ୟବହାର କରିବାକୁ ଅନବୋର୍ଡ ଦଳଗୁଡ଼ିକୁ ଦୃଢ଼ ପରାମର୍ଶ ଦିଆଯାଇଥିଲା ।

## ସପ୍ତମ ବାଲିଆପାଳ ପଞ୍ଚାୟତ ସମିତି ବୈଠକ

କାଳିପଦା, ୨୫।୧୧ (ସମିସ): ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୂର୍ବ ବିବରଣୀ ର ପାଠ ଓ ଗ୍ରହଣ, ବିକଶିତ ଗାଁ ବିକଶିତ ଓଡିଶା, ଶିକ୍ଷା ସ୍ୱାସ୍ଥ୍ୟ, ବିଦ୍ୟୁତ, କୃଷି, ପାନୀୟ ଜଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ପଞ୍ଚାୟତ ସମିତି ଚେୟାରମ୍ୟାନ ରଞ୍ଜିତା ନାୟକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ବାବାଜୀ ଦେହୁରୀ, କାଞ୍ଚନ ଜେନା, ବିଡ଼ିଓ ରାଧା ରଞ୍ଜନ ଦାସ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ସହକାରୀ ଅମିତ କୁମାର ମୁର୍ମୁ ଓ ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏବିଡ଼ିଓ ଶରତ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ ।

## ବାଲେଶ୍ୱର ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟା



ବାଲେଶ୍ୱର,୨୫।୧୧(ସମିସ): ଆଇଟିଆଇ ପଡ଼ିଆରେ ଆୟୋଜିତ ବାଲେଶ୍ୱର ଲୋକ ମହୋତ୍ସବ କମିଟିର ସଭାପତି ଅସିତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସପ୍ତମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଶାସକ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ରହି ଯୁବପିଢ଼ିଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ସୋର ବିଧାୟକ ମାଧବ ଧଡା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଓଡିଶା ଅଲିମ୍ପିକ ଆସୋସେସନ ସଭାପତି ସମୀର ମହାନ୍ତି, ଶରତ ଚନ୍ଦ୍ର ମହାଳିକ ଉପସ୍ଥିତ ରହି ମହୋତ୍ସବ ଦ୍ୱାରା ବିକାଶ ସମ୍ଭବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପଦେଷ୍ଟା ବିପ୍ଳବ ମହାନ୍ତି, ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସହ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ଆଶିଷ ସାହୁ କାର୍ଯ୍ୟକାରୀ ସଦସ୍ୟ ଅଜୟ ପ୍ରଧାନ, ସୁରେଶ ଉପାଧ୍ୟାୟ, ସମରେଶ ସାମଲ, ଅମରେନ୍ଦ୍ର ଦାସ, ଅନୁପମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସଂପାଦକ ରାଜେଶ ମହାକୁଡ଼ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଉପସଭାପତି ବିକାଶ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶ୍ରୀମାନ ଶ୍ରୀଚନ୍ଦନ, ନିଶିତ ବାରିକ, ସତ୍ୟ ପ୍ରକାଶ ପତି, ସୌଭାଗ୍ୟ ମାନସ ନାୟକ, ତାପସ ପାଣିଗ୍ରାହୀ, ସମ୍ବିତ ବିଶ୍ୱାଳ, ଶ୍ରୀମନ୍ତ ମାଝୀ, ହ୍ରିତିକ ନାୟକ, ଝାଡ଼େଶ୍ୱର ଜେନା, ସିଲାବ ସତ୍ୟକାମ, ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ । ସପ୍ତମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଏସ୍ ଜିତୁ ସଙ୍ଗୀତ ପରିବେଷଣ କରିଥିବାବେଳେ ଦର୍ଶକ ଏହାକୁ ବେଶ୍ ଉପଭୋଗ କରିଥିଲେ । ଲୋକ ମହୋତ୍ସବ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଘରୋଇ କଲେଜରେ ପ୍ରଶାସନର କାଗଜପତ୍ର ଯାଞ୍ଚ

ସୋର,୨୫।୧୧(ସମିସ): ପ୍ରଶାସନ ପକ୍ଷରୁ ସୋର ଅଞ୍ଚଳରେ ଗଢିଉଠିଥିବା ବିଭିନ୍ନ ଘରୋଇ କଲେଜଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଇଛି । ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶରେ ଆଜି ସୋର ତହସିଲଦାର ଦୈତାରି ମଲ୍ଲିକ ଓ ସୋର ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଶ୍ରୀ ପାତ୍ର ମିଳିତ ଭାବେ ସୋରରେ ଥିବା ୪ଟି ଘରୋଇ ଶିକ୍ଷାନୁଷ୍ଠାନର କାଗଜପତ୍ର ଯାଞ୍ଚ କରିଥିଲେ । ପରେ ସୋର କୁପାରୀ ରାସ୍ତାରେ ଥିବା ଫିଉଚର କଲେଜ ଅଫ ନର୍ସିଂରେ ପିଲାମାନେ ଖାଉଥିବା ସମୟରେ ପହଞ୍ଚି ଖାଦ୍ୟର ମାନ ଯାଞ୍ଚ କରିବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ କଲେଜର ମାଲିକଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ସୋରରେ ଥିବା ବିଭିନ୍ନ କଲେଜ ଓ ମେସ ମାନଙ୍କରେ ଚଢାଉ ହେବ ବୋଲି ଜଣାପଡିଛି ।

## 'ଆମ ଗୌରବ ଆମ କଲେଜ' କାର୍ଯ୍ୟକ୍ରମ




ବାଲେଶ୍ୱର,୨୫।୧୧(ସମିସ): ସଦର ବ୍ଲକ୍ ରସାଲପୁରସ୍ଥିତ ଡା.ଯଦୁନାଥ କଲେଜରେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ 'ଆମ ଗୌରବ ଆମ କଲେଜ' କାର୍ଯ୍ୟକ୍ରମ ଅଧକ୍ଷା ତୃପ୍ତିଲତା ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଂଯୋଜକ ଗୋପୀନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ସଙ୍ଗୀତା ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିଥିଲେ । ସହସଂଯୋଜକ ରସାନନ୍ଦ ବାଗ୍ ମହାବିଦ୍ୟାଳୟ ପ୍ରତି ପୁରାତନ ଛାତ୍ରମାନଙ୍କର ଅବଦାନ ଓ ଭବିଷ୍ୟତରେ ସେମାନେ କଲେଜରେ କେଉଁ ସବୁ ଅଭିନବ କାର୍ଯ୍ୟକ୍ରମ କରିପାରିବେ ସେ ସମ୍ପର୍କରେ ବିବିଧ ପ୍ରସ୍ତାବ ଆଗତ କରିଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ଦିଲ୍ଲୀପ କୁମାର ଦ୍ୱିବେଦୀ ଓ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଅତୀତ ଛାତ୍ର ଜୀବନର ସମସ୍ତ ଅନୁଭୂତି ପ୍ରକାଶ କରିବା ସହିତ ଅନ୍ୟାନ୍ୟ ପୁରାତନ ଛାତ୍ରମାନେ ଆଗତ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଅନ୍ୟତମ ଅଧ୍ୟାପକ-ଅଧ୍ୟାପିକାମାନେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସମ୍ବନ୍ଧରେ ପରାମର୍ଶ ରଖିଥିଲେ । ଉଦ୍ଭିଦ ବିଜ୍ଞାନର ପ୍ରଦର୍ଶକ ସଞ୍ଜୟ କୁମାର ସାହୁ ମଞ୍ଚ ଆବାହନ କରିଥିଲେ । ଇତିହାସ ବିଭାଗ ଅଧ୍ୟାପକ ରସାନନ୍ଦ ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା

**ମଡର୍ଣ୍ଣ ପବ୍ଲିକ ସ୍କୁଲ ବିଜୟୀ**



ବାଲେଶ୍ୱର,୨୫।୧୧(ସମିସ): ସ୍ଥାନୀୟ ଈଶାଣି ପଡ଼ିଆରେ ଚାଲିଥିବା ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଫାଇନାଲ ଖେଳ ମଡର୍ଣ୍ଣ ପବ୍ଲିକ ସ୍କୁଲ ଓ ସିଦ୍ଧି ବିନାୟକ ସ୍କୁଲ ମଧ୍ୟରେ ହୋଇଥିଲା । ପ୍ରଥମେ ମଡର୍ଣ୍ଣ ପବ୍ଲିକ ସ୍କୁଲ ବ୍ୟାଟିଂ କରି ୩୦ ଓଭରରେ ୧୮୨ ରନ ସଂଗ୍ରହ କରି ୫ ୱିକେଟ ହରାଇଥିଲେ । ଶୁଭମ କୁମାର ସାହୁ ୯୯ ରନ୍ ଓ ଅସିତ କୁମାର ଜେନା ୨୭ ରନ୍ ଦଳ ତରଫରୁ ସଂଗ୍ରହ କରିଥିଲେ । ସିଦ୍ଧି ବିନାୟକ ସ୍କୁଲର ଅଭୟ ପାଣ୍ଡେ ୬ ଓଭରରେ ୩୦ ରନ ଦେଇ ୧ ୱିକେଟ ନେଇଥିଲେ । ଏହାର ଜବାବରେ ସିଦ୍ଧି ବିନାୟକ ସ୍କୁଲ ୧୬.୧ ଓଭରରେ ୧୦ ୱିକେଟ ହରାଇ ୬୭ ରନ ସଂଗ୍ରହ କରି ମ୍ୟାଚ ହାରି ଯାଇଥିଲେ । ମଡର୍ଣ୍ଣ ପବ୍ଲିକ ସ୍କୁଲର ଅସିତ ଜେନା ୩.୧ ଓଭରରେ ୧୪ ରନ୍ ଦେଇ ୫ଟି ୱିକେଟ ଓ ତନ୍ମୟ ପାଢୀ ୪ ଓଭରରେ ୧୨ ରନ୍ ଦେଇ ୨ଟି ୱିକେଟ ସଂଗ୍ରହ କରିଥିଲେ । ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘ ଉପ ସଭାପତି ଜଗଦିଶ ବେହେରା ଓ ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତ ରାୟ ଯୋଗଦେଇ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ମ୍ୟାଚକୁ ଅମ୍ପାୟାର ଅଶ୍ୱିନୀ ସାମଲ ଓ ସତ୍ୟକାନ୍ତ ଦାସ ପରିଚାଳନା କରିଥିଲେ । ଦେବବ୍ରତ ନନ୍ଦୀ ଓ ସୁଶୋଭନ ଦାସ ସ୍କୋରର ଥିଲେ ।

## ଲିଙ୍ଗଗତ ହିଂସା ନିରାକରଣ ସଚେତନତା ଅଭିଯାନ

ବାଲେଶ୍ୱର,୨୫।୧୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ "ଲିଙ୍ଗଗତ ହିଂସା ନିରାକରଣର ସଚେତନତା ଅଭିଯାନ'ର ଶୁଭାରମ୍ଭ



ହୋଇଯାଇଛି । ଏହି ସଚେତନତା ଅଭିଯାନ ୨୫ ନଭେମ୍ବରରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ଜୁତିକାରାଣୀ ରୟ, ଗିରିବାଳା ମହାନ୍ତ, ପ୍ରଦୀପ କୁମାର ପାଲ ପ୍ରମୁଖ ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ । ଏହାବ୍ୟତୀତ ଗୋପାଳ କୃଷ୍ଣ କର, ହରିଶ ଚନ୍ଦ୍ର ରାଜ, ଆର୍ ଡି ଏଫ୍ ପରିବାର ପରାମର୍ଶ କେନ୍ଦ୍ରର ସମସ୍ତ ପରାମର୍ଶଦାତା, ଆଶା, ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟିକା ସମସ୍ତ କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ଯୁବତୀ ଉଦ୍ଧାର; ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ବାଲେଶ୍ୱର,୨୫ ।୧୧(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅର୍ନ୍ତଗତ ବାହାନଗା ଅଞ୍ଚଳର ଜଣେ ଯୁବତୀକୁ ଆଜି ଟାଉନ ପୁଲିସ ସ୍ଥାନୀୟ ଗଡଗଡିଆ ଛକ ଠାରୁ ଉଦ୍ଧାର କରିଛି । ପରେ ପୁଲିସ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି । ପରେ ସିଡବ୍ଲ୍ୟୁସିର ମେମ୍ବରମାନେ ଉକ୍ତ ଝିଅଟିକୁ ବାଲେଶ୍ୱରସ୍ଥିତ ଶକ୍ତି ସଦ(ନାରୀ ସଂଘ)ରେ ରଖିଛି । ଆଜି ସକାଳେ ଗଡଗଡିଆ ଛକଠାରେ ଗୋଟିଏ ଝିଅ ମାନସିକ ଚାପରେ ଥିବା ସହ ଗୋଟିଏ ସ୍ଥାନରେ ବସିଥିବା ଟାଉନ ପୁଲିସ ଖବର ପାଇଥିଲା । ପୁଲିସ ତୁରନ୍ତ ସେଠାରେ ପହଁଚି ଝିଅଟିକୁ ସେଠାରୁ ଉଦ୍ଧାର କରି ଥାନାକୁ ଆଣିଥିଲା । ତାଙ୍କୁ ସେଠାରେ ପଚରା ଉଚରା କରିବା ପରେ ତୁରନ୍ତ ସିଡବ୍ଲ୍ୟୁସିକୁ ଖବର ଦେବା ପରେ ସିଡବ୍ଲ୍ୟୁସି ମେମ୍ବରମାନେ ପହଁଚି ତାଙ୍କୁ ସେମାନଙ୍କ କାର୍ଯ୍ୟାଳୟକୁ ନେଇଯାଇଥିଲେ । ଏ ନେଇ ସିଡବ୍ଲ୍ୟୁସି ମେମ୍ବର ପ୍ରଫେସର ଶତ୍ରୁଘନ ମଲ୍ଲିକ କହିଛନ୍ତି ଯେ, ଟାଉନ ପୁଲିସ ଖବର ଦେବା ପରେ ସେମାନେ ସେଠାରେ ପହଁଚି ତାଙ୍କୁ ସାଙ୍ଗରେ ଆଣିଥିଲେ । ପରେ ସେମାନେ ଉକ୍ତ ଝିଅଟିକୁ କାଉନସେଲିଂ କରିବା ପରେ ତାଙ୍କ ଠାରୁ କୌଣସି ସଠିକ ତଥ୍ୟ ପାଇ ନ ଥିଲେ । ଫଳରେ ତାଙ୍କୁ ନେଇ ଶକ୍ତ ସଦନ(ନାରୀ ସଂଘ)ରେ ରଖିଥିଲେ । ତେବେ ତାଙ୍କୁ ଆଉ ଥରେ କାଉନସେଲିଂ କରାଯିବ ବୋଲି କହିଛନ୍ତି । ଟିମରେ ପ୍ରିୟରଞ୍ଜନ ମହାନ୍ତି ଏବଂ ଅନୀତା କର ମଧ ଉପସ୍ଥିତ ଥିଲେ ।

## ବରାଳ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



ଜଳେଶ୍ୱର ବ୍ଲକ, ୨୫।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ଗ୍ରାମ ପଞ୍ଚାୟତର ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ଶିଖରପୁରଠାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୮୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା ସେଥିମଧ୍ୟରୁ ବଳରାମ ଦାସ ସବ ଜୁନିୟର, ସାଇ ଅଭିଜିତ ପ୍ରଧାନ ଜୁନିଅର ଓ ରାହୁଲ କୁମାର ଗୀରି ସିନିୟର୍ ମନୋନୀତ ହୋଇ ବ୍ଲକ୍ ସ୍ତରକୁ ଯାଇଛନ୍ତି । ଏହି ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ସିଆର୍‌ସିସି ଶମ୍ଭୁନାଥ ସାହୁ ବିଚାରକ ଗିରିଶ ଚନ୍ଦ୍ର ସାହୁ ଓ ରାମକୃଷ୍ଣ ଦାସ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଜନୀ ହାଁସଦା ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରମକୃଷ୍ଣ ଗିରି, ବନ୍ଧନ କୁମାର ସିଂହ, ଦେବୀଦତ୍ତା ବାରିକ୍, ଅଶ୍ୱନୀ ଦାସ, ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଜ୍ଞାନ ମେଳା କାର୍ଯ୍ୟକ୍ରମକୁ ସୁଚାରରୂପେ ତୁଲାଇ ଥିଲେ ।

## ବାଲେଶ୍ୱର ଓ ରେମୁଣାରେ ଏକତା ପଦଯାତ୍ରା




ବାଲେଶ୍ୱର,୨୫ ।୧୧(ସମିସ)


ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ସମସ୍ତ ସଂସଦୀୟ କ୍ଷେତ୍ରର ତିନୋଟି ସ୍ଥାନରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରଥମେ ନୀଳଗିରି ଠାରେ ଆୟୋଜିତ ହୋଇଥିବା ବେଳେ ଦ୍ୱିତୀୟରେ ଭୋଗରାଇ ଠାରେ ଅନୁଷ୍ଠିତ ହୋଇଥିଲା । ଆଜି ତୃତୀୟ ପର୍ଯ୍ୟାୟରେ ବାଲେଶ୍ୱର ସଦର ଏବଂ ରେମୁଣାରେ ଅନୁଷ୍ଠିତ ହୋଇଯାଇଛି । ଭୀମପୁର ସ୍ଥିତ ସ୍ପୋର୍ଟସ ହଷ୍ଟେଲ ପଡିଆ ଠାରେ ଉଦଘାଟନୀ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଷଡଙ୍ଗୀଙ୍କ ସମେତ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଦୁଇଜଣ ଅତିରିକ୍ତ ଜିଲ୍ଲାପାଳ, ସଦର ଏବଂ ନୀଳଗିରି ଉପ ଜିଲ୍ଲାପାଳ, ସିଭିଲ ସୋସାଇଟି ପ୍ରତିନିଧି ଈଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏକତାର ଶପଥ ପାଠ କରାଇ ପଦଯାତ୍ରାର ଫ୍ଲାଗ ଅଫ କରିଥିଲେ । ଏଥିରେ ବହୁ ଛାତ୍ରଛାତ୍ରୀ, ମହିଳା, ଜନ ସାଧାରଣ, ସିଭିଲ ସୋସାଇଟି ସଦସ୍ୟ, ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଏହି ପଦଯାତ୍ରା ସହଦେବଖୁଣ୍ଟାସ୍ଥିତ ଦୁର୍ଗା ମଣ୍ଡପରେ ଥିବା ସାଂସ୍କୃତିକ କିଓସ୍କ ଦେଇ ଫକୀର ମୋହନ ଗୋଲେଇ ହୋଇ ଫାଣ୍ଡି ଛକ ଦେଇ ବାଲେଶ୍ୱର ଜିଲ୍ଲା ସ୍କୁଲ ଷ୍ଟାଡିୟମଠାରେ ପହଞ୍ଚିଥିଲା । ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଏହା ଅନ୍ତିମ ଚରଣ ଥିବା ବେଳେ ଜିଲ୍ଲାର ଅନ୍ତିମ ପଦଯାତ୍ରା ସିମୁଳିଆଠାରେ ୨୬ତାରିଖ ବୁଧବାର ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

## ବାର୍ ଆସୋସିଏସନ୍ ପକ୍ଷରୁ ହରିହର ଦାଶ ସ୍ମାରକୀ ଟୁର୍ଣ୍ଣାମେଣ୍ଟ



ବାଲେଶ୍ୱର,୨୫।୧୧(ସମିସ): ବାର୍ ଆସୋସିଏସନ୍ ପ୍ରୟାସରେ ହରିହର ଦାଶ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ହାଇକୋର୍ଟ ବାର୍ ଆସୋସିଏସନ୍ ଓ ଏମ୍ ଭି ବାର୍ ଆସୋସିଏସନ ମଧ୍ୟରେ ମୁକାବିଲା ହୋଇଥିଲା । ଏମ୍‌ଭି ବାର ଆସୋସିଏସନ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ବାର ଆସୋସିଏସନ ସହିତ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେସନ୍ ବାର ଆସୋସିଏସନର ମୁକାବିଲା ହୋଇଥିଲା । ଏଥିରେ ଭୁବନେଶ୍ୱର ବାର ଆସୋସିଏସନ ବିଜୟ ଲାଭ କରିଥିଲା । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦୀପ କର, ରଘୁନାଥ ମହାଳିକ, ସୁଜୟ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଥିଲା । ଭାଷ୍ୟକାର ଗୌତମ ଭୋଇ, ଚକ୍ରଧର ମହାନ୍ତି ଉଚ୍ଚକୋଟୀର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ଆଇନଜୀବୀ ମନୋଜ ନାୟକ, ଅଭିଜିତ ପଣ୍ଡା, ସାହିରୁଲ ହକ୍, ସଞ୍ଜୀବ ମିଶ୍ର, ସୁଶୀଲ ଦତ୍ତ, ଦୀପକ ଦାଶ, ଦେବାଶିଷ ପାତ୍ର, ଦୀପ୍ତିକାନ୍ତ ମିଶ୍ର, ନିଶାନ୍ତ ପଟ୍ଟନାୟକ, ବିକ୍ରମ ମହାନ୍ତି, ଗିରୀଶ ପଣ୍ଡା, ସମୀର ଦେ, ଗୋପାଳ ଶତପଥୀ, କିଶୋର ଦାସ, ଗଣେଶ୍ୱର ରାଉତ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ । ଦୁଇ ଜଣ ଅମ୍ପାୟାର ପ୍ରଶଂସିତ ହୋଇଛନ୍ତି ।

# ସମ୍ପାଦକୀୟ



ଶିଶୁ ଶ୍ରମିକ ପ୍ରଥା ମାନବିକତା ବିରୋଧୀ... । ମୋ ଜୀବନକାଳ ମଧ୍ୟରେ ଏହି ଘୃଣ୍ୟ ପ୍ରଥାର ସମାପ୍ତି ମୁଁ ଦେଖିବି

- କୈଳାସ ସତ୍ୟାର୍ଥୀ

ସକାଳ
THE SAKALA

## ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ

ଦୀର୍ଘ ୭୯ ବର୍ଷର ଯାତ୍ରାରେ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଉତ୍‌ଥାନ ପତନର ସମ୍ମୁଖୀନ ହୋଇଛି । ଗଣତନ୍ତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି । କିନ୍ତୁ ସମ୍ବିଧାନର ସାହାରାରେ ପୁଣି ଅଣ୍ଟା ସଳଖି ବିଶ୍ୱ କୂଟନୀତି, ଭୂ-ରାଜନୀତି ସହିତ ସଦର୍ପେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଆଗରେ ଏବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଉତ୍ତରଦାୟିତ୍ୱର ଅଭାବ । ସାମଗ୍ରିକ ଶାସନ ବ୍ୟବସ୍ଥାକୁ ନିରେଖି ଦେଖିଲେ ସମ୍ବେଦନଶୀଳ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ଗଣତନ୍ତ୍ରର ଚାରି ସ୍ତମ୍ଭ ବିଧାନପାଳିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ ନିଜ ନିଜ ଉତ୍ତରଦାୟିତ୍ୱ ନିର୍ବାହ କରିବାରେ ନିଷ୍ଠାବାନ ତ? ଏହାର ତିକ୍ତ ଅପ୍ରିୟ ଉତ୍ତର ନାସ୍ତିବାଚକ ହେବାକୁ ବାଧ୍ୟ ।

ସମ୍ବିଧାନ ଆମକୁ ଅଭିବ୍ୟକ୍ତିର ସ୍ୱାଧୀନତା, ସ୍ୱୟଂଶାସନର କ୍ଷମତା ଓ ଅନେକ ମୌଳିକ ଅଧିକାର ଦେଇଛି । କିନ୍ତୁ ଏହି ସ୍ୱାଧୀନତାକୁ ବ୍ୟବହାର କଲା ବେଳେ କିମ୍ବା କ୍ଷମତାର ପ୍ରୟୋଗ କିମ୍ବା ମୌଳିକ ଅଧିକାର ସାବ୍ୟସ୍ତ କଲା ବେଳେ ଉତ୍ତରଦାୟିତ୍ୱର ଅଭାବ ପରିଲକ୍ଷିତ ହେଉଛି । ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ବିଧାନପାଳିକା ନୀତି ନିର୍ଦ୍ଧାରକମାନଙ୍କର ନିତାନ୍ତ ସ୍ୱଅଧିକାର କ୍ଷେତ୍ର ହୋଇଥିଲେ ମଧ୍ୟ ନିର୍ବାଚିତ ଜନପ୍ରତିନିଧି ହିସାବରେ ରାଷ୍ଟ୍ର ଓ ନାଗରିକଙ୍କ ପ୍ରତି ସେମାନଙ୍କ କାର୍ଯ୍ୟଧାରା ଉତ୍ତରଦାୟିତ୍ୱର ଶୃଙ୍ଖଳାରୁ ମୁକ୍ତ ନୁହେଁ । କିନ୍ତୁ ସାମ୍ବିଧାନିକ ମୂଲ୍ୟବୋଧକୁ କ୍ଷମତାସୀନ ଦଳମାନେ ନିଜକୁ ସୁହାଇବା ପରି ମୋଡ଼ିମକଚି ଦେବାରେ କୁଣ୍ଠାବୋଧ କରୁନଥିବାର ଅଭିଯୋଗ ବହୁଳ । ସେହିପରି ବିରୋଧୀ ଦଳର ଉଚ୍ଚାରଣ ଓ ଆଚରଣ ଉତ୍ତରଦାୟିତ୍ୱମୁକ୍ତ ହୋଇ ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ବିଶ୍ୱସନୀୟତା ସଙ୍କଟ ସୃଷ୍ଟି କରୁଛି । ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର-ରାଜ୍ୟ ଭିତରେ ସେତୁ ଭାବରେ କାର୍ଯ୍ୟ କରିବା ପାଇଁ ସମ୍ବିଧାନ କେତେକ ନିର୍ଦ୍ଦିଷ୍ଟ କ୍ଷମତା ଓ ଅଧିକାର ଦେଇଛି ଏବଂ କିଛି ଲକ୍ଷ୍ମଣରେଖା ଟାଣିଛି । ଅଥଚ ଉତ୍ତରଦାୟିତ୍ୱ ଅଭାବରୁ ସେହି ସେହି କ୍ଷମତା ଓ ଅଧିକାରର ଦୁରୁପଯୋଗ ଅନେକ ସମୟରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି ଏବଂ ନ୍ୟାୟପାଳିକାକୁ ଅଯଥା ହସ୍ତକ୍ଷେପ କରିବାକୁ ପଡୁଛି ।

ସେହିପରି କାର୍ଯ୍ୟପାଳିକା ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ନିର୍ବାହ ବେଳେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ନ ଦେଇ କ୍ଷମତାସୀନ ଦଳର ହାତବାରିସି ହେଉଥିବାରୁ ସାଧାରଣରେ ନିନ୍ଦିତ ହେଉଛି, ଯାହାଫଳରେ ସାମଗ୍ରିକ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଭାବିତ ହେଉଛି । ନ୍ୟାୟପାଳିକାର ରାୟ ମଧ୍ୟ ଅନେକ ସମୟରେ ଦୂରଦର୍ଶୀ ନ ହୋଇ ତତ୍କାଳିକ ସାମାଧାନଭିତ୍ତିକ ହେଉଥିବାରୁ ରାୟର ପୁନଃତର୍ଜମା କରି ସଂଶୋଧନ କରିବାକୁ ପଡୁଛି । ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ସାମ୍ବିଧାନିକ ଲକ୍ଷଣରେଖାର ସମ୍ମାନରକ୍ଷାରେ ଉତ୍ତରଦାୟିତ୍ୱ ଉପରେ ନାଗରିକ ସମାଜ ଦ୍ୱାରା ପ୍ରଶ୍ନ ଚିହ୍ନଟିଏ ଉଠୁଛି । ଗଣତନ୍ତ୍ରର ଜାଗ୍ରତ ପ୍ରହରି ଗଣମାଧ୍ୟମ ମଧ୍ୟ ଉତ୍ତରଦାୟିତ୍ୱ ନିର୍ବାହରେ ଅବହେଳା ଅଭିଯୋଗରୁ ମୁକ୍ତ ନୁହେଁ । ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ଓ ବିବିଧ ଆହ୍ୱାନଭରା ବିଶ୍ୱରେ ନିରପେକ୍ଷ ସମ୍ବାଦ ପରିବେଷଣ କରି ତିଷ୍ଠି ରହିବା ସମ୍ପୂର୍ଣ୍ଣ ସମ୍ଭବ ନ ହେଲେ ମଧ୍ୟ ଗଣମାଧ୍ୟମର ବିଶ୍ୱସନୀୟତା ଓ ପବିତ୍ରତା ହନନ ହେବା ଅନୁଚିତ । କିନ୍ତୁ ବାଧ୍ୟବାଧକତାରେ ହେଉ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହେଉ ଅନେକ ସମୟରେ ବିଭ୍ରାନ୍ତିକର, କପୋଳକଳ୍ପିତ, ପକ୍ଷପାତପୂର୍ଣ୍ଣ ଓ ପରସ୍ପର ବିରୋଧୀ ଖବରମାନ ପ୍ରକାଶ ପାଇଲେ ପାଠକୀୟ ସମାଜର ଗଣମାଧ୍ୟମ ପ୍ରତି ଶ୍ରଦ୍ଧା, ସମ୍ମାନ, ଭରସା ତୁଟିବା ସ୍ୱାଭାବିକ । ଏହାଫଳରେ ଗଣ ଓ ସରକାରଙ୍କ ମଧ୍ୟରେ ସେତୁଟି ଦୁର୍ବଳ ହେଉଛି ଏବଂ ଶାସନତନ୍ତ୍ର ସ୍ୱୈରଚାର ଆଡ଼କୁ ଟାଣି ହୋଇଯିବାର ଅବାଞ୍ଛିତ ସୁଯୋଗ ସୃଷ୍ଟି କରୁଛି, ଯାହା ଗଣତନ୍ତ୍ରର ପରିପନ୍ଥୀ । ତେଣୁ ଗଣମାଧ୍ୟମ ନିଜକୁ ସ୍ୱଚ୍ଛ, ସ୍ୱଷ୍ଟ କରିବା ସହିତ ଉତ୍ତରଦାୟୀ ହେବା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ।

ମୋଟ ଉପରେ ଦେଖିବାକୁ ଗଲେ କେବଳ ଗଣତନ୍ତ୍ରର ଚାରି ସ୍ତମ୍ଭ ନୁହେଁ, ନାଗରିକମାନେ ମଧ୍ୟ ନିଜ ନିଜ ଉତ୍ତରଦାୟିତ୍ୱ ପ୍ରତି ସଚେତନ, ନିଷ୍ଠାବାନ୍ ଓ ସମ୍ବେଦନଶୀଳ ନୁହନ୍ତି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନାଗରିକଙ୍କୁ ସ୍ୱାବଲମ୍ବନ ଓ ଅର୍ଥ ଉପାର୍ଜନର ସ୍ୱାଧୀନତା ଓ ଅଧିକାର ଆମ ସମ୍ବିଧାନ ଦେଇଛି । କିନ୍ତୁ ଏହା ସହିତ ସମାଜ ଓ ରାଷ୍ଟ୍ରର ସାମୂହିକ ମଙ୍ଗଳ ଓ କଲ୍ୟାଣସାଧନ ପାଇଁ ଯେଉଁ ଉତ୍ତରଦାୟିତ୍ୱ ଯୋଡ଼ି ହୋଇଛି ତାହାର ଘୋର ଅଭାବ ରହିଥିବାରୁ ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ବୈଷମ୍ୟ ଉତ୍କଟ ହେବାରେ ଲାଗିଛି । ସ୍ୱାବଲମ୍ବନର ଅର୍ଥ ନୁହେଁ ସର୍ବସାଧାରଣରେ ନିଷେଧ ଦ୍ରବ୍ୟ ବିକ୍ରି କରିବା କିମ୍ବା ନିଷିଦ୍ଧ ଓ ଅଶୋଭନୀୟ କାର୍ଯ୍ୟକଳାପ ପ୍ରଦର୍ଶନ କରିବା । ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଉର୍ଦ୍ଧ୍ୱରେ ଆମ ସମାଜ ଆମ ପାଇଁ କେତେକ ସଂସ୍କାର, ସଂଭ୍ରମ, ସଂଯମ ଓ ଶିଷ୍ଟତାର ଲକ୍ଷ୍ମଣରେଖା ଟାଣିଛି । ସ୍ୱାଧୀନତାର ପରିପ୍ରକାଶ ଓ ଅଧିକାର ସାବ୍ୟସ୍ତ ବେଳେ ଏହି ଲକ୍ଷ୍ମଣରେଖାର ସୁରକ୍ଷା ଓ ସମ୍ମାନ ପ୍ରତି ଥିବା ଆମର ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । କିନ୍ତୁ ଏହାର ତୀବ୍ର ଉଲ୍ଲଙ୍ଘନ ଓ ଉତ୍ତରଦାୟିତ୍ୱର ଅଭାବ ହେତୁ ଶିଳ୍ପ, ଶବ୍ଦ, ଜଳ ପ୍ରଦୂଷଣ ପରି ଭୀଷଣ ପରିବେଶ ସଙ୍କଟ ସୃଷ୍ଟି ହେଉଛି, ସାଂସ୍କୃତିକ ଅବକ୍ଷୟ ଘଟୁଛି ଏବଂ ମାନବୀୟ ସଂହତିର ବିପରୀତ ବାତାବରଣକୁ ଜନ୍ମ ଦେଉଛି । ଏହା ସମ୍ବିଧାନ ପ୍ରଦତ୍ତ ସ୍ୱଚ୍ଛ ଓ ସାବଲୀଳ ଜୀବନ ଜିଇଁବାର ଅଧିକାରର ପରିପନ୍ଥୀ । ଗୋଟିଏ ଅଧିକାର ସାବ୍ୟସ୍ତ ବେଳେ ଉତ୍ତରଦାୟିତ୍ୱ ନ ରହିଲେ ତାହା ଅନ୍ୟର ଅଧିକାରକୁ ହନନ କରେ । ଏହାଦ୍ୱାରା ସ୍ୱାଧୀନତା ହିଁ ଅର୍ଥହୀନ ହୋଇପଡ଼େ ।

ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଆମ ସମ୍ବିଧାନ ଅଧିକ ପରିପକ୍ୱ ହେଉଛି । ସାମ୍ପ୍ରତିକ ଅସ୍ଥିର ଭୂ-ରାଜନୈତିକ ପୃଷ୍ଠଭୂମିରେ ନାଗରିକ ଭାବେ ଆମର କର୍ତ୍ତବ୍ୟ ହେଉଛି ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପ୍ରତି ଥିବା ଆମର ଉତ୍ତରଦାରୟିତ୍ୱର ନିର୍ବାହନ । ସ୍ୱାଧୀନତାର ଉପଭୋଗ ସହିତ ଉତ୍ତରଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ହୋଇପାରିଲେ ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିପାରିବ ଏବଂ କ୍ଷମତାର ମଧ୍ୟ ସୁଷମ ଓ ସନ୍ତୁଳିତ ସଦୁପଯୋଗ ସୁନିଶ୍ଚିତ ହେବ ।

## ଦୁର୍ନୀତି ଓ ଦୁରାଚାର

ବୈକୁଣ୍ଠନାଥ ମିଶ୍ର

ଏକ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟ ଯେଉଁ ଆତ୍ମଗରିମା ଲାଭ କରି ଅନ୍ୟ ଉପରେ ଶ୍ରେଷ୍ଠତ୍ୱ ଜାହିର କରି ଆସୁଥିଲା, ତାହା କେବଳ ଏକ ବାଚନିକ ସଂଶ୍ଳେଷଣ । ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । କାରଣ ମଣିଷର ସାମାଜିକ ତତ୍ତ୍ୱ ଆଜି ଘୋର ବିତର୍କ ମଧ୍ୟକୁ ଠେଲି ହୋଇଯାଇଛି । ବାହ୍ୟରୂପକୁ ଦେଖି କୌଣସି ମଣିଷର ସ୍ୱଭାବ ଆକଳନ କରିବା କେବେ ବି ନିର୍ଭୁଲ ହୋଇ ନପାରେ । ବାହ୍ୟଦୃଷ୍ଟିରେ ଗୁରୁଗମ୍ଭୀର ଅଥବା ଧୀରପ୍ରଶାନ୍ତ, ପୁଣି ଅଙ୍ଗରାଜିରେ ବୟସର ଛାପ ପରିଲକ୍ଷିତ ହେଉଥିଲେ ମଧ୍ୟ ଅନ୍ତରରେ କୁତ୍ସିତ ଆଦିମତା ଭରପୂର ରହିଛି । ଏଭଳି ତତ୍ତ୍ୱମାନଙ୍କୁ ଦେଖିଲେ ମନରେ ସ୍ୱତଃ ସନ୍ଦେହ ଉପୁଜେ ଯେ ବ୍ୟକ୍ତିଟିକୁ ଆମେ ଯାହା ମନେକରୁ ସେ ତାହା ନୁହେଁ । ତେବେ ବିଶ୍ୱାସ ଶବ୍ଦଟି କ'ଣ ସମୟର ପ୍ରଭାବରେ ମରି ହଜି ଯିବାକୁ ବସିଛି । ଯଦି ବିଶ୍ୱାସର ବିଲୟ ଘଟେ ତେବେ ମାନବିକତା ତିଷ୍ଠିବ କିପରି? ତେବେ କ'ଣ ମନୁଷ୍ୟ କ୍ରମେ ପଶୁଠାରୁ ବି ନିମ୍ନସ୍ତରକୁ ଖସିଯାଉଛି? ଜଣେ ଚିନ୍ତାଶୀଳ ବ୍ୟକ୍ତିର ମନୋରାଜ୍ୟରେ ଆଜି ସହସ୍ର ସଂଶୟର ଭୂକମ୍ପନ ।

ସମାଜରେ ଶୃଙ୍ଖଳା ନାହିଁ । ବ୍ୟକ୍ତିର ବ୍ୟକ୍ତିତ୍ୱ ଭୂଲୁଣ୍ଠିତ । ନାରୀର ଇଜ୍ଜତ ପ୍ରତି କେହି ସମ୍ବେଦନଶୀଳ ନୁହନ୍ତି । ସରକାରର ତିନିଟିଯାକ ଅଙ୍ଗ- ବ୍ୟବସ୍ଥାପିକା, ଶାସନ ଓ ନ୍ୟାୟପାଳିକା ଅଳ୍ପବହୁତେ କୀଟଦ୍ରଂଷ୍ଟ । ଗୁରୁ ହରାଇ ବସିଲେଣି ଗୁରୁତ୍ୱ । ନିଜ ପୁତ୍ରୀ ସମାନ ଛାତ୍ରୀଟି ଗୁରୁଙ୍କଠାରୁ ଲାଭ କରୁଛି ଅବାଞ୍ଛିତ ମାତୃତ୍ୱ । ଈଶ୍ୱରଙ୍କ ଅନ୍ୟ ଏକ ଅବତାର ଚିକିତ୍ସକ ପବିତ୍ର କର୍ତ୍ତବ୍ୟରୁ ଓହରି ଯାଇ ଅର୍ଥ ଲିପ୍ସାର ଗୋଲାମ ସାଜୁଛି । ମନସ୍ଥିର, ଜ୍ଞାନଧୀର, କର୍ମଚଞ୍ଚଳ ଓ ଭକ୍ତପାଗଳ ଭଳି ମହାର୍ଘ ବାଣୀ ଆଜି ବିଲକ୍ଷଣଯୁକ୍ତ । କେଉଁଠି ପତ୍ନୀ ନିଜ ପ୍ରେମିକ ସହ ହାତ ମିଳାଇ ପତିଙ୍କର ମୃତ୍ୟୁଲୀଳା ରଚିଲାଣି ତ ପୁଣି କେଉଁଠି ପରକୀୟା ପ୍ରୀତିରେ ନିମଗ୍ନ କାମୁକ ପୁରୁଷଟି ପତିପ୍ରାଣା ପତ୍ନୀଙ୍କୁ ଦେଉଛି ହତ୍ୟାର ଉପହାର । ବୃଦ୍ଧ ପିତାମାତା ଆତ୍ମଜଙ୍କ ଦ୍ୱାରା ଉପେକ୍ଷିତ ଓ ଲାଞ୍ଛିତ ହୋଇ ଶେଷଦିନର ଅବଗଣନା କରୁଛନ୍ତି ।

ମଣିଷ ନା ନିଜେ ସୁଖରେ ରହି ପାରୁଛି, ନା ଅନ୍ୟକୁ ସୁଖରେ ରହିବାରେ ସହାୟକ ହେଉଛି । ବିନା ଶାସନ, ବିନା ଭୟରେ ସମସ୍ତେ ଏକ ଉଦ୍ଦାମ ସ୍ୱାଧୀନତା ଉପଭୋଗରେ ନିମଗ୍ନ । ଭୟ ଥିଲେ ରାଜ୍ୟର ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୁବକଟି ମାତ୍ର ୧୫ହଜାର ଟଙ୍କାର ଲାଞ୍ଚ ନେଇ ବିଚାରାଧୀନ ଅପରାଧୀ ସାଜି ନ ଥା'ନ୍ତା । ଭୟ ଥିଲେ ଏଏସଆଇ ଚାକିରି କରାଇ ଦେବାକୁ ମୁଣ୍ଡପିଛା ୨୫ଲକ୍ଷ ଟଙ୍କାର ଲାଞ୍ଚ ଆଦାୟ କରି ପୁଲିସ୍ ହାତରେ ଧରା ପଡ଼ି ନ ଥା'ନ୍ତେ । ଦୁର୍ନୀତି ଏକ ସଂକ୍ରାମକ ରୋଗର ରୂପ ନେଇ ସାରିଥିବା ବେଳେ ଯୌନ ଉଚ୍ଛୃଙ୍ଖଳତା ଏକ ଦୁରାରୋଗ୍ୟ ସଂକ୍ରାମକ ଭାବେ ତୀବ୍ର ପ୍ରସାର ଲାଭ କରିବାରେ ଲାଗିଛି । ଦୁର୍ନୀତି ଓ ଦୁରାଚାର ସମାଜର ସବୁସ୍ତରକୁ ବ୍ୟାପିଗଲାଣି । ଏଥିରୁ ଶିକ୍ଷକ, ପ୍ରଶାସକ, ଚିକିତ୍ସକ, ନେତା ଅଭିନେତା ଓ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ କେହି ବି ମୁକ୍ତ ନୁହନ୍ତି ।

ଚଳଚିତ୍ର ଜଗତରେ କାଷ୍ଟିଂ କାଉଚ (ଅଭିନୟ ପାଇଁ ସୁଯୋଗ ଦେବା ଆଳରେ ଅଭିନେତ୍ରୀମାନଙ୍କ ପ୍ରତି ଯୌନ ଆକାଂକ୍ଷା ପୋଷଣ କରିବା ) ଏକ ଲୁକ୍‌କାୟିତ ପ୍ରକ୍ରିୟା, ଯାହା ସମୟାନ୍ତରେ ପ୍ରକଟିତ ହୋଇ ସଭ୍ୟ ସମାଜର ଭ୍ରୂକୁଞ୍ଚନ ସୃଷ୍ଟିକରେ । ୨୦୧୭ ମସିହାରେ ହଲିଉଡ୍ ଚଳଚିତ୍ର ପ୍ରଯୋଜକ ୱାଇନ୍‌ଷ୍ଟାଇନ୍, ଯେକି ଫିଲ୍ମ ଜଗତର ଜଣେ କ୍ଷମତାଶାଳୀ ବ୍ୟକ୍ତିତ୍ୱ ତାଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ପ୍ରାୟ ୮୦ଜଣ ଅଭିନେତ୍ରୀ । ସେଥିପାଇଁ ୱାଇନ୍‌ଷ୍ଟାଇନ୍‌ଙ୍କୁ ନିଜ କମ୍ପାନୀ ବହିଷ୍କାର କରିଥିଲା । ସେହିପରି ଲୋକପ୍ରିୟ ନିର୍ଦ୍ଦେଶକ ଜେମ୍ସ୍ ଟବାକଙ୍କ ନାମରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ୨୩୮ଜଣ ମହିଳା । ଫିଲ୍ମ ଜଗତରେ ପୁରୁଷମାନଙ୍କ ଆଧିପତ୍ୟ ରହୁଥିବାରୁ ନାରୀଙ୍କ ସ୍ୱର ଗୌଣ ହୋଇଥାଏ । ମାତ୍ର କୌଣସି କ୍ଷେତ୍ରରେ ଗୋଟିଏ ନାରୀ ସାହସ ସଞ୍ଚୟ କରି ସ୍ୱର ଉଠାଇଲେ ଅନ୍ୟ ପୀଡ଼ିତାମାନେ ନିଜ ଉପରେ ବହିଯାଇଥିବା ଅପ୍ରକାଶ୍ୟ ଝଡ଼କୁ ପ୍ରକାଶ କରିବାର ସୁଯୋଗ ପା'ନ୍ତି । ସମ୍ମାନହାନି ଭୟରେ ମହିଳାମାନେ ଅଧିକାଂଶ କ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ ନିରବ ରହିବାକୁ ଶ୍ରେୟ ମଣନ୍ତି । ନାରୀମାନେ ଯୌନାଚାର ବିରୋଧରେ ନିରବତା ଅବଲମ୍ବନ କରନ୍ତି । କାରଣ ସେମାନଙ୍କୁ ହିଁ ପ୍ରଥମେ କଷ୍ଟ ଭୋଗିବାକୁ ହେବ ।

ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ସଦ୍ୟ ଆକଳନ ଅନୁଯାୟୀ ଭାରତରେ ଦୈନିକ ୪୨୦ ମହିଳା ଯୌନ ଅତ୍ୟାଚାରର ଶିକାର ହେଉଛନ୍ତି । ଧର୍ଷଣ, ଅପହରଣ, ଯୌତୁକ ଜନିତ ମୃତ୍ୟୁ ଓ ପରକୀୟା ପ୍ରୀତିର କରୁଣ ପରିଣତି ଯେପରି ଭାବରେ ବଢ଼ି ଚାଲିଛି, ନିଜକୁ ଏକ ସଭ୍ୟ ଜାତିର ଦାୟଦ କହିବାକୁ ଲଜ୍ଜାବୋଧ ହେଉଛି । ଦିବ୍ୟଜନନୀ ଶ୍ରୀମା କହନ୍ତି -'ପ୍ରତ୍ୟେକ କନ୍ୟାରତ୍ନ ଉଦ୍ୟାନର ଗୋଟିଏ ଗୋଟିଏ ପୁଷ୍ପ ସଦୃଶ । ସେମାନଙ୍କୁ ଦୂରରୁ ଅବଲୋକନ କରି ତା' ସୌନ୍ଦର୍ଯ୍ୟରେ ଆତ୍ମହରା ହେବା ଏବଂ ତା'ର ସୃଷ୍ଟିକର୍ତ୍ତାଙ୍କୁ ଧନ୍ୟବାଦ ଦେବା । କୌଣସି ପରିସ୍ଥିତିରେ ପୁଷ୍ପଗୁଡ଼ିକୁ ଦଳିତ ମଥିତ କରିବାର ଅଧିକାର ଆମର ନାହିଁ ।'

ଦିନଥିଲା, ପିଲାମାନେ ସଂଭ୍ରମତାର ସହ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନକୁ ଶ୍ରେୟ ମଣୁଥିଲେ । ଏହାଦ୍ୱାରା ତାଙ୍କ ପରିବାରର ସମ୍ମାନ ବୃଦ୍ଧି ପାଉଥିଲା । ବର୍ତ୍ତମାନ ଯଦି କାହା ପୁଅ ଗୁଣ୍ଡାଗର୍ଦ୍ଦି କରୁଛି, ତା' ବାପାର ପାଦ ତଳେ ଲାଗୁନି ଯେ ପୁଅକୁ ପାଞ୍ଚଜଣ ଡରୁଛନ୍ତି, ଯଦ୍ଦ୍ୱାରା ତା' ପୁଅ ଉଚ୍ଚସମ୍ମାନର ଅଧିକାରୀ ହୋଇଛି । ବର୍ତ୍ତମାନ ଯେତେକ ଆପତ୍ତିଜନକ କାର୍ଯ୍ୟ ସେସବୁ ଭଲ କାମ ବୋଲି ବିବେଚିତ ହେଲାଣି । ଚୋରି, ଡକାୟତି, ଲୁଣ୍ଠନ କରି ଅର୍ଥର ସାମ୍ରାଜ୍ୟ ବିସ୍ତାର କରିପାରିଲେ ତା'କୁ ପରିବାର ତରଫରୁ ଶ୍ରେୟ ମିଳୁଛି । ସାଧାରଣ ଚାକିରିଟିଏ କରିଥିବା ପିଲାଟି ଅପେକ୍ଷା ଚୋରି ଡକାୟତିରେ ବିପୁଳ ଅର୍ଥ ଉପାର୍ଜନ କରିଥିବା ପିଲାଟି ବାପାମା'ଙ୍କର ଅଧିକ ପ୍ରିୟ ହୋଇପାରିଛି ।

କିଛିବର୍ଷ ତଳେ ମଦ୍ୟପାନକୁ ଘୃଣା କରାଯାଉଥିବା ବେଳେ ଆଜିକାଲି ମଦ୍ୟପାନ ଉଗ୍ର ଆଧୁନିକତା ତଥା ସମ୍ଭ୍ରାନ୍ତୀୟ ଲକ୍ଷଣର ପରିଚୟ ବହନ କରୁଛି । ପୂର୍ବେ ସମାଜ ଶୃଙ୍ଖଳିତ ଥିଲା, କାରଣ ମଦ୍ୟପାନ ନଥିଲା । ମଦ ଗୋଟିଏ ଏପରି ଜିନିଷ, ଯାହା ମଣିଷର ବୁଦ୍ଧି ବିବେକକୁ ପ୍ରଥମେ ପ୍ରଭୂତ କ୍ଷତି ପହଞ୍ଚାଇଥାଏ । ଜଣେ ସୁସ୍ଥ ମସ୍ତିଷ୍କଧାରୀ ବ୍ୟକ୍ତି କୌଣସି ଆପତ୍ତିଜନକ କାର୍ଯ୍ୟ କରିପାରିବ ନାହିଁ । କିନ୍ତୁ ମଦ୍ୟପଟିଏ ଅକ୍ଳେଶରେ ଏହା କରିପାରେ । ମଦକୁ ନିଷିଦ୍ଧ କରିବା ପରିବର୍ତ୍ତେ ସରକାର ମଦ୍ୟପଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି । ବାର୍ଷିକ ପ୍ରାୟ ୧୦ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ଭୟରେ ସରକାର ମଦ ବିକ୍ରିକୁ ପ୍ରୋତ୍ସାହିତ କରି ଆସୁଛନ୍ତି । ତେଣୁ ସମାଜରେ ସମସ୍ତ ପ୍ରକାର ବ୍ୟଭିଚାର ବଢ଼ି ଚାଲିଛି । ମଧ୍ୟପ୍ରଦେଶ ସରକାର କିଛିଦିନ ତଳେ ବିଧାନସଭାରେ ଏକ ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ ୧୨ କିମ୍ବା ତା'ଠାରୁ କମ୍ ବୟସର ଝିଅକୁ ବଳାତ୍କାର କରିବା ପ୍ରମାଣିତ ହେଲେ ଅପରାଧୀକୁ ମୃତ୍ୟୁଦଣ୍ଡର ପ୍ରାବଧାନ ଅଛି ।

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

## ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ପୃଥିବୀର ପରିକଳ୍ପନା

ମୀରା ବେଉରା

ଆଜି ସମଗ୍ର ବିଶ୍ୱ ବାରୁଦର ସ୍ତୂପ ଉପର ଦଣ୍ଡାୟମାନ । ଦେଶ-ଦେଶ ମଧ୍ୟରେ ସ୍ନେହ, ପ୍ରେମ, ଭ୍ରାତୃତ୍ୱ ଭାବ କ୍ଷୁଣ୍ଣ ହୋଇ ହିଂସା, ଈର୍ଷା, ଅସହିଷ୍ଣୁତା, ପରଶ୍ରୀକାତରତା, ତିକ୍ତତା ଆଦି ବୃଦ୍ଧି ପାଇ ଆତଙ୍କବାଦକୁ ପ୍ରତି ମୁହୂର୍ତ୍ତରେ ନିମନ୍ତ୍ରଣ କରୁଛି । ପ୍ରେମ ସଂପର୍କ କ୍ରମଶଃ ତିକ୍ତ ହେଉଛି । ଦେଶ ସୁରକ୍ଷା ଆଳରେ ପରମାଣୁ ଅସ୍ତ୍ର-ଶସ୍ତ୍ରର ପ୍ରତିଯୋଗିତା ଆରମ୍ଭ ହୋଇଛି । ବିଶ୍ୱଶାନ୍ତି ପାଇଁ ଆଜି ପ୍ରତିଟି ମଣିଷ ଆର୍ତ୍ତଚିତ୍କାର କରୁଛି । ଏହିସମୟରେ ଇ.ଏମ୍. ଫୋଷ୍ଟରଙ୍କ କଥା ମନେ ପଡ଼େ । ଏଇ ପ୍ରଖ୍ୟାତ ଇଂରାଜୀ ଲେଖକ କହୁଥିଲେ ଯଦି ବିଭିନ୍ନ ଦେଶର ମାଆମାନେ ଏକତ୍ର ବସି ବିଶ୍ୱଶାନ୍ତି ସ୍ଥାପନ ଉପରେ ଚିନ୍ତା କରିବେ ତେବେ ବିଶ୍ୱରୁ ଯୁଦ୍ଧ ବିଭୀଷିକା ଲୋପ ପାଇଯାଆନ୍ତା । ଜଣେ ଉତ୍ତମ ମାଆ ହିଁ ସୃଷ୍ଟି କରିପାରେ ଗୋଟିଏ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ପରିବାର, ସମାଜ, ରାଷ୍ଟ୍ର ଓ ସମଗ୍ର ବିଶ୍ୱ ।

ଏ ସୃଷ୍ଟିରେ ଯେତେ ସ୍ୱର ଝଙ୍କୃତ ହୁଏ ସବୁଠୁ ସୁନ୍ଦର ସ୍ୱର ହେଉଛି 'ମାଆ' ଡାକର । ସତରେ ମାଆ ଏଭଳି ଦିବ୍ୟସତ୍ତାଟିଏ, ଯିଏ ନିଜର ରକ୍ତ, ମାଂସ, ମଜ୍ଜାରୁ ସୃଷ୍ଟି କରେ ସନ୍ତାନ । ପୁଣି ସେହି ସନ୍ତାନ ପାଇଁ ଜୀବନର ସମସ୍ତ ସୁଖ, ସୌନ୍ଦର୍ଯ୍ୟକୁ ଜଳାଞ୍ଜଳି ଦେଇ ସେହି ସନ୍ତାନର ପରିଚୟରେ ପରିଚିତ ହୋଇ ଆତ୍ମଗର୍ବ କରେ । ଆଜି ମନେ ପଡ଼ନ୍ତି ଅନେକ ତ୍ୟାଗଶୀଳା, ବାତ୍ସଲ୍ୟମୟୀ ମାତା - ମାଆ କୌଶଲ୍ୟା, ମାତା କୁନ୍ତୀ, ମାଆ ଗାନ୍ଧାରୀ, ମାଆ ଯଶୋଦା । ମାଆ ପୁତୁଳୀବାଇ, ମାଆ ଜୀଜାବାଇ, ମଦରଟେରେସା, ଫ୍ରାନ୍ସର ମହୀୟସୀ ମାଆ ମୀରା ଆଲଫଂସା, ମାଆ ପ୍ରଭାବତୀ ଦେବୀ, ମାଆ ରମା ଦେବୀ, ମାଆ ସରଳା ଦେବୀ, ମାଆ କସ୍ତୁରବା ଗାନ୍ଧୀଙ୍କୁ ପାଇ ଏ ଜାତି ଆଜି ବି ଗର୍ବ କରୁଛି । ସେହି ମାତୃଜାତି ଯେଉଁ ଅମୂଲ୍ୟ ରତ୍ନ ସ୍ୱରୂପ ସନ୍ତାନ ସୃଷ୍ଟି କରିଥିଲେ, ସେହି ଅମ୍ଳାନ କାଳଜୟୀ ସନ୍ତାନମାନଙ୍କୁ ନେଇ କେବଳ ରାଷ୍ଟ୍ର ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଗର୍ବିତ । ରାଷ୍ଟ୍ର ନିର୍ମାଣର ଦିବ୍ୟ ସ୍ରଷ୍ଟା ହେଉଛି ମାଆ । ଆମ ବେଦ ମଧ୍ୟ କହେ ମାଆ ହେଉଛି ଗୋଟିଏ ରାଷ୍ଟ୍ରର ଧ୍ୱଜା । ପ୍ରତିଟି ସନ୍ତାନ ଏହା ମଧ୍ୟ ସ୍ୱୀକାର କରିବ ଯେ, ତା'ର ପ୍ରଥମ ପରିଚୟ ହେଉଛି ମାଆର ଛାତି, ଯେଉଁଠାରୁ ଅମୃତ ପାନ କରି ବଡ଼ ମଣିଷ ହୋଇ ସମାଜ ଓ ରାଷ୍ଟ୍ରର ବିକାଶରେ ଶ୍ରେଷ୍ଠ ସାଧକ ହୁଏ ।

ଏଇଠି ମନେ ପଡ଼ନ୍ତି ବିଂଶ ଶତାବ୍ଦୀର ଆମେରିକାର ବିଖ୍ୟାତ ବୈଜ୍ଞାନିକ ଥୋମାସ୍ ଆଲଭା ଏଡିସନ୍ । ସାତବର୍ଷ ବୟସରେ ସ୍କୁଲରୁ ପାଇଥିବା ଗୋଟିଏ ଡାଇରି ଯେତେବେଳେ ଘରକୁ ଆଣି ମାଆଙ୍କୁ ଦେଖାନ୍ତି ଓ ପଚାରନ୍ତି - 'ମାଆ ଶିକ୍ଷୟିତ୍ରୀ କ'ଣ ଲେଖିଛନ୍ତି?' ମାଆ ପଢ଼ି କହନ୍ତି, 'ତମ ପିଲା ଜଣେ ଅସାଧାରଣ ପ୍ରତିଭା ସଂପନ୍ନ ବୁଦ୍ଧିମାନ ବାଳକ । ତା'କୁ ପଢ଼ାଇବାକୁ ଏଠାରେ ଶିକ୍ଷକ ନାହାନ୍ତି । ତେଣୁ ତା'କୁ ତୁମେ ଘରେ ପାଠ ପଢ଼ାଅ ।' ସେଦିନ ସେ ନିଜ ସ୍ୱାଭିମାନ ରକ୍ଷା କରି ପିଲାଟିର ବୌଦ୍ଧିକତାକୁ ବାଧା ନଦେଇ ନିଜେ ଘରେ ତାଙ୍କ ପାଠପଢ଼ାର ଦାୟିତ୍ୱ ନେଲେ । ସେହି ପିଲା ଦିନେ ବୁଦ୍ଧିମତ୍ତାରେ ସମଗ୍ର ବିଶ୍ୱକୁ ଚମତ୍କୃତ କରି ବିଦ୍ୟୁତ୍ ବଲବ୍ ସହ ପ୍ରାୟ ତିନିଶହ ନୂତନ ପଦାର୍ଥ ଉଦ୍ଭାବନ କରି ସମଗ୍ର ବିଶ୍ୱକୁ ଆଲୋକିତ କରିଥିଲେ । ମାଆଙ୍କ ଦେହାନ୍ତ ପରେ ଯେତେବେଳେ ଥୋମାସ୍ ସେହି ଡାଏରିଟିକୁ ପାଇ ପଢ଼ିଲେ ସେଥିରେ କିନ୍ତୁ ଲେଖାଥିଲା: 'ଥୋମାସ୍ ଆଲଭା ଏଡିସନ ଏକ ବିକୃତ ମସ୍ତିଷ୍କ ପିଲା । ତା'କୁ ଏଠାରେ ପଢ଼ାଇ ହେବନି । ତାକୁ ଘରେ ପଢ଼ାନ୍ତୁ ।' ଏଡିସନ ଏକଥା ଜାଣି ମାଆଙ୍କ ମହନୀୟତାକୁ ସ୍ମରଣ କରି ସେହି ଡାଏରୀରେ ଲେଖିଲେ, ଥୋମାସ୍ ଆଲ୍‌ଭା ଏଡିସନ୍ ଜଣେ ବିଚଳିତ ଶିଶୁ ଥିଲେ, ଯିଏ ଜଣେ ବୀରା ମାଆଙ୍କ ଦ୍ୱାରା ଦେଶର ପ୍ରତିଭା ରୂପେ ପରିଚୟ ଲାଭ କରିଥିଲେ ।' ଏହି ଦୂରଦର୍ଶୀ ବିଚକ୍ଷଣା ହୃଦୟଗ୍ରାହୀ ମାଆ ଥିଲେ ନାନ୍ସୀ ଏଡିସନ୍ ଯେ କି ବାଳକ ଏଡିସନଙ୍କ ମନରେ ପ୍ରଚଣ୍ଡ ଆତ୍ମବିଶ୍ୱାସ ସହ ଆଶାର ସୌଧ ଗଢ଼ି ଦେଇଥିଲେ ।

ବିଶ୍ୱକବି କାଳିଦାସ ରଚିତ ନାଟକ 'ଅଭିଜ୍ଞାନ ଶକୁନ୍ତଳମ'ରେ ମଧ୍ୟ ବର୍ଣ୍ଣନା ହୋଇଛି ମାତା ମେନକା ଓ ପିତା ବିଶ୍ୱାମିତ୍ରଙ୍କଠାରୁ ଜନ୍ମିତ ଶକୁନ୍ତଳା ଥିଲେ କଣ୍ୱ ଋଷିଙ୍କ ପାଳିତ କନ୍ୟା । ଶକୁନ୍ତଳା ହସ୍ତିନା ନୃପତି ଦୁଷ୍ମନ୍ତଙ୍କୁ ବିବାହ କରି ମାତା ହୋଇଥିଲେ । ପରେ ପିତୃତ୍ୱର ସତ୍ୟତା ପାଇଁ ତାଙ୍କୁ କେତେ ପରୀକ୍ଷା ଓ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼ିଛି! ନିଜକୁ ମାଆ ରୂପେ ପ୍ରମାଣ କରିବାକୁ ସେ କେତେ କଷ୍ଟ କରିନଥିଲେ! କାଶ୍ୟପ ମୁନିଙ୍କ ଆଶ୍ରମରେ ସେ ଧୈର୍ଯ୍ୟର ସହିତ ପାଳି ଚାଲିଲେ ତାଙ୍କ ପୁତ୍ର ଭରତକୁ । ମାତୃତ୍ୱର ଦାମ୍ଭିକତା ନେଇ ସେ ସାହସର ସହ ଦେଶର ଭବିଷ୍ୟତକୁ ସେଦିନ ପାଳନ କରିଥିଲେ ଯେଉଁ ଭରତଙ୍କ ନାମାନୁସାରେ ଆଜି ଆମ ରାଷ୍ଟ୍ରର ନାମ ଭାରତବର୍ଷ ହୋଇଛି । ସେହିପରି ଭଗବାନ ଗୌତମବୁଦ୍ଧ ଯେତେବେଳେ ଗୃହତ୍ୟାଗ କରି ବୁଦ୍ଧତ୍ୱ ଲାଭ କରିବାକୁ ଯାଇ ପତ୍ନୀ ଯଶୋଧାରାଙ୍କୁ ତ୍ୟାଗ କଲେ, ଶିଶୁ ପୁତ୍ର ରାହୁଲର ସଂପୂର୍ଣ୍ଣ ଦାୟିତ୍ୱ ସେ ନେଇ ସୁନ୍ଦର ମାତୃତ୍ୱର ପରିଚୟ ଦେଇଥିଲେ ।

ନବମ ଲୁଇ ଥିଲେ ଫ୍ରାନ୍ସ ରାଜପରିବାରର ଜଣେ ଲୋକପ୍ରିୟ ପ୍ରଭାବଶାଳୀ ଓ ତେଜସ୍ୱୀ ରାଜା, ଯିଏ ଜୀବନର ସମସ୍ତ ସଫଳତାର ଶ୍ରେୟ ତାଙ୍କ ମାତାଙ୍କୁ ହିଁ ଦେଇଥିଲେ । ଯେତେବେଳେ ସେ ଛୋଟ ଥିଲେ ତାଙ୍କ ମା' ତାଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇ ତାଗିଦ୍ କରି ସେଦିନ କହିଥିଲେ, 'ତୁମେ ଜୀବନରେ କୌଣସି ଅକରଣୀୟ କାମ କରିବ ନାହିଁ । ଯଦି ତୁମେ ଭୁଲ ବାଟରେ ଯାଅ ଏବଂ ତୁମ ଆତ୍ମାରେ କଳଙ୍କର ଟିକା ଲାଗେ, ତେବେ ମୁଁ ଏହା କଦାପି ସହ୍ୟ କରିବି ନାହିଁ । ବରଂ ସିଂହାସନ ଖାଲି ରହୁ ବୋଲି ଇଚ୍ଛା କରିବି । ତୁମର କୁକର୍ମ ଦେଖିବା ଅପେକ୍ଷା ବରଂ ମୁଁ ନିଜେ ତୁମର ମୃତ୍ୟୁର କାମନା କରିବି ।' ନିଜର ଶିଶୁପୁତ୍ରକୁ ଭଲ ବାଟରେ ଆଣିବା ପାଇଁ ଏହା କେବଳ କଡ଼ା ତାଗିଦ୍ ନଥିଲା, ଥିଲା କଠୋରତା ଓ କଟୁତା । ମାଆଙ୍କ ପ୍ରେରଣାରେ ନବମ ଲୁଇ ଭବିଷ୍ୟତରେ ଜଣେ ଲୋକପ୍ରିୟ ପ୍ରଭାବଶାଳୀ ରାଜା ହୋଇ ପାରିଥିଲେ ।

ଏ ତ ଥିଲା ମାତୃତ୍ୱର ପରାକାଷ୍ଠା ଓ ପ୍ରେରଣା ତା'ର ସନ୍ତାନ ପ୍ରତି । ଆଜିର ଆଧୁନିକ ମଣିଷ ଜଗତିକରଣ, ପାଶ୍ଚାତ୍ୟକରଣ ଓ ସହରୀକରଣର ଆଳ ଦେଖାଇ ବସ୍ତୁବାଦୀ ମୋହରେ ଅଧିକ ଅର୍ଥ ଓ ପ୍ରତିଷ୍ଠା ପଛରେ ଧାଇଁ ନୈତିକତାକୁ ହରାଇ ମାଆ ପ୍ରତି ସମ୍ମାନ ତ ଦୂରର କଥା ବରଂ ଆଧୁନିକ ସମାଜରେ ଜରାଶ୍ରମ ହିଁ ମାଆର ଶେଷ ଠିକଣା ହୋଇଛି । ମାଆ ଆଜି ବୋଝ ପାଲଟି ଯାଇଛି । ଆମେ ଭୁଲିଯିବା ଉଚିତ ନୁହେଁ ଯେ ମାତୃଶକ୍ତି ବିନା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ । ପ୍ରତ୍ୟେକ ମାଆ ଶାନ୍ତି, ମୈତ୍ରୀ ଓ ପ୍ରୀତିର ସ୍ୱାକ୍ଷର, ବିଶ୍ୱାସର ମେରୁଦଣ୍ଡ ଓ ପ୍ରଗତିର ପ୍ରତୀକ । ଯଦି ଆମେ ଆମ ସମାଜର ଓ ରାଷ୍ଟ୍ରର ପ୍ରତ୍ୟେକ ମାଆଙ୍କୁ ଉପଯୁକ୍ତ ସମ୍ମାନ ଦେଇ ଶୃଙ୍ଖଳିତ ହୋଇ ମାଆର ଇଚ୍ଛାକୁ ବିଶ୍ୱକଲ୍ୟାଣରେ ବ୍ରତୀ କରାଇ ଦେଶକୁ ପ୍ରଗତିପଥରେ ଆଗେଇ ନେବା, ତେବେ ଆମେ ଗଢ଼ିବା ଏକ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ସୁସ୍ଥ ପୃଥିବୀ ।

କଟକ, ମୋ: ୭୮୪୬୯୨୧୪୦୦

## ଦଣ୍ଡିତ ଜଗନ୍ନାଥ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମାର୍ଗଶୀର ମାସର ପ୍ରତି ଗୁରୁବାର ଦିନ ଓଡ଼ିଶାର ଘରେଘରେ ମାଣ ବସେଇ ମାଆ ଲକ୍ଷ୍ମୀଙ୍କର ଆରାଧନା କରାଯାଏ । ନୂଆ ଧାନରେ ପୂର୍ଣ୍ଣ ମାଣକୁ ମାଆଙ୍କର ପ୍ରତୀକାତ୍ମକ ବିଗ୍ରହ ବୋଲି ଧରାଯାଏ । ଲକ୍ଷ୍ମୀ ସୃଷ୍ଟି ପାଳନ ପାଇଁ ଆବଶ୍ୟକ ସମସ୍ତ ସାଧନର ଅଧିଷ୍ଠାତ୍ରୀ ଦେବୀ ଏବଂ ପାଳନ କର୍ତ୍ତା ବିଷ୍ଣୁଙ୍କର ଶକ୍ତି । ତେଣୁ ଧାନ ଅମଳ ପରେ ଓଡ଼ିଆମାନେ କୃତଜ୍ଞତାର ସହ ମାଆଙ୍କର ଆରାଧନା କରନ୍ତି ।

ଥରେ ସେହିପରି ଏକ ଗୁରୁବାର ପାଳିଦିନ ପ୍ରଭାତରେ ମାଆ ମହାପ୍ରଭୁଙ୍କ ଅନୁମତି କ୍ରମେ ନଗର ଭ୍ରମଣରେ ବାହାରିଲେ । ବୁଲି ବୁଲି ମାତା ଲକ୍ଷ୍ମୀ ଏକ ଚାଣ୍ଡାଳ ସାହିରେ ପହଞ୍ଚିଲେ । ଯାଉ ଯାଉ ତାଙ୍କର ପାଦ ଗୋଟେ ଘର ସାମନାରେ ଅଟକି ଗଲା । ଘର ଭିତରୁ ଧୂପଦୀପର ସୁଗନ୍ଧ ବାହାରି ବାତାବରଣକୁ ସୁଗନ୍ଧିତ କରୁଥିଲା; ଶଙ୍ଖ ହୁଳହୁଳିର ଶବ୍ଦ ଅଞ୍ଚଳକୁ ପ୍ରକମ୍ପିତ କରୁଥିଲା । ଘର ବାହାର ପରିଷ୍କାର କରି ଝୋଟିଚିତାରେ ମଣ୍ଡଣି କରା ଯାଇଥିଲା । ମାଆ ପଦ୍ମଫୁଲର ସୁଗନ୍ଧରେ ଆକର୍ଷିତା ହୋଇ ଘର ଭିତରକୁ ଗଲେ ଏବଂ ଦେଖି ଖୁସି ହେଲେ ଯେ ଶ୍ରୀୟା ନାମକ ଜଣେ ଚଣ୍ଡାଲୁଣୀ ଭକ୍ତି ଓ ସମର୍ପଣ ଭାବ ସହ ତାଙ୍କର ପୂଜା କରୁଥିଲା । ତା'ର ଭକ୍ତି ଓ ଆନ୍ତରିକତାରେ ମାଆ ମୁଗ୍ଧ ହେଲେ ଏବଂ ତା' ଘରେ ସ୍ୱଦେହରେ ଦର୍ଶନ ଦେଇ ଅନେକ ବର ପ୍ରଦାନ କଲେ ।

ରକ୍ଷଣଶୀଳ ବଡ଼ଠାକୁର ବଳଭଦ୍ର ଯୋଗବଳରେ ଲକ୍ଷ୍ମୀ ଚଣ୍ଡାଲୁଣୀର ପୂଜା ଗ୍ରହଣ କରୁଥିବା କଥା ଜାଣି କ୍ରୋଧିତ ହେଲେ ଏବଂ ମହାପ୍ରଭୁଙ୍କ ସମସ୍ତ ବୃତ୍ତାନ୍ତ କହି ଲକ୍ଷ୍ମୀଙ୍କୁ ମନ୍ଦିରରୁ ବାହାର କରି ଦେବା ପାଇଁ ଆଦେଶ ଦେଲେ । ଜଗନ୍ନାଥ ଜାଣିଥିଲେ ଯେ ସାରା ସଂସାରର ସମସ୍ତଙ୍କୁ ସେ ସମାନ କରି ଗଢ଼ିଥିଲେ ଏବଂ ଲକ୍ଷ୍ମୀଙ୍କ ପୂଜା ଗ୍ରହଣରେ କିଛି ଅସ୍ୱାଭାବିକତା ନ ଥିଲା । ମହାପ୍ରଭୁ ବଡ଼ଭାଇଙ୍କ ନିଷ୍ପତ୍ତିକୁ ନାପସନ୍ଦ କରୁଥିଲେ ମଧ୍ୟ ଘରର ମୁରବିଙ୍କୁ ଅବମାନନା କରିବାର ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବାକୁ ଚାହୁଁ ନ ଥିଲେ । କିନ୍ତୁ ବଡ଼ଠାକୁର ଘୋଷଣା କଲେ - 'ଭାରିଜାରେ କାର୍ଯ୍ୟ ଯେବେ ଅଛିରେ କହ୍ନାଇ, ଚଣ୍ଡାଳ ସାହିରେ ଘର ତୋଳ ବେଗେ ଯାଇ ।' ଅନ୍ୟ ଉପାୟ ନ ଦେଖି ମହାପ୍ରଭୁ ଲକ୍ଷ୍ମୀ ନଗର ଭ୍ରମଣରୁ ଫେରିବା ପରେ ତାଙ୍କୁ ବଡ଼ ଭାଇଙ୍କ ନିଷ୍ପତ୍ତି ଜଣେଇ ଦେଲେ ଏବଂ ତାଙ୍କର ମନ୍ଦିର ପ୍ରବେଶକୁ ବାରଣ କଲେ ।

ଏପରି ନିଷ୍ପତି ଶୁଣି ଲକ୍ଷ୍ମୀ ମର୍ମାହତା ହେଲେ, କିନ୍ତୁ ଭାଙ୍ଗିପଡ଼ିଲେ ନାହିଁ । କାରଣ ସେ ଭଲ ଭାବରେ ଜାଣି ଥିଲେ ଯେ ସେ କିଛି ଭୁଲ କରି ନ ଥିଲେ । ଦୁଇ ଭାଇଙ୍କୁ ଏକ ଶିକ୍ଷା ଦେବା ପାଇଁ ଏହାକୁ ବ୍ୟବହାର କଲେ । ମାତା ଅଭିଶାପ ଦେଲେ-'ମୁହିଁ ଯାଉ ଅଛି ହୀନା ଅରକ୍ଷିତା ହୋଇ, ମୋର ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ/ ସତେ ଯେବେ ଚନ୍ଦ୍ର ସୂର୍ଯ୍ୟ ହୁନ୍ତି ଆତଯାତୟ, ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ / ବାର ବର୍ଷ ଯାଏଁ ତୁମ୍ଭେ ଦରିଦ୍ର ହୋଇବ, ଅନ୍ନ ବସ୍ତ୍ର ଜଳ ବି ତୁମ୍ଭଙ୍କୁ ନ ମିଳିବ ।'

ଲକ୍ଷ୍ମୀଙ୍କ ଅଭିଶାପ ଅନୁଯାୟୀ ଦୁଇଭାଇ ବାରବର୍ଷ ପର୍ଯ୍ୟନ୍ତ ଭୋକରେ ବାର ଦୁଆର ବୁଲିଲେ ସିନା ହେଲେ ଖାଇବାକୁ ମିଳିଲା ନାହିଁ । ଓଡ଼ିଆରେ ଏକ ଲୋକକଥା ଅଛି ଲକ୍ଷ୍ମୀଛଡ଼ାଙ୍କୁ ଖାଇବାକୁ ମିଳେ ନାହିଁ । ଜଗନ୍ନାଥ ଓ ବଳଭଦ୍ରଙ୍କ ଅବସ୍ଥା ସେୟା ହେଲା । ଶେଷରେ ଅଜାଣତରେ ଦୁଇଭାଇ ଲକ୍ଷ୍ମୀଙ୍କ ଦୁଆରକୁ ଯାଇ ଅନ୍ନଭିକ୍ଷା କଲେ । ଦୁଇ ଭାଇ ଭୋଗୀ ଥିବା ଦୁଃଖ ସେତେବେଳକୁ ମାଆଙ୍କୁ ବିଚଳିତ କରି ସାରିଥିଲା । ସେ ଦୁଇ ଭାଇଙ୍କର ମନ ମୁତାବକ ନାନା ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରି ଦାସୀମାନଙ୍କ ହାତରେ ପରଶି ଦେଲେ । ଭୋଜନ ଶେଷରେ ପୋଡ଼ପିଠା ପରଶିଲେ । ଆକଣ୍ଠ ଭୋଜନ କରି ଦୁଇ ଭାଇ ତୃପ୍ତ ହେଲା ପରେ ବଡ଼ ଠାକୁର ଜାଣିପାରିଲେ ଯେ ତାହା ଲକ୍ଷ୍ମୀଙ୍କ ହାତରନ୍ଧା । ତେଣୁ ସେ ଲକ୍ଷ୍ମୀଙ୍କୁ ଯାଇ କ୍ଷମା ମାଗି ମନ୍ଦିରକୁ ଫେରିଯିବା ପାଇଁ ଅନୁରୋଧ କରିବାକୁ ଜଗନ୍ନାଥଙ୍କୁ ଆଦେଶ ଦେଲେ । ଲକ୍ଷ୍ମୀ କେତେକ ସର୍ତ୍ତରେ ଯିବା ପାଇଁ ରାଜି ହେଲେ- 'ଏତେ କହି ଗୋବିନ୍ଦ ଧରିଲେ ଲକ୍ଷ୍ମୀ ହସ୍ତ, ଜଗତ ମାତ ବୋଇଲେ ତୁମ୍ଭେ କର ସତ୍ୟ / ଚଣ୍ଡାଳୁ ବ୍ରାହ୍ମଣ ଯାଏଁ ଖୁଆ ଖୋଇ ହେବେ, ସମସ୍ତେ ଖାଇଣ ହାତ ଜଳେ ନ ଧୋଇବେ / ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ବ୍ରାହ୍ମଣେ ଖାଇ ହାତକୁ ମୁଣ୍ଡରେ ପୋଛିବେ / ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ, ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ।' ମହାପ୍ରଭୁ ମାଆଙ୍କର ସମସ୍ତ କଥାରେ ରାଜି ହେବାରୁ ଦୁଇ ଠାକୁର ମାଆଙ୍କ ସହ ମନ୍ଦିରକୁ ବିଜେ କଲେ । ଏହି ଲୋକକଥା ଆଧାରରେ 'ଲକ୍ଷ୍ମୀ ପୁରାଣ' ଲେଖି ମହାତ୍ମା ବଳରାମ ଦାସ ସଂସାରକୁ ଏକ ଶିକ୍ଷା ଦେବା ପାଇଁ ସଫଳ ପ୍ରୟାସ କରିଥିଲେ ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଆଶ୍ୱସ୍ତି: ଓଡ଼ିଶା ଉପରେ ନାହିଁ ବାତ୍ୟା ପ୍ରଭାବ

ଭୁବନେଶ୍ୱର,୨୫।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଆଶଙ୍କା ମଧ୍ୟରେ ଆସିଛି ଆଶ୍ୱସ୍ତିର ଖବର। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଅତ୍ୟନ୍ତ କ୍ଷୀଣ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ବର୍ତ୍ତମାନ ବଙ୍ଗୋପସାଗର ସଂଲଗ୍ନରେ ୨ ଟି ଲଘୁଚାପ ରହିଥିବା ବେଳେଗୋଟିଏ ଅବପାତର ରୂପ ନେଇଛି ଓ ଅନ୍ୟଟି ଘନୀଭୂତ ପରବର୍ତ୍ତୀ ୨୪ ଘଣ୍ଟାରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଦୁଇ ଲଘୁଚାପ ଘନୀଭୂତ ହେବା ସତ୍ତ୍ୱେ ଏହା ବାତ୍ୟାରେ ପରିଣତ ହେବା ଓ ଓଡ଼ିଶା ଉପରେ ପ୍ରଭାବ ପକାଇବାର ସମ୍ଭାବନା କମ୍ ବୋଲି କୁହାଯାଉଛି। ଏମିତି କି ଏହି ଦୁଇ ଲଘୁଚାପ ବାତ୍ୟାରେ ପରିଣତ ହେବାର ଆଶଙ୍କା ମଧ୍ୟ ଅନେକାଂଶରେ କମି ଯାଇଛି। ଯାହାର ପରିଣାମ ସ୍ୱରୂପ ୨-୩ ଦିନ ହେବ ଆଇଏମ୍‌ଡି ପକ୍ଷରୁ ନିଜ ବୁଲେଟିନ୍‌ରେ ବାତ୍ୟା ସୃଷ୍ଟି ନେଇ ଆକଳନ କରାଯାଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ବୁଲେଟିନ୍‌ରେ ବାତ୍ୟା ଆଶଙ୍କାକୁ ହଟାଇ ଦିଆଯାଇଛି।

**ଆଇଏମ୍‌ଡି ବୁଲେଟିନ୍‌ରୁ ହଟିଲା ବାତ୍ୟା ପୂର୍ବାନୁମାନ**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମାଲ୍ଲାକାରେଠାରେ ଥିବା ସ୍ୱଷ୍ଟ ଚିହ୍ନିତ ଲଘୁଚାପ ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଆଉ ଏକ ଲଘୁଚାପ କମୋରିନ ଏବଂ ଏହାର ପାଖାପାଖି ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଅଞ୍ଚଳରେ ସୃଷ୍ଟି ହୋଇଛି। ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ ଏହି ଦୁଇଟି ଲଘୁଚାପ ଓ ଅବପାତର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ୨ ଟି ପ୍ରମୁଖ ମଡେଲ୍ ଆକଳନ କରୁଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୭ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହି ସମୟରେ ବର୍ଷା ହେବାର ବିଶେଷ ସମ୍ଭାବନା ନାହିଁ। ତେବେ ଏହି ସମୟରେ କିଛି କିଛି ସ୍ଥାନରେ ଘନ କୁହୁଡ଼ିର ସମ୍ଭାବନା ରହିଛି। ବିଶେଷ କରି ସୁନ୍ଦରଗଡ ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିପାରେ। ସେହିପରି ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଥଣ୍ଡାର ପ୍ରଭାବ ସାମାନ୍ୟ ବଢ଼ିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ହ୍ରାସ ହେବାକୁ ଥିବାରୁ ଥଣ୍ଡା ବଢ଼ିବା ନେଇ ଆକଳନ କରାଯାଇଛି। ମଙ୍ଗଳବାର ରାଉରକେଲାରେ ଅତ୍ୟଧିକ ଘନ କୁହୁଡ଼ି ଦେଖିବାକୁ ମିଳିଛି। କୋରାପୁଟ ଓ ଫୁଲବାଣୀ ଜିଲ୍ଲାରେ ଘନ କୁହୁଡ଼ି ହୋଇଥିବା ରେକର୍ଡ କରାଯାଇଛି। ସୋନପୁର, ପାରାଦ୍ୱୀପ, ଗୋପାଳପୁର, ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ହାଲୁକା କୁହୁଡ଼ି ପଡିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ସେଲସିୟସ ଝାରସୁଗୁଡ଼ାରେ ରେକର୍ଡ କରାଯାଇଛି ଓ ପାହାଡିଆ ଅଞ୍ଚଳ ଦାରିଙ୍ଗବାଡିରେ ସର୍ବନିମ୍ନ ୧୦ ଡିଗ୍ରୀ ସେଲସିୟସ ତାପମାତ୍ରା ହୋଇଥିବା ରିପୋର୍ଟ କରାଯାଇଛି।

# ଭିଜିଲାନ୍ସ ଜାଲରେ ଏଆରଆଇ



କେନ୍ଦ୍ରାପଡ଼ା, ୨୫।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧୀନ ନିକିରାଇ ରାଜସ୍ୱ ସର୍କଲ ଏଆରଆଇ ଅଭିମନ୍ୟୁ ବେହେରା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜମିର କିସମ ପରିବର୍ତ୍ତନ ପାଇଁ ଶ୍ରୀନାଥ ମଲ୍ଲିକଠାରୁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ସହ କାବୁ କରିଛି। ଜମି ମାଲିକ ଶ୍ରୀନାଥ ମଲ୍ଲିକ ଚାଷଜମିକୁ ଘରବାଡ଼ିକୁ ପରିବର୍ତ୍ତନ ପାଇଁ ଗତ ଅକ୍ଟୋବର ୩୧ ତାରିଖରେ ଡେରାବିଶ ତହସିଲ କାର୍ଯ୍ୟାଳୟରେ ଅନଲାଇନ୍ ଆବେଦନ କରିଥିଲେ। ପରେ ଦଲିଲ ଯାଞ୍ଚ ହେବା ପରେ ଜମି ମାଲିକଙ୍କୁ ନିକିରାଇ ରାଜସ୍ୱ କାର୍ଯ୍ୟାଳୟକୁ ଡକାଯାଇଥିଲା।

**୧୨ ହଜାର ଲାଞ୍ଚ ନେଲାବେଳେ ମାଡ଼ିବସିଲା ଭିଜିଲାନ୍ସ**

ଜମି ମାଲିକ ଅଫିସରେ ପହଞ୍ଚିଥିଲେ। ତାଙ୍କୁ ଅଭିମନ୍ୟୁ ବେହେରା ପ୍ରଥମେ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଜମି ମାଲିକ ଏହା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ ଏଆରଆଇ ଶ୍ରୀ ବେହେରା ଲାଞ୍ଚ ଟଙ୍କାକୁ କମାଇ ୧୨ ହଜାର ଟଙ୍କା ଦେବାକୁ କହିଥିଲେ। ଟଙ୍କା ନ ଦେଲେ କାର୍ଯ୍ୟ ହେବନି ବୋଲି ରୋକଠୋକ ଶୁଣାଇଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଜମି ମାଲିକ ଶ୍ରୀ ମଲ୍ଲିକ ଭିଜିଲାନ୍ସକୁ ଅଭିଯୋଗ ଦେବା ପରେ ଆଜି ଭିଜିଲାନ୍ସ ପକ୍ଷରୁ ଏକ ଟିମ ଲାଞ୍ଚ ଟଙ୍କା ନେବା ସମୟରେ ଶ୍ରୀ ବେହେରାଙ୍କୁ ଧରିଥିଲା। ଏଥିସହିତ ଅଭିମନ୍ୟୁ ବେହେରାଙ୍କ ପୈତୃକ ଘର ଆଳି, ଗରାପୁର ବାସଭବନ ଓ ଅଫିସରେ ଏକ ସମୟରେ ଭିଜିଲାନ୍ସ ଚଢ଼ଉ କରି ଆୟ ବହିର୍ଭୂତ ସମ୍ପତ୍ତିକୁ ତନଖି ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୌସୁମୀରେ ଚାଲିଲାନି...

ବିଧାୟକମାନେ ସୂଚନା ଦେଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ବିଶେଷକରି ବାଲିର ବେଧଡ଼କ ଚୋରି, ପ୍ରଶ୍ନପତ୍ର ଲିକ୍ ମାମଲା, ଦାଦନ, ଦରଦାମ ବୃଦ୍ଧି, ମହାନଦୀ, ପୋଲାଭରମ୍ ଓ କୋଟିଆ ସମସ୍ୟାକୁ ନେଇ ଗୃହକୁ ସରଗରମ କରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଏହିକ୍ରମରେ ଆସନ୍ତାକାଲି ବିଜେଡି ଓ କଂଗ୍ରେସ ବିଧାୟକ ଦଳ ଅନୁଷ୍ଠିତ ହେବାକୁ ଥିବାବେଳେ ଉଭୟେ ନିଜ ନିଜର ରଣନୀତିକୁ ଚୂଡ଼ାନ୍ତ ରୂପ ଦେବେ।

ଏପଟେ ନୂଆପଡ଼ାରେ ବିପୁଳ ବିଜୟ ପରେ ଶାସକ ଦଳ ପୂରା ଜୋଶରେ ଥିବାବେଳେ ଏହା ଗୃହକୁ ଅଧିକ ସରଗରମ କରିପାରେ ବୋଲି ଅନୁମାନ କରାଯାଉଛି। ଉଭୟ ଶାସକ ଏବଂ ବିରୋଧୀଙ୍କ ମୁଡକୁ ଦେଖିଲେ ବିଧାନସଭାରେ ଯେ କେହି କାହାରିକୁ ଛାଡ଼ିବେ ନାହିଁ, ତାହା ଏବେଠାରୁ ଜଳଜଳ ଦିଶିଲାଣି ବୋଲି ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

### ୨୧ ଲକ୍ଷ ମୋବାଇଲ...

ନିଜର ବ୍ୟକ୍ତିଗତ ଡିଭାଇସ୍‌ରେ ବ୍ଲକ୍ କରିବା ସହ ଡିଏନ୍‌ଡି ଆପ୍ ମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ରିପୋର୍ଟ କରନ୍ତୁ। ଡିଏନ୍‌ଡି ଆପ୍‌ରେ ଅଭିଯୋଗ କରିବା ପାଇଁ ପ୍ରଥମେ ମୋବାଇଲ୍ ଫୋନ୍‌ରେ ଟ୍ରାଇ ୩.୦ ଆପ୍ ଡାଉନଲୋଡ୍ କରିବାକୁ ହେବ।

### ଗାଡ଼ି ଅଟକାଇ...

ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଖବର ପାଇ ବେତନଟୀ ଏସ୍‌ଡିପିଓ ଓ ଥାନା ଅଧିକାରୀ ତଦନ୍ତ କରିଛନ୍ତି। ଡାକ୍ତରଖାନାରେ ଶ୍ରୀ ବିଶ୍ୱାଳଙ୍କ ବୟାନ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛନ୍ତି। ଏହି ଘଟଣାରେ ପୁଲିସ ବଡ଼ସାହି ଥାନା ବତନା ଗ୍ରାମର ପ୍ରଶାନ୍ତ ଗାଆଣ ଓରଫ ବାବୁଛୁଆକୁ ଗିରଫ କରିଛି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ ତହସିଲଦାର ଶ୍ରୀ ବେହେରା ଏକ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଜବତ କରି ଚାଳକ ସହାୟତାରେ ଥାନାର ଜିମା ଦେଇଥିଲେ। ଏହାକୁ ନେଇ ବାଲି ମାଫିଆମାନେ କ୍ଷୁବ୍ଧ ହୋଇଯାଇଥିଲେ। ତହସିଲଦାରଙ୍କୁ ଆକ୍ରମଣ କରିବା ପାଇଁ ସେମାନେ ସୁଯୋଗକୁ ଅପେକ୍ଷା କରିଥିଲେ। ସଂଧ୍ୟାରେ ତହସିଲଦାର ଶ୍ରୀ ବେହେରା ଅଫିସ୍ କାମ ସାରି ଫେରୁଥିବା ବେଳେ ତୁଳସୀଚଉରା ଛକରେ ସେମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମାଫିଆମାନେ ତହସିଲଦାରଙ୍କ ଗାଡ଼ି ଅଟକାଇ ସେଥିରେ ଥିବା ତହସିଲଦାର ଶ୍ରୀ ବେହେରା, ସୁପରଭାଇଜର୍ ସତ୍ୟବ୍ରତ ନାୟକ ଓ ଚାଳକ ଶ୍ରୀ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ତହସିଲ କର୍ମଚାରୀମାନେ ସେଠାରେ ପହଞ୍ଚିଯିବାରୁ ବାଲି ମାଫିଆମାନେ ଖସି ପଳାଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ରାସଗୋବିନ୍ଦପୁର ପୁଲିସ ନିକଟରୁ ବାଲିମାଫିଆମାନେ ଦୁଇଟି ଡମ୍ପରକୁ ବଳପୂର୍ବକ ନେଇଯାଇଥିଲେ। ପୁଲିସର ନିରବତା ଯୋଗୁଁ ମାଫିଆରାଜ୍ ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଛି। ଦିନରାତି ବାଲି ଚୋରି ହେଉଥିବା ବେଳେ ଏହାକୁ ରୋକିବା ପରିବର୍ତ୍ତେ ପୁଲିସର ସ୍ଥାଣୁତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

### ଉପଭୋକ୍ତାଙ୍କୁ ଲୁଟିଛି...

ବାବଦରେ ଟାଟାପାୱାରର ୪ କମ୍ପାନୀ ୧୭୪୬୧ କୋଟିଟଙ୍କା ରାଜସ୍ୱକୁ ମଧ୍ୟ ମଞ୍ଜୁରୀ ମିଳିଥିଲା। ମାତ୍ର ଟାଟା ପାୱାର ଉପଭୋକ୍ତାଙ୍କୁ ୨୯୫୭୯ ନିୟୁତ ୟୁନିଟ ହାରାହାରି ୬ ଟଙ୍କା ୩ ପଇସା ହିସାବରେ ବିକ୍ରି କରି ୧୭୮୩୬ କୋଟି ଟଙ୍କା ଅଦାୟ କରିଛି। ଆୟୋଗ ଅନୁମୋଦନ କରିଥିବା ୟୁନିଟ୍ ପିଛା ହାରାହାରି ଟାରିଫ ଠାରୁ ଏହା ୩୬ ପଇସା ଅଧିକ ବୋଲି କୁହାଯାଉଛି। ଟାଟାପାୱାର ପରି ଗ୍ରୀଡକୋ ମଧ୍ୟ ଏହି ବର୍ଷ ଲାଭବାନ ହୋଇଛି ଏବଂ ଏହାର ପରିମାଣ ୩୪୭.୩୭ କୋଟି ଟଙ୍କା ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଅନୁମୋଦିତ ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ଲକ୍ଷ୍ୟ ୧୮.୭୯ ପ୍ରତିଶତଠାରୁ ଟାଟା ପାୱାର ଉତ୍ତମ ପ୍ରଦର୍ଶନ କରିଛି ଓ ଏହି କ୍ଷତି୧୬.୭୦ ପ୍ରତିଶତକୁ ହ୍ରାସ ପାଇଛି। ପୁନଶ୍ଚ ଉପଭୋକ୍ତାଙ୍କ ମିଟର ସ୍ଥାପନ କ୍ଷେତ୍ରରେ ଟାଟା ୯୯ ପ୍ରତିଶତ ସଫଳ ହୋଇଥିବା ବେଳେ ସ୍ମାର୍ଟ ମିଟର ସ୍ଥାପନ ମାତ୍ର ୧୩ ପ୍ରତିଶତ ସମ୍ଭବ ହୋଇଛି। ଅର୍ଥାତ ରାଜ୍ୟରେ ଏଯାବତ୍ ୧୨ ଲକ୍ଷ ୬୭ ହଜାର ଉପଭୋକ୍ତା ସ୍ମାର୍ଟ ମିଟର ବସାଇଛନ୍ତି। ସେହିପରି ଫିଡର ଓ ଟ୍ରାନ୍ସଫର୍ମର ମିଟରିଙ୍ଗ କାର୍ଯ୍ୟରେ ଟାଟାର ପ୍ରଦର୍ଶନ ଦୁର୍ବଳ ରହିଛି। ଓଡ଼ିଶା ବିଦ୍ୟୁତ ସେବାରେ ନିୟୋଜିତ ସମୁଦାୟ ୨୬୫୯ଟି (୧୪୭/୩୩ ଏମଭିଏ) ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୧୬୩୦ଟିରେ (୬୧ ପ୍ରତିଶତ) ମିଟରିଙ୍ଗ ହୋଇଛି। ୯୭୮ଟି ୩୩କେଭି ଫିଡର ମଧ୍ୟରୁ ମାତ୍ର ୭୫ ପ୍ରତିଶତ ଅର୍ଥାତ ୭୩୮ଟି ମିଟରିଙ୍ଗ ହୋଇଛି। ବିଦ୍ୟୁତ ସେବାରେ ନିୟୋଜିତ ଥିବା ସମୁଦାୟ ୩ ଲକ୍ଷ ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ପ୍ରାୟ ୨ ଲକ୍ଷ ଟ୍ରାନ୍ସଫର୍ମର କ୍ଷମତା ୬୩ କେଭିଏରୁ କମ ଥିବାରୁ ଆୟୋଗ ନାପସନ୍ଦ କରି ସେଗୁଡିକୁ ୧୦୦ କେଭିଏ କିମ୍ବା ତଦୂର୍ଦ୍ଧ୍ୱ କ୍ଷମତାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଉପଭୋକ୍ତା ସୂଚୀକରଣ ଓ ଜିଆଇଏସ ମ୍ୟାପିଙ୍ଗ କାର୍ଯ୍ୟରେ ଟାଟା ପ୍ରାୟ ଶତ ପ୍ରତିଶତ ସଫଳ ହୋଇଥିବାବେଳେ ବିତରଣ ଟ୍ରାନ୍ସଫର୍ମର ମିଟରିଙ୍ଗ ମାତ୍ର ୧୯.୪୦ ପ୍ରତିଶତ ହୋଇଛି। ଅପରପକ୍ଷେ ଗ୍ରୀଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଗ୍ରୀଡକୋ ୪୨୪୮୭ ନିୟୁତ ୟୁନିଟ ବ୍ୟବସାୟ କରି ୧୪୫୧୧ କୋଟିଟଙ୍କା ଆୟ କରିଥିବା ବେଳେ ସମୁଦାୟ ବ୍ୟୟ କରିଛି ୧୪୧୬୩ କୋଟି ଟଙ୍କା। ଅର୍ଥାତ ବିଦ୍ୟୁତ ବ୍ୟବସାୟରୁ ଗ୍ରୀଡକୋ ୩୪୭ କୋଟି ଟଙ୍କା ଲାଭ କରିଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ଯେହେତୁ ପୂର୍ବ ବର୍ଷରେ (୨୦୨୪-୨୫) ଗ୍ରୀଡକୋର ବ୍ୟବସାୟିକ ଲାଭ ୩୪୭ କୋଟି ଟଙ୍କା ହୋଇଛି ଏବଂ ଟାଟା ବିତରଣ କମ୍ପାନୀ ଗୁଡିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ ଠାରୁ ୟୁନିଟ ପିଛା ୩୬ ପଇସା ହିସାବରେ ଉପଭୋକ୍ତାଙ୍କ ଠାରୁ ଅଧିକ ୧୦୬୫ କୋଟିଟଙ୍କା ଅଦାୟ କରିଛନ୍ତି, ତେଣୁ ଆସନ୍ତା ବର୍ଷର ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଟାଟା ଉପଭୋକ୍ତାଙ୍କ ଠାରୁ ଅଧିକ ଅଦାୟ କରିଥିବା ରାଜସ୍ୱକୁ ସୁଧସହ ଫେରସ୍ତ କରିବା ପାଇଁ ଶ୍ରୀ ମହାପାତ୍ର ଆସନ୍ତା ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଆୟୋଗ ସମ୍ମୁଖରେ ଯୁକ୍ତି ରଖିବେ ବୋଲି ସେ ସୂଚନା ଦେଇଛନ୍ତି। ତେଣୁ ଆସନ୍ତା ବର୍ଷ ୨୦୨୬-୨୭ ପାଇଁ ଖୁଚୁରା ବିଦ୍ୟୁତମୂଲ୍ୟ (ଟାରିଫ) ବୃଦ୍ଧିହେବା ସମ୍ଭାବନା ଖୁବ କମ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

B-733

E-mail ID: eerbngpur@yahoo.com
Tel & Fax -06858-222833 (O)

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

**e-Procurement Notice**

Bid Identification No. S.E (R&B)-22/2025-26/NGP
No.6364/Date 17.11.2025

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | |
|---|---|---|
| 1. | Name of the Work | : Electrical Work as mentioned in DTCN |
| 2. | No. of Work | : 05 Nos. |
| 3. | Estimated Cost | : Rs. 6.73 Lakhs to 37.47 Lakhs |
| 4. | Period of completion | : 2 Calendar of Months |
| 5. | Date & Time of Bidding | : From 11.00 hours of 25.11.2025. upto 16.00 hours of 05.12.2025. |
| 6. | Last date & time for receipt of bids in portal | : 16.00 hours of 05.12.2025. |
| 7. | Bids received online shall be opened on | : 11.00 hours of 06.12.2025. |
| 8. | Name and address of the officer inviting Bid | : Superintending Engineer, Nabarangpur(R&B)Division, Nabarangpur |

Further details can be seen from the www.tendersodisha.gov.in

Superintending Engineer
Nabarangpur (R&B) Division

OIPR-

GOVERNMENT OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY: CHAMPUA
DIST- KEONJHAR
"e" procurement Notice
Bid Identification No. ITDACH.-04/2025-26
No. 1915 Dt. 25.11.2025
e-mail: itda.champua@gmail.com

| | | |
|---|---|---|
| 1 | No. of the work :- | 02 Nos of Construction work. |
| 2 | Estimated cost :- | Rs. 260.76 to Rs.260.76 lakh |
| 3 | Period of completion :- | 09 (Nine Calender Months) |
| 4 | Date and Time of availability of Bid document in the portal:- | From 10.00 Hr 02.12.2025 to 17.30 Hr of 13.12.2025 |
| 5 | Last date / Time for receipt of bids in the portal :- | 17.30 Hr of 13.12.2025. |
| 6 | Date of opening of Bid from Portal :- | 11.30 Hr of 15.12.2025. |
| 7 | Name and address of the officer inviting Bid :- | Project Administrator, I.T.D.A., Champua |

Further details can be seen from the e-procurement portal "http://tendersorissa.gov.in"

Project Administrator,
I.T.D.A., Champua.

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର **କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ଭାବିନିପୁର ଶାଖା, ଫୋନ୍: ୭୨୦୫୨୨୭୫୭୦/** **୧) ବି ଚନ୍ଦ୍ରୟା,** ପିତା: ବୁରୁଡୁ ସାତେୟା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, **୨) ବି ଲଚିମି ଆମ୍ମା,** ସ୍ୱାମୀ: ବି ଚନ୍ଦ୍ରୟା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୨.୦୧.୨୦୨୦ ସୁଦ୍ଧା ଟ.୬,୭୩,୯୬୨/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବି ଲଚିମି ଆମ୍ମାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ରେଭିନ୍ୟୁ ମୌଜା: ଡୁରା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପି ଏରମ୍ମାଙ୍କ ଗୃହ, ପଶ୍ଚିମ: ବି ସାତେୟାଙ୍କ ଗୃହ, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ଟ.୧୧,୩୨,୫୦୦/- / ଟ.୧,୧୩,୨୫୦/- / ଟ.୧୧,୫୦୦/- |
| ୨. | **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪ /** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ / **ମୋଟ ବକେୟା: ୦୬.୦୪.୨୦୨୦ ସୁଦ୍ଧା ଟ.୧୯,୧୫,୨୧୧.୫୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ** ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁସସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୧,୨୮,୦୦୦/- / ଟ.୧,୧୫,୦୦୦/- / ଟ.୧୨,୦୦୦/- |
| ୩. | **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** **୧) ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, **୨) ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ / **ମୋଟ ବକେୟା: ୧୦.୧୦.୨୦୨୨ ସୁଦ୍ଧା ଟ.୧୧,୪୯,୧୦୬.୬୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର ୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ଟ.୧୮,୩୫,୦୦୦/- / ଟ.୧,୮୩,୫୦୦/- / ଟ.୧୯,୦୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** **୧) ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୧.୦୯.୨୦୧୮ ସୁଦ୍ଧା ଟ.୧୦,୨୧,୪୬୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ଟ.୨୯,୦୩,୦୦୦/- / ଟ.୨,୯୦,୩୦୦/- / ଟ.୨୯,୧୦୦/- |
| ୫. | **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, **୨) ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୮,୯୪,୧୦୫.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, **୨) ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | (୧) ଟ.୧୧,୬୬,୦୦୦/- / ଟ.୧,୨୦,୦୦୦/- / ଟ.୧୨,୦୦୦/- (୨) ଟ.୫,୮୫,୦୦୦/- / ଟ.୬୦,୦୦୦/- / ଟ.୬,୦୦୦/- |
| ୬. | **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** **୧) ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, **୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, **୩) ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨,୫୩,୭୨୦.୦୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଯୋଗୀ ମହାପାତ୍ରଙ୍କ ଜମି | ଟ.୧୩,୧୦,୦୦୦/- / ଟ.୧,୩୧,୦୦୦/- / ଟ.୧୫,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୧୦.୧୨.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**LOST**

I, **Saroj Kumar Sahu,** S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd-31.07.2014 & the original patta of M.S.R.O.R Khata No. 152/334 (Issue dt. 23.09.2021) Mouza- Purena, PS-Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.
**Saroj Kumar Sahu**

**AFFIDAVIT**

I, Sakuntala Chintala, W/o Eswara Rao Chintala, resident of B-801, Tamarind Terraces, Sailashree Vihar, Bhubaneswar-751021, Odisha declare by this affidavit no: IN-KA64946288954308X, dt- 09/10/2025 that now onwards I shall be known as **SAKUNTALA SAHU** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-15/11/2025. I, **Susanta Behera** (new name), formerly called as Shushant Behera (old name), S/o- Balakrishna Behera, permanent resident of AT/PO- Rigdul, PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Shushant Behera** (old name) to **Susanta Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susanta Behera** (new name) for all future purposes.
**Susanta Behera**

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**

I, Sutapali Balajee, S/o- Sri Surya Narayan Sutapali, Resident of Dasarathi Street, Bell Road, Back side of Old Bhaskar Rao Pan Shop, Jeypore L/R, Po./Ps.-Jeypore Town, Dist.-Koraput, Odisha declare by this affidavit no. 1043, dated- 25/11/2025 that, now onwards I shall be known as **SUTAPALI BALAJI** for all future purposes.

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, CHANMIYI DAS, W/o- Priya Ranjan Sarangi, At: Bagad, Ward No. 2, Po/Ps - Kesinga, Dist.: Kalahandi, Odisha declare that, I have changed my name from CHANMIYI DAS to CHINMAYEE DASH. Henceforth, I shall be known as CHINMAYEE DASH for all purpose.
**CHINMAYEE DASH**

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SADANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my name from PRIYA RANJAN SADANGI to PRIYA RANJAN SARANGI. Henceforth, I shall be known as PRIYA RANJAN SARANGI for all purpose.
**PRIYA RANJAN SARANGI**

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SARANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my daughter's name from SANTIDAUPA SADANGI to SHANTADWEEPA SARANGI. Henceforth, she will be known as SHANTADWEEPA SARANGI for all purpose.
**PRIYA RANJAN SARANGI**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar Address dated 21.11.2025, I, Baidhar Shau, Vill-Narasinghpur, P.O.:-Bhandaridiha, Dist-Kendujhar, Odisha Pin-758025 declare that, I have changed the name of my daughter from Dipika Priyadarshini Shau to Dipika Priyadarshini Sahu. Henceforth, she shall be known as Dipika Priyadarshini Sahu for all purposes.

**NOTICE**

By virtue of an affidavit sworn before Executive Magistrate, Puri, dated 20.11.2025 I, Sujata Mallik, D/o: Duryodhana Mallik, Vill- Balipadia, Po: Gorual, Ps: puri sadar, Dist: Puri, Pin: 752002, odisha declare that I have changed my name from Puja Mallik to Sujata Mallik. Henceforth, I shall be known as Sujata Mallik for all purposes.
**Sujata Mallik**

**AFFIDAVIT**

**I, Jitendra Kumar Behera,** S/o.: Kuda Behera, Permanent resident of At/PO.: Arkil, P.S.: Rengali Dam Side, Dist.: Angul, Odisha-759100 declare by this Affidavit No.: 5927, sworn before Executive Magistrate, Angul on Dt.11.11.2025 that from now onwards my name Jitendra Behera will be known as **Jitendra Kumar Behera** for all future legal purposes.

**NOTICE**

By virtue of an affidavit sworn before **Hemangini Majhi O.R.S Executive Magistrate, Kakatpur,** dated 21/11/2025, **LAXMIPRIYA BEHERA,** W/o Ajay Behera permanent resident of Tentulia, Po: Bangurigaon, Ps - Kakatpur, Dist- Puri, State- Odisha, Pin-752118 declare that I have changed my daughter's name from **PRAGNAYAPARIMITA BEHERA** to **PRANGA PARIMITA BEHERA.** Henceforth, she shall be known as **PRANGA PARIMITA BEHERA** for all future purposes.
(Sd- **LAXMIPRIYA BEHERA**)

**AFFIDAVIT**

By virtue of an affidavit sworn before The Notary Public, Bhubaneswar, date-18/11/2025. I, Susit Kumar Jena, S/o Nimain Charan Jena, resident of Flat No. 401, Manjulata Mansion, Nandan Vihar, Kalarahanga, Bhubaneswar, Dist- Khordha, PIN- 751024, Odisha declare that I have changed my minor daughter's name from **Sritika Sephali Jena to Sritika Jena.** Henceforth, she shall be known as **Sritika Jena** (new name) for all purposes.
**Susit Kumar Jena**

## ବିନା ଥଇଥାନରେ ଉଠାଦୋକାନୀଙ୍କୁ ଉଚ୍ଛେଦ ନୋଟିସ

# ଗୁହାରି କଲେ ବି ଶୁଣୁନି ଜିଲ୍ଲା ପ୍ରଶାସନ

■ ରୋଜଗାର ହରାଇବେ ୧୦୦ରୁ ଊର୍ଦ୍ଧ୍ୱ ଦୋକାନୀ
■ ଥଇଥାନ ପାଇଁ ଜିଲ୍ଲା ପ୍ରଶାସନକୁ ନିବେଦନ

ରାଇରଙ୍ଗପୁର, ୨୫।୧୧(ସମିସ): ରାଇରଙ୍ଗପୁର ସହରରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବିନା ଥଇଥାନରେ ଉଚ୍ଛେଦ କରିବା ନିଷ୍ପତ୍ତିକୁ ଉଠାଦୋକାନୀମାନେ ନାପସନ୍ଦ କରିଛନ୍ତି। ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ଇଟିଣ୍ଡା ମୌଜାରେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ୧୦୦ରୁ ଉର୍ଦ୍ଧ୍ୱ ଦୋକାନ ରହିଛି। ଉକ୍ତ ସ୍ଥାନରେ ଦୋକାନୀମାନେଦୀର୍ଘବର୍ଷ ହେବ ଜବରଦଖଲ କରି ବେପାର କରୁଛନ୍ତି। ଏବେ ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ସହର ଟ୍ରାଫିକ ସମସ୍ୟା ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଜବରଦଖଲ ଉଚ୍ଛେଦ ନେଇ ନିଷ୍ପତ୍ତି ହୋଇଛି। ଫଳରେ ଉକ୍ତ ଦୋକାନୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଛି; କିନ୍ତୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଦୋକାନୀଙ୍କ ରୋଜଗାରକୁ ପ୍ରଭାବିତ ନ କରିବା ପାଇଁ ଉଚ୍ଛେଦ କରିବା ପୂର୍ବରୁ ପ୍ରଥମେ ଥଇଥାନ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେଇଛନ୍ତି; କିନ୍ତୁ ଏଠାରେ ତାହାକୁ ପାଳନ ନକରି ଉଚ୍ଛେଦ କରିବାକୁ ବାରମ୍ବାର ନୋଟିସ କରାଯାଉଛି ବୋଲି ଦୋକାନୀମାନେ କହିଛନ୍ତି। ଗତ ଅକ୍ଟୋବର ୨୮ ତାରିଖରେ ୧୦୦ରୁ ଉର୍ଦ୍ଧ୍ୱ ଦୋକାନୀଙ୍କୁ ଆଗାମୀ ୧୫ ଦିନରେ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ ତହସିଲ ପକ୍ଷରୁ ନୋଟିସ ହୋଇଥିଲା। ଯାହାକୁ ନେଇ ସମସ୍ତ ଦୋକାନୀ ଗତ ୧୯ ତାରିଖରେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଭେଟିଥିଲେ। ବିନା ଥାଇଥାନରେ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ସମସ୍ୟା ବାବଦରେ ମଧ୍ୟ ଜଣାଇଥିଲେ। ଉଚ୍ଛେଦ ପ୍ରମାଣ ପତ୍ର ପ୍ରଦାନ କରାଯିବ ସହ ପ୍ରଥମେ ଥଇଥାନ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପୁଣି ଉଚ୍ଛେଦ ପାଇଁ ୨୧ ତାରିଖରେ ଅନ୍ୟ ଏକ ନୋଟିସ ହୋଇଛି। ଆଗାମୀ ୧୫ଦିନ ମଧ୍ୟରେ ଉଚ୍ଛେଦ କରିବାକୁ କୁହାଯାଇଛି। ପୁଣି ଉପ ଜିଲ୍ଲାପାଳଙ୍କୁ ଦୋକାନୀମାନେ ଭେଟି ସମସ୍ୟା ବାବଦ ଜଣାଇଥିଲେ। ପୁନଶ୍ଚ ଉପ ଜିଲ୍ଲାପାଳ ଥଇଥାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ସୁଦ୍ଧା ଥଇଥାନ କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନୋଟିସ ମିଳିବାର ୬ଦିନ ବିତି ଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ତେଣୁ ଦୋକାନୀଙ୍କ ମଧ୍ୟରେ ଛନ୍‌କା ପଶିଲାଣି। ଦୋକାନ ଉଚ୍ଛେଦ ହେଲେ ଦୋକାନୀ ରୋଜଗାର ହରାଇବେ। ତେଣୁ ପ୍ରଶାସନ ପକ୍ଷରୁ ପ୍ରଥମେ ତାଙ୍କୁ ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବା ପରେ ଦୋକାନ ଉଚ୍ଛେଦ କରନ୍ତୁ ବୋଲି ନିବେଦନ କରିଛନ୍ତି ସମସ୍ତ ଦୋକାନୀ।

## ଖସୁଛି ପାରଦ; କୁହୁଡିରେ ଜନଜୀବନ ଅସ୍ତବ୍ୟସ୍ତ



ରାଇରଙ୍ଗପୁର, ୨୫।୧୧(ସମିସ): ପାରଦ ନିମ୍ନଗାମୀ ହେବା ସହ ରାଇରଙ୍ଗପୁରରେ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେଉଛି। ଯାହାକୁ ନେଇ ଗତ ୨/୩ଦିନ ହେବ ସକାଳ ଓ ରାତିରେ କୁହୁଡି ମାତ୍ରା ଅତ୍ୟଧିକ ବୃଦ୍ଧି ପାଇଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେଲାଣି। ସହର ସାରା କୁହୁଡିରେ ଆଚ୍ଛାଦିତ ହୋଇଯାଉଛି। ପ୍ରବଳ ଶୀତ ଅନୁଭବ ସହ ଘନ କୁହୁଡି ପରିଲକ୍ଷିତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ସୂଚନା ଦିଆଯାଇଛି। ରାଇରଙ୍ଗପୁର ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ପାଖାପାଖି ପହଞ୍ଚିଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ବସି ରହୁଛନ୍ତି। ପ୍ରବଳ ଶୀତ ଯୋଗୁଁ ରାସ୍ତାଘାଟ, ବଜାର ଆଦି ଜନଶୂନ୍ୟ ହୋଇପଡ଼ିଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ ଘନ କୁହୁଡି ପରିଲକ୍ଷିତ ହୋଇଥିଲା। ବହୁସମୟ ଧରି ଘନକୁହୁଡ଼ି ବଳୟ ରହିବା ଯୋଗୁଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। କୁହୁଡ଼ି ଯୋଗୁଁ ରାସ୍ତାଘାଟ ଦୃଶ୍ୟମାନ ନ ହେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି।

## ବାଇକ୍ ଧକ୍କାରେ ସାଇକଲ ଆରୋହୀ ମୃତ

ରାଇରଙ୍ଗପୁର, ୨୫।୧୧(ସମିସ): ଜାମଦା ଥାନା ଅଞ୍ଚଳରେ ଦ୍ରୁତଗାମୀ ବାଇକ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କୁଦାହାଁସଦା ଗ୍ରାମର ହରିଶ ଚନ୍ଦ୍ର ନାୟକ(୫୦)। ସେ ଗ୍ରାମ୍ୟ ରାସ୍ତାରେ ସାଇକଲରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ହରୀଶ ଗୁରୁତର ହେବାସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗକ୍ରମେ ଜାମଦା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଏଟିଏମ୍ ଅଚଳ; ଗ୍ରାହକ ହନ୍ତସନ୍ତ

କୁଆମରା, ୨୫।୧୧(ସମିସ): ଗତ ତିନି ସପ୍ତାହ ହେଲା କୁଆମରାରେ ଥିବା ଷ୍ଟେଟବ୍ୟାଙ୍କର ଏଟିଏମ କାଉଣ୍ଟର ଅଚଳ ହୋଇପଡ଼ିଥିବାରୁ ଗ୍ରାହକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷ ତମାମ ବ୍ୟାଙ୍କ ଗୁଡ଼ିକ ଭିଡ ରହୁଥିବାରୁ ଲୋକେ ଏଟିଏମ୍ ଉପରେ ନିର୍ଭର କରି ବହୁ ଦୂରଦୂରାନ୍ତରୁ ଆସି ନିରାଶରେ ଫେରୁଛନ୍ତି। ଧାନକଟା ସମୟରେ ବିଶେଷ କରି ସମୟ ଅଭାବକୁ ଲୋକେ ବ୍ୟାଙ୍କ ସମ୍ମୁଖରେ ଧାଡ଼ିରେ ଦୁଇ ତିନି ଘଣ୍ଟା ଛିଡା ହୋଇ ସମୟ ନଷ୍ଟ କରିବା ଅତ୍ୟନ୍ତ ଯନ୍ତ୍ରଣା ଦାୟକ। ତେବେ ଉକ୍ତ ଏଟିଏମ୍ ବର୍ଷର ଅଧିକାଂଶ ସମୟରେ ଅଚଳ ହୋଇ ପଡ଼ି ରହୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏଟିଏମ୍ କାର୍ଡ ବାବଦକୁ ବ୍ୟାଙ୍କରେ ଚାର୍ଜ ଦେବାକୁ ପଡୁଥିବା ବେଳେ ସେବା ଉପଲବ୍ଧ ହେଉନାହିଁ। ଉକ୍ତ ଏଟିଏମ୍ ଉପରେ ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା, ଜୟପୁର ଆଦି ଅଞ୍ଚଳବାସୀ ନିର୍ଭର କରନ୍ତି। ଅନ୍ୟପଟେ ଅଧିକାଂଶ ସମୟରେ ବ୍ୟାଙ୍କରେ ଲିଙ୍କ ଫେଲ ରହୁଥିବାରୁ ଗ୍ରାହକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

କୁଆମରା, ୨୫।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାକୁ ରିଜିଓନାଲ ଏକାଡେମୀର ଖେଳ ଶିକ୍ଷକ ବଳରାମ ପ୍ରଧାନ ଉଦଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ରମେଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ବର୍ଗ, ଶିଶୁ ବର୍ଗ ଓ ବାଲ ବର୍ଗର ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ବିଦ୍ୟାଳୟର ବରିଷ୍ଠ ଗୁରୁମା ଶୁଭଶ୍ରୀ ଦାସ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡ଼ାର ତିନୋଟି ବର୍ଗୁ ଜୟଶ୍ରୀ ସିଂ, କିର୍ତ୍ତୀରାଜ ଜେନା, ତନ୍ମୟ ସିଂ, ପ୍ରକାଶ ଚୈଧୁରୀ ଓ ଲିପସିତା ଚୌଧୁରୀ ଚାମ୍ପିଅନ ହୋଇଛନ୍ତି। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ ପରିଡ଼ା, ସମ୍ପାଦକ ମନମୋହନ ମହାପାତ୍ର, କୋଷାଧ୍ୟକ୍ଷ ଉଜ୍ଜ୍ୱଳ କୁମାର ସେନ ଓ ପୂର୍ବତନ ସମ୍ପାଦକ କୁଳମଣି ବେହେରା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ମେର୍ଦା ଉପକଣ୍ଠରେ ମାଙ୍କଡ଼ ପଲଙ୍କ ଉପଦ୍ରବ



ବୈଶିଙ୍ଗା, ୨୫।୧୧(ସମିସ): ବେତନଟୀ ବନାଞ୍ଚଳ ଅନ୍ତର୍ଗତ ମେର୍ଦା ଉପକଣ୍ଠ ବିଭିନ୍ନ ଗାଁ ରେ ମାଙ୍କଡ ପଲ ଦଳଦଳ ହୋଇ ଉପଦ୍ରବ ଚଳାଇଛନ୍ତି।"ବେତନଟୀ ବ୍ଲକର ମେର୍ଦା ଉପକଣ୍ଠ ପୋଇଶିଳା, ସରଡିହ, ଉଣାପୁରା, ବେଣାପୁରା, ଦୁର୍ଗାପୁର ଓ ସିଙ୍ଗାରପୁରା ଆଦି ଗାଁରେ ମାଙ୍କଡ ପଲ ଉପଦ୍ରବ ଚଳାଇଛନ୍ତି। ଧାନ ସମେତ ବାଡ଼ିରେ ଅମୃତଭଣ୍ଡା, କଦଳୀ ଠାରୁ ଆରମ୍ଭ କରି କୋବି, ବାଇଗଣ, ଭେଣ୍ଡି, କୁନ୍ଦୁରି ପ୍ରଭୁତି ରବି ଫସଲ କ୍ଷେତରେ ପଶି ସବୁ ଖାଇଯିବା ସହିତ ଫସଲ ଖିନଭିନ କରି ଦେଉଛନ୍ତି ମାଙ୍କଡ ପଲ। ନୂଆ ନୂଆ ଅମଳ ସମୟରେ ସବୁ ଫସଲ ମାଙ୍କଡ ଦ୍‌?ାରା ନଷ୍ଟ ହେଉଥିବାରୁ ଚିନ୍ତାରେ ପ?ିଛନ୍ତି ଚାଷୀ। ଏନେଇ ମେର୍ଦା ଅଞ୍ଚଳର ଚାଷୀ ମାନେ, ଗଂଜାମ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିବେ ବୋଲି କହିଛନ୍ତି କ୍ଷ"ତେବେ ବନବିଭାଗର କୌଣସି ଅଧିକାରୀ ଏବଂ ବନ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁନାହାନ୍ତି। ତେବେ ଏନେଇ ଅଭିଯୋଗ ଆସିଲେ କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ବେତନଟୀ ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ।

## ଜିଲ୍ଲାସ୍ତରୀୟ ସର୍ଗିଫୁଲ ଓ ବିଜ୍ଞାନ ମେଳା



ବାରିପଦା, ୨୫ ।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସର୍ଗିଫୁଲ, ବିଜ୍ଞାନ ମେଳା ଓ ଭଲି ବଲ ପ୍ରତିଯୋଗିତା ଜିଲ୍ଲା ମଙ୍ଗଳାଧିକାରୀ ଗୁରୁଚରଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ପ୍ରଣୟରଞ୍ଜନ ବେହେରା, ପ୍ରକଳ୍ପ ପ୍ରଶାସକ, ସମ୍ମାନିତ ଅତିଥିଭାବେ ବାରିପଦା ବିଡିଓ ଦେବେନ୍ଦ୍ର କୁମାର ବଳ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଅଜୟ କୁମାର ଜେନା, ଜ୍ଞାନେନ୍ଦ୍ର ସାମଲ, ଆଲୋକ କୁମାର ମାଝୀ, ସ୍ମୃତିଲିପି ମହାନ୍ତି, ଖଡ଼ିଆ-ମାଙ୍କଡିଆ ପ୍ରକଳ୍ପ, ଯଶିପୁରର ସ୍ୱତନ୍ତ୍ର ଅଧିକାରୀ ହେମାଙ୍ଗିନୀ ଅଗସ୍ତି ତଥା ପ୍ରଧାନଶିକ୍ଷକ ହେମନ୍ତ କୁମାର କର ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ୪ଟି ଉପଖଣ୍ଡରେ ଆୟୋଜିତ ହୋଇଥିବା ଉପଖଣ୍ଡସ୍ତରୀୟ ସର୍ଗିଫୁଲରେ ୨୪୦ ଜଣ ବିଜୟୀ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସୃଜନାତ୍ମକ ଲିଖନ, ବାଗ୍ମୀତା, ସଙ୍ଗୀତ, କୁଇଜ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ, ଏକକ ତଥା ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚ ବିଦ୍ୟାଳୟର ୫୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକମାନଙ୍କର ମାର୍ଗଦର୍ଶନରେ କୁନି କୁନି ବୈଜ୍ଞାନିକମାନେ ନିଜର ପ୍ରକଳ୍ପରେ 'କୃତ୍ରିମ ବୁଦ୍ଧିମତ୍ତା'କୁ ଉପଯୋଗ କରି ବିଜ୍ଞାନମନସ୍କତା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସଭାପତି ଭାବେ ଗୁରୁଚରଣ ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ, ମୁଖ୍ୟଅତିଥି ବିଧାୟକ ଜଲେନ ନାଏକ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ବିଧାୟକ ଭାଦବ ହାଁସଦା, ସମ୍ମାନିତ ଅତିଥିଭାବେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହିତ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଲାଭ କରିଥିବା କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ସର୍ଗିଫୁଲରେ ଅଂଶଗ୍ରହଣ କରିବେ।

## ନୂତନ ପଞ୍ଚାୟତ ଗଠନ ପାଇଁ ବିଡିଓଙ୍କୁ ଦାବିପତ୍ର



ମୋରଡ଼ା, ୨୫।୧୧(ସମିସ): ମୋରଡ଼ା ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ ହେଉଛି ଭାଲିଆଡ଼ିହା। ତେଣୁ ଏହି ପଞ୍ଚାୟତର ଲୋକେ ନୂତନ ପଞ୍ଚାୟତ ଗଠନ ପାଇଁ ସୋମବାର ବିଡ଼ିଓ ଅଣାକାର ନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭୌଗୋଳିକ ପରିସୀମା ଦୃଷ୍ଟିରୁ ବ୍ଲକର ସର୍ବବୃହତ ଗ୍ରାମପଞ୍ଚାୟତ ହୋଇଥିବାବେଳେ ୨୧ଟି ୱାର୍ଡକୁ ନେଇ ଗଠିତ। ତେବେ ୧୧ଟି ୱାର୍ଡ ଯେପରିକି ସାଲକଟା, ଡାକୋଇ ଅମଲନାମା, ଡାକୋଇ, କଲରାଫୁଲିଆ, ଇଦରପୁରାଣସାହି, ଇଦରମାଝିସାହି, ପଚାଖାଲି, କଦମଶୋଳ, କିଶାନତାଣ୍ଡି, ତାଡ଼କି, ସୁନାହଜା ଆଦି ରାଜସ୍ୱ ଗ୍ରାମକୁ ନେଇ ନୂତନ ଗ୍ରାମପଞ୍ଚାୟତ ଗଠନ ପାଇଁ ଦାବିପତ୍ର ଉଲ୍ଲେଖ ରହିଛି। ଏହି ୧୧ଟି ୱାର୍ଡକୁ ନେଇ ନୂତନ ପଞ୍ଚାୟତ ଗଠନ ହେଲେ ଜନସାଧାରଣ ସୁଶାସନ ପାଇପାରିବା ସହ ସରକାରଙ୍କ ଜନହିତକର କାର୍ଯ୍ୟ ତୃଣମୂଳ ସ୍ତରକୁ ପହଞ୍ଚିପାରିବ। ତେବେ ଉକ୍ତ ୧୧ଟି ଗ୍ରାମର ଜନସଂଖ୍ୟା ପ୍ରାୟତଃ ୭ ହଜାରରୁ ଅଧିକ। ଏହିସବୁ ଗ୍ରାମର ଲୋକେ ଭାଲିଆଡ଼ିହା ଗ୍ରାମପଞ୍ଚାୟତକୁ ୫ରୁ ୮ କିମି ଯାଉଥିବାରୁ ବହୁ ଅସୁବିଧାର ସମୁଖୀନ ହେଉଛନ୍ତି। ବିଶେଷ କରି ଖରା ଦିନରେ ବୟସ୍କ ବ୍ୟକ୍ତି ଭତ୍ତା ଓ ଅନ୍ୟାନ କାର୍ଯ୍ୟରେ ଯାଇ ଅଂଶୁଘାତର ଶିକାର ହେଉଛନ୍ତି। ତେଣୁ ସରକାର ବିଚାର କରି ନୂତନ ଗ୍ରାମ ପଞ୍ଚାୟତ ଗଠନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ଏମ୍‌ପିସି ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ କୁଇଜ



ବେତନଟୀ, ୨୫।୧୧(ସମିସ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ବେତନଟୀ ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ଓ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ବିଦ୍ୟାଳୟର ୧୦୬ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶକ୍ତି ସଂରକ୍ଷଣ କୁଇଜ ପ୍ରତି ଯୋଗୀତାରେ ବିଜୟୀ ହୋଇ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର ଥିବା ଛାତ୍ରଛାତ୍ରୀ ଯଥା କ୍ରମେ ନମନ ପ୍ରଧାନଙ୍କୁ ଆଠ ଶହଟଙ୍କା, ଅସିତ ରାଉତ ସାତ ଶହ, ବନ୍ଦିତ କୁମାର ସାହୁଙ୍କୁ ପାଞ୍ଚ ଶହ ଟଙ୍କା ସହିତ ପ୍ରମାଣପତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଦାସ, ଏନ ସି ସି ଅଫିସର ପ୍ରକାଶ କୁମାର ଗିରି, ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ନିରୋଜ କୁମାର ମହାନ୍ତ, ଶକ୍ତି କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅହେତୁକ ବିଳମ୍ବ

ବେତନଟୀ, ୨୫।୧୧(ସମିସ): ତୃତୀୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା କରାଇବାରେ ଅହେତୁକ ବିଳମ୍ବ ନେଇ ବିଭିନ୍ନ ସମ୍ବାଦପତ୍ରରେ ପ୍ରତିକ୍ରିୟା ପ୍ରକାଶ ପାଇଚାଲିଛି। ପଞ୍ଚମଶ୍ରେଣୀ ପରୀକ୍ଷା ପରିଚାଳନା କରୁଥିବା କଟକ ଓଡ଼ିଶା ମାଧ୍ୟମିକ ଶିକ୍ଷାବୋର୍ଡ ଏବଂ ୩ୟ ଶ୍ରେଣୀବୃତ୍ତି ପରୀକ୍ଷା କରାଇବା ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷା ମଣ୍ଡଳାଧୀଶଗଣଙ୍କ ଏଥିପ୍ରତି ଭ୍ରୂକ୍ଷେପ ନାହିଁ। ଫଳରେ ନିରୀହ ଅଭିଭାବକ ଓ କୋମଳମତି ଛାତ୍ରଛାତ୍ରୀ ଚିନ୍ତାରେ ରହନ୍ତି। ବହୁ ବିଳମ୍ବରେ ସେପ୍ଟେମ୍ବର ମାସ ସୁଦ୍ଧା ଗତ ଶିକ୍ଷାବର୍ଷର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାଟି ସମ୍ପନ୍ନ ହୋଇଛି; ହେଲେ ଅଧିକାଂଶ ବ୍ଲକରେ ଏହାର ଫଳାଫଳ ଏ ଯାବତ୍ ପ୍ରକାଶ ପାଇନାହିଁ। ଏଣେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା କେବେ ହେବ ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାନାହିଁ। ଚଳିତ ଶିକ୍ଷାବର୍ଷର ଅଧାପାଠ୍ୟକ୍ରମ ଶେଷକରି ୨ୟ ଆସେସମେଣ୍ଟ ପରୀକ୍ଷାଦେଇ ସାରିଥିବା ମେଧାବୀ ଛାତ୍ରଛାତ୍ରୀ ଗତବର୍ଷର ପାଠପଢ଼ି ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେବେ। ଏହା କେଉଁ ନ୍ୟାୟର ବିଷୟ। ଏହାର ସମାଧାନ କରି ଅବିଳମ୍ବେ ଉକ୍ତ ପରୀକ୍ଷା କରାଯିବାକୁ ନିମ୍ନ ମାଧ୍ୟମିକ ଶିକ୍ଷକନେତା ସଚ୍ଚିଦାନନ୍ଦ ମହାନ୍ତି ଦାବି କରିଛନ୍ତି।

## ଉପଖଣ୍ଡ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ନାହାନ୍ତି ସର୍ଜରୀ ଓ ନିଶ୍ଚେତକ ଡାକ୍ତର; ଓଟି ବନ୍ଦ

୫୦ ପ୍ରତିଶତ କର୍ମଚାରୀରେ ଚାଲିଛି ସେବା



ରାଇରଙ୍ଗପୁର, ୨୫।୧୧(ସମିସ): ଆଦିବାସୀ ବହୁଳ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହି ହସ୍ପିଟାଲ ଉପରେ ବାମନଘାଟି, ପାଞ୍ଚପିଡ଼ ଉପଖଣ୍ଡ ସମେତ ଝାଡ଼ଖଣ୍ଡ ଅଞ୍ଚଳବାସୀ ନିର୍ଭର କରନ୍ତି। ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ସେବା ବିପର୍ଯ୍ୟସ୍ତ ହେବା ସହିତ ଆବଶ୍ୟକଠାରୁ ୫୦ ପ୍ରତିଶତ କମ ରହିଛନ୍ତି ଡାକ୍ତର। ଅସ୍ତ୍ରୋପଚାର ସେବା ଯୋଗାଇବାରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ବିଫଳ। ସେହିପରି ସର୍ଜରୀ ଓ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ପଦ ଖାଲି ରହିଛି; ଯାହାକୁ ନେଇ ରୋଗୀ ବାଧ୍ୟହୋଇ ବାରିପଦା ପିଆରଏମ କିମ୍ବା ଟାଟା ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ହସ୍ପିଟାଲରେ ସିନିୟର ମେଡ଼ିସିନ ସ୍ପେଶାଲିଷ୍ଟ ୨ଜଣ ଆବଶ୍ୟକତା ଥିବାବେଳେ ଜଣେ ରହିଛନ୍ତି। ସେହିପରି ସ୍ୱତନ୍ତ୍ର ଶିଶୁ ଚିକିତ୍ସା ସ୍ପେସାଲିଷ୍ଟ ୩ଜଣଙ୍କ ସ୍ଥାନରେ ଜଣେ ଅଛନ୍ତି। ସିନିୟର ସର୍ଜରୀ ସ୍ପେସାଲିଷ୍ଟ, ନିଶ୍ଚେତକ ବିଶେଷଜ୍ଞ, ନିଦାନ (ପାଥୋଲଜି) ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ ଓ ଇଏନଟି ବିଶେଷଜ୍ଞ କେହି ବି ନାହାନ୍ତି। ଫଳରେ ରୋଗୀ ନାନା ହୀନସ୍ତା ହେଉଛନ୍ତି। ସେହିପରି ଷ୍ଟାଫ ନର୍ସ ୧୧୨ ଜଣ ସ୍ଥାନରେ ୨୪, ଏଏନଏମ ୫ଜଣ ସ୍ଥାନରେ ୫, ଫାର୍ମାସିଷ୍ଟ ୯ଜଣ ସ୍ଥାନରେ ୪, ଲ୍ୟାବରୋଟୋରି ଟେକନିସିଆନ ୬ଜଣ ଓ ଆଟେଣ୍ଡାଣ୍ଟ ୧୨ଜଣ ସ୍ଥାନରେ ୮ ଜଣ ରହିଛନ୍ତି। ନିଶ୍ଚେତକ ଡାକ୍ତର ନଥିବା ବେଳେ ପୂର୍ବରୁ ଥିବା ଏକମାତ୍ର ସର୍ଜରୀ ଡାକ୍ତର ଦେବେନ୍ଦ୍ର ନାଥ ଟୁଡୁ ପିଆରଏମ ହସ୍ପିଟାଲକୁ ଡେପୁଟେସନରେ ଆସିବା ପରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଆଉ ସର୍ଜରୀ ଡାକ୍ତର ନାହାନ୍ତି। ଫଳରେ ସର୍ଜରୀ ଓ ନିଶ୍ଚେତକ ଅସ୍ତ୍ରୋପଚାର ହୋଇନପାରି ଓଟି ବନ୍ଦ ହୋଇରହିଛି। ଆପତକାଳୀନ ଅସ୍ତ୍ରୋପଚାର ଓ ଡାଇଲିସିସ୍ ନିମନ୍ତେ ଅନ୍ୟ ହସ୍ପିଟାଲକୁ ନିର୍ଭର କରିବାକୁ ପଡୁଛି। ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ରାଜ୍ୟ ସରକାର ନୂତନ ଏମବିବିଏସ ଡାକ୍ତର ନିଯୁକ୍ତି ପତ୍ର ଦେଇଥିବା ବେଳେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ସେମାନଙ୍କ ଦେଖାମିଳୁନାହିଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗକୁ କର୍ତ୍ତୃପକ୍ଷ ଜଣାଇଥିଲେ ସୁଦ୍ଧା ଫଳ ଶୂନ। ଏନେଇ ସାଂସଦ ଓ ବିଧାୟକ ଦୃଷ୍ଟି ଦେବା ଆବଶ୍ୟକତା ରହିଛି।

### ସେମାନେ କ'ଣ କହନ୍ତି...



ଡାକ୍ତର, କର୍ମଚାରୀ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ଅଭାବ ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀ ସମେତ ସାଂସଦ ଓ ବିଧାୟକଙ୍କୁ ପୂର୍ବରୁ ଅବଗତ କରାଯାଇଛି। କିନ୍ତୁ କିଛି ଫଳ ଶୂନ; ତଥାପି କର୍ମଚାରୀ ମଧ୍ୟରେ ପାରୁପର୍ଯ୍ୟନ୍ତ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି।

-ରବୀନ୍ଦ୍ର ନାଥ ମାର୍ଣ୍ଡି, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ



ଉପଖଣ୍ଡ ଡାକ୍ତରଖାନାର ସବୁ ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଶବ ସଂରକ୍ଷଣ ବ୍ୟବସ୍ଥା, ଶବ ବ୍ୟବଚ୍ଛେଦ ଶ୍ମଶାନରେ କରାଯାଉଛି। ନିରାମୟରେ ଆବଶ୍ୟକ ଔଷଧ ଉପଲବ୍ଧ ନାହିଁ। ହୃଦରୋଗ ଚିକିତ୍ସା ଭଳି ଜରୁରୀକାଳୀନ ସେବା କି ଔଷଧ ଉପଲବ୍ଧ ହେଉନି। ଯାହାକୁ ନେଇ ରୋଗୀ ହନ୍ତସନ୍ତ ହେଉଛନ୍ତି।

- ଦୀପ୍ତିମାନ ବଳ, ବିଜେଡି ନେତା



ରାଇରଙ୍ଗପୁରରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବିଜେପି ସରକାର ବିଫଳ। ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଡାକ୍ତର ଅଭାବ ଦୂର କରିବାକୁ ଦାବି କରୁଛୁ। ନଚେତ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ।

- ଡା ଦେବାଶିଷ ମାର୍ଣ୍ଡି, ବିଜେଡି ଜିଲ୍ଲା ସଭାପତି, ମୟୂରଭଞ୍ଜ-୨



ସ୍ୱାସ୍ଥ୍ୟ ସେବା ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ସ୍ଥାନୀୟ ଜନ ପ୍ରତିନିଧିମାନେ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ସ୍ୱାସ୍ଥ୍ୟ ସେବା ସୁଧାର ପାଇଁ ମନୋନିବେଶ କରିବା ଅପରିହାର୍ଯ୍ୟ। ଫଳରେ ଅନେକ ଲୋକେ ଉପକୃତ ହୋଇପାରିବେ।

- ଗଣେଶ ମିଶ୍ର, ଯୁବ ଶିକ୍ଷାବିତ୍

## ନାବାଳକଙ୍କ ଆତ୍ମହତ୍ୟା

ବୈଶିଙ୍ଗା, ୨୫।୧୧(ସମିସ): ବୈଶିଙ୍ଗା ଥାନା ଅଧୀନ ଟିକାୟତପୁର ଗ୍ରାମରେ ଜଣେ ନାବାଳକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଉଛି ଅବିନାଶ ସିଂ। ସେ ବୈଶିଙ୍ଗା ଥାନା ଅଧୀନ ଟିକାୟତପୁରସ୍ଥିତ ଝିଲ୍ଲୀବଣି ଗ୍ରାମରେ ଥିବା ନିଜର ଅଜା ଘରେ ରହିଆସୁଥିଲା। ଦୀର୍ଘ ଦିନ ହେବ ପାଠ ପଢ଼ା ଛାଡିବା ପରେ ଏଣେ ତେଣେ ଦିନ ମଜୁରିଆ ଭାବେ କାମ କରୁଥିଲା। ହେଲେ ସକାଳେ ଅଜା ଗୁରୁହା ସିଂ ଘରୁ ବାହାରି ଦେଖିବା ବେଳକୁ ବରକୋଳି ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବାର ଦେଖିବାକୁ ପାଇଥିଲେ

## ତରିମୂଳ ପଟ୍ଟନାୟକ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଆନନ୍ଦପୁର, ୨୫।୧୧ (ସମିସ): ତରିମୂଳ ସରକାରୀ ଉଚ୍ଚବିଦ୍ୟାଳୟରେ ରୁକ୍ମିଣୀ ପଟ୍ଟନାୟକ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶଚନ୍ଦ୍ର ପତି ସଭାପତିତ୍ୱ ଓ ସହକାରୀ ଶିକ୍ଷକ ଦିଲ୍ଲୀପ ରାଉତଙ୍କ ସଂଯୋଜନାରେ ଆହୁତ କାର୍ଯ୍ୟକ୍ରମରେ ମୁଖ୍ୟଟ୍ରଷ୍ଟି ତଥା ଆବାହକ ଭାବରେ ଶୈଳବାଳା ମହିଳା ମହାବିଦ୍ୟାଳୟ କଟକର ପ୍ରାକ୍ତନ ଅଧ୍ୟକ୍ଷ ଡ ହାଡିବନ୍ଧୁ ପଟ୍ଟନାୟକ, ମୁଖ୍ୟଅତିଥି ଭାବରେ ଘସିପୁରା ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ ରାଉତ, ସମ୍ମାନିତ ଅତିଥି ଭାବରେ ତେଲକୋଇ ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ମନମୋହନ ସାମଲ ଯୋଗଦେଇଥିଲେ। ସେହିପରି ବିଶେଷ ଅତିଥି ଭାବରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଜବାହର ନବୋଦୟ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅନାଦୀ ଚରଣ ମହାରଣା, ଗଣିତଜ୍ଞ ତଥା ସମାଜସେବୀ ଗୋପବନ୍ଧୁ ମିଶ୍ର ଓ ଟ୍ରଷ୍ଟର ସମ୍ପାଦିକା ଅନ୍ନପୂର୍ଣ୍ଣା ମହାରଣା ଯୋଗ ଦେଇଥିଲେ। ଆନନ୍ଦପୁର ଓ ଘସିପୁରା ବ୍ଲକରୁ ୨୧ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ କାହ୍ନୁଚରଣ ମହାରଣା ଓ ଜାହାଜ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାବରେ ଅନ୍ନପୂର୍ଣ୍ଣା ମହାରଣା, ବିଷ୍ଣୁନାରାୟଣ ସାମଲ, ଜୀନାରାଣୀ ଜେନା, ବିଶିକେଶନ ଭୂୟାଁ, ଶାନ୍ତିଲତା ମଲ୍ଲିକ, ଡ ଦେବେନ୍ଦ୍ର ଦାଶ, ଦେବାଶିଷ ମହାନ୍ତି ଓ କଳ୍ପତରୁ ନାଥଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ ରାଉତ, ମମିତାରାଣୀ ଜେନା ଓ ରଶ୍ମିରଞ୍ଜନ ରାଉତ ସହଯୋଗ କରିଥିଲେ।



### ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପସ୍ତରୀୟ କମିଟି ବୈଠକ

## ପଞ୍ଚବର୍ଷୀୟ ଅନୁଦାନ ଓ ବିନିଯୋଗର ସମୀକ୍ଷା

**କେନ୍ଦୁଝର,୨୫।୧୧(ସମିସ):** କେନ୍ଦୁଝରର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପସ୍ତରୀୟକମିଟି ବୈଠକ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଦରବାର ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସଦର ବିଧାୟକ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପୀନାଥ ରାମ ଆଦିବାସୀ ବିକାଶ ପ୍ରକଳ୍ପର ସମୀକ୍ଷା କରିଥିଲେ ଏବଂ ନୂତନ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିଥିଲେ। ପୂର୍ବ ବୈଠକର ବିବରଣୀ ଗୃହ ସମ୍ମୁଖରେ ଉପସ୍ଥାପନ କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ପରେ ୨୦୨୧-୨୨ରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ଅଧୀନରେ ପ୍ରାପ୍ତ ଅନୁଦାନ ଏବଂ ଖର୍ଚ୍ଚ ବିବରଣୀର ସମୀକ୍ଷା କରାଯାଇଥିଲା। ସଦସ୍ୟମାନେ ବିନିଯୋଗ କରାଯାଇଥିବା ଅର୍ଥ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବିଧାନର ଧାରା ୨୭୫(୧) ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନାର ରୂପରେଖକୁ ଅନୁମୋଦିତ କରାଯାଥିଲା। ଯୋଜନା ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଭିତ୍ତିଭୂମି ଏବଂ ଜୀବିକା ବିକାଶ କାର୍ଯ୍ୟ କରିବା ପାଇଁ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ୨୨୨୬.୫୦ ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୮୩.୬୭ ଲକ୍ଷ ଟଙ୍କା ଆବଣ୍ଟନ କରାଯିବ। ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସାଂସଦ ଏବଂ ବିଧାୟକଙ୍କ ଦ୍ୱାରା ସୁପାରିସ କରାଯାଇଥିବା ଅନେକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ମଞ୍ଜୁର କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମ୍ପାଦିତ କରାଯିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ କେନ୍ଦୁଝରର ଆଦିବାସୀ ଜନସଂଖ୍ୟାକୁ ସ୍ଥାୟୀ ବିକାଶ ଏବଂ ଲାଭ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ପରିଚାଳନା କରିଥିଲେ।




## ଶିଶୁ ସୁରକ୍ଷା ସମ୍ପର୍କିତ ଦୁଇଦିନିଆ କର୍ମଶାଳା

ଚମ୍ପୁଆ,୨୫।୧୧(ସମିସ): ଚମ୍ପୁଆ ପଞ୍ଚାୟତସମିତି ସଭାଗୃହଠାରେ ଶିଶୁ ସୁରକ୍ଷାକୁ କ୍ରିୟାଶୀଳ କରିବା ସକାଶେ ଜିଲ୍ଲା ପରିଷଦ ପକ୍ଷରୁ ଏକ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ମଙ୍ଗଳ କମିଟି ଏବଂ ବ୍ଲକ ଟାସ୍କ ଫୋର୍ସ କମିଟିର ମିଳିତ ଆନୁକୂଲ୍ୟରେ ପଞ୍ଚାୟତିରାଜ ପ୍ରତିନିଧି, ଶିଶୁ ବିକାଶ ବିଭାଗ, ସାମାଜିକ ଗୋଷ୍ଠୀ ଓ ବିଭାଗୀୟ ଅଧିକାରୀ ସମୂହଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଡ଼ିଓ ସ୍ମୃତିରଞ୍ଜନ ସାହୁ ଯୋଗ ଦେଇଥିବା ବେଳେ ଏବିଡିଓ ଚୁନୁ ହାଁସଦା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତ୍ରା ତ୍ରିପାଠୀ, ସିଡିପିଓ ଲକ୍ଷ୍ମୀକାନ୍ତ ମାରାଣ୍ଡି, ଜିପିଡିଓ ମୋନାଲିସା ନାଏକ, ସିଆରସି ସୁଦାମ ଚରଣ ପଣ୍ଡା, ବିଆରସି ମାନସ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସିଆରସିସି ଶିଶୁଙ୍କ ସାଂପ୍ରତିକ ସ୍ଥିତି, ସେମାନଙ୍କର ଅଧିକାର ଓ ସୁରକ୍ଷା, ସଚେତନତା ବ୍ୟବସ୍ଥା, ଆଇନ୍ ବ୍ୟବସ୍ଥା ଏବଂ ଆମ ଜିଲ୍ଲାରେ ଶିଶୁଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ, ଏଏନଏମ, ସମିତିସଭ୍ୟ, ସୁପରଭାଇଜର, ବିପିଏଲ୍ଏଫର ପଞ୍ଚାୟତସ୍ତରୀୟ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ୩ରୁ ଦୁଇଦିନିଆ ଜିଲ୍ଲା ବାର୍ଷିକ ଦୌଡ଼କୁଦ

କେନ୍ଦୁଝର, ୨୫।୧୧(ସମିସ): କେନ୍ଦୁଝର ଜିଲ୍ଲା କ୍ରୀଡ଼ାସଂସ୍ଥା ଆନୁକୂଲ୍ୟରେ ଜିଲ୍ଲା ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଆସନ୍ତା ୩ ଏବଂ ୪ ତାରିଖ ଦୁଇଦିନ ଧରି ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ହେବ। ୧୪, ୧୬, ୧୮, ୨୦ ଓ ୨୩ ବର୍ଷରୁ କମ ବାଳକ ଓ ବାଳିକା ଏବଂ ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ସିନ୍ଥେଟିକ ଟ୍ରାକରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କଟକ ରିଜର୍ଭ ପୁଲିସ ଗ୍ରାଉଣ୍ଡ ସିନ୍ଥେଟିକ ଟ୍ରାକରେ ହେବାକୁଥିବା ୭୧ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଚୟନ କରାଯିବ। ଇଚ୍ଛୁକ ପ୍ରତିଯୋଗୀମାନେ ସେମାନଙ୍କ ଶିକ୍ଷାନୁଷ୍ଠାନ/କ୍ଲବ/ଅନୁଷ୍ଠାନ ଜରିଆରେ ଏଥିରେ ଭାଗ ନେବା ପାଇଁ ନାମ ଆସନ୍ତା ୩୦ ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ। ସମସ୍ତ ପ୍ରତିଯୋଗୀ ବୟସ ପ୍ରମାଣପତ୍ର ଏବଂ ମୋବାଇଲ ନମ୍ବର ଦେଇ ନିଜ ଅନୁଷ୍ଠାନ ଜରିଆରେ ଆବେଦନ କରିବେ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ମୋବାଇଲ ନମ୍ବର- ୭୯୭୮୪୪୦୮୩୩ଙ୍କ ସହ ଯୋଗାଯୋଗ କରିବାକୁ ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ଦୁଇ ବରିଷ୍ଠ ଶିକ୍ଷକଙ୍କୁ ରାଷ୍ଟ୍ରନିର୍ମାତା ସମ୍ମାନ




ଆନନ୍ଦପୁର, ୨୫।୧୧(ସମିସ): ଘସିପୁରା ବ୍ଲକର ଦୁଇ ବରିଷ୍ଠ ଶିକ୍ଷକ ଉପେନ୍ଦ୍ରନାଥ ସାହୁ ଓ ରଜତ କୁମାର ଚାନ୍ଦଙ୍କୁ ରୋଟାରୀ ଇଣ୍ଟରନ୍ୟାସନାଲ୍ ମାର୍ଗଦର୍ଶନରେ ଚାଲୁଥିବା ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର କଳିଙ୍ଗ ତରଫରୁ ସମ୍ମାନଜନକ ରାଷ୍ଟ୍ର ନିର୍ମାତା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ହୋଟେଲ୍ ସାଫରନ୍‌ଠାରେ ଏକ ବର୍ଣ୍ଣାଢ୍ୟ ସମାରୋହରେ ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶିବବ୍ରତ ଦାସ, ଚାର୍ଟାର୍ ସଭାପତି ଅଶୋକ ମହାପାତ୍ର, ସର୍ଭିସ୍ ପ୍ରୋଜେକ୍ଟ ନିର୍ଦ୍ଦେଶକ ଡ ହାଡିବନ୍ଧୁ ପଟ୍ଟନାୟକ, ସଭାପତି ମନୋରଞ୍ଜନ ପୋଥାଳ ଓ ସମ୍ପାଦକ ଆଦର୍ଶ ରଥ ଉପସ୍ଥିତ ଥିଲେ। ସମ୍ପ୍ରତି ଉପେନ୍ଦ୍ରନାଥ ସାହୁ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରେଇ ଓ ରଜତ ଚାନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସାଇଁପାଳରେ କାର୍ଯ୍ୟରତ ଅଛନ୍ତି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଦ୍ୱୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବାଲି ଅଭାବରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ହାଟଡ଼ିହୀ,୨୫।୧୧(ସମିସ): ହାଟଡ଼ିହୀ ଅଞ୍ଚଳରେ ବାଲି ଯୋଗାଣରେ ଅଭାବୀ ପରିସ୍ଥିତି ଯୋଗୁଁ ବିଭିନ୍ନ ବିଭାଗରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ସାଧାରଣତଃ ପକ୍କାଘର, ରାସ୍ତାଘାଟ, ଆବାସ ଗୃହ, ପୋଲ, ସିମେଣ୍ଟ ଇଟା ସହ ଘରୋଇ ଉପକରଣ ସାମଗ୍ରୀ ଆଦି ବିଭିନ୍ନ ପ୍ରକାରର ନିର୍ମାଣ କାର୍ଯ୍ୟର ମୁଖ୍ୟ ଉପାଦାନ ଭାବେ ବାଲି ଆବଶ୍ୟକ ହୋଇଥାଏ। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବାଲିର ନିଅଣ୍ଟିଆ ଅଭାବ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ନିର୍ମାଣକାରୀ ସଂସ୍ଥାଠାରୁ ଆରମ୍ଭ କରି ଠିକାଦାର, ନିର୍ମାଣକାରୀ ମିସ୍ତ୍ରିମାନେ କାମ ନପାଇ ହାତ ବାନ୍ଧି ଘରେ ବସିଛନ୍ତି। ଆବାସ ଯୋଜନାରେ ବାସଗୃହ ପାଇଥିବା ହିତାଧିକାରୀମାନେ ମଧ୍ୟ ବାଲି ମୁଠେ ପାଉ ନଥିବାରୁ ଘର ନିର୍ମାଣ କରି ନପାରି ନାନା ହୀନସ୍ତା ହେଉଛନ୍ତି। ଆବାସ ହିତାଧିକାରୀମାନେ ନିୟମାନୁଯାୟୀ ଠିକ୍ ସମୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ନକଲେ ବୋନସ୍ ଟଙ୍କା କଟିବା ଭୟରେ ପ୍ରକୃତ ଦରଠାରୁ ତିନିଗୁଣ ଅଧିକ ଦାମ୍ ଦେଇ ଚୋରାରେ ବାଲି କିଣିବାକୁ ବାଧ ହେଉଛନ୍ତି। ଯାହାଫଳରେ ସେମାନଙ୍କୁ ତିନିଗୁଣ କ୍ଷତି ସହିବାକୁ ପଡୁଛି। ଏବେ ବାଲି ଅଭାବ ଯୋଗୁଁ ସମ୍ପୂର୍ଣ୍ଣ ହାଟଡ଼ିହୀ ଅଞ୍ଚଳରେ ହା ହା କାର ପଡ଼ିଯାଇଛି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ନିର୍ମାଣକୁ ଲକ୍ଷ୍ୟ କରି ବାଲି ଯୋଗାଣ କ୍ଷେତ୍ରରେ ପ୍ରଶାସନ ଦୃଷ୍ଟି ଦେବା ସହ ଉନ୍ନୟନ କାର୍ଯ୍ୟକାରୀ ସଂସ୍ଥା ଏବଂ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ କିପରି ସୁରୁଖୁରୁରେ ଆବାସ ଗୃହ ସହ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରିପାରିବେ ସେ ଦିଗରେ ଧ୍ୟାନ ଦେବାକୁ ଦାବି ହୋଇଛି।

## ଚମ୍ପୁଆ ଶିଶୁ ମନ୍ଦିରରେ ଶିଶୁ ଶିବିର



ଚମ୍ପୁଆ, ୨୫।୧୧(ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅରୁଣ ଶ୍ରେଣୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଭୋଳାନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଦସ୍ୟ ମୋନାଲିସା ରାଉତ ମଞ୍ଚାସୀନ ଥିଲେ। ଅଫିସ୍ କୋ-ଅର୍ଡିନେଟର ଧରଣୀଧର ଦାସ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଶିଶୁ ଶିବିରର ଆଭିମୁଖ୍ୟ କଥନ କରିଥିଲେ। ସରୋଜ ପାତ୍ର ଅତିଥି ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପରିଚାଳନା ସମିତିର ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ, ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ପରିଚାଳନା କରିଥିଲେ। ଶିକ୍ଷା ବିକାଶ ସମିତି ଓଡିଶା, ଉତ୍ତର ସମ୍ଭାଗ ସମ୍ପାଦକ ଯୋଗ ଦେଇଥିଲେ।

## ହାଇୱାରେ ଲାଗିଲା ନିଆଁ

ଯୋଡ଼ା/ବଡ଼ବିଲ୍,୨୫।୧୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିଜ କ୍ଷେତ୍ର ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ ନମ୍ବର୍ ରାଜପଥ ଭଦ୍ରାସାହି ରୁଗୁଡି ରାସ୍ତା ବାରବାଙ୍କ ନିକଟରେ ଏକ ହାଇୱା ଗାଡ଼ିରେ ନିଆଁ ଲାଗି ଜଳିଯାଇଛି। ବାରବାଙ୍କ ଘାଟି ନିକଟରେ ହାଇୱା ଗାଡ଼ିଟିକୁ ଏକ କ୍ରେନ୍ ସାହାଯ୍ୟରେ ଟଚନ କରି ନେଉଥିବା ସମୟରେ କୌଣସି କାରଣରୁ ଗାଡିରେ ଧୂଆଁ ବାହାରିଥିଲା। ଚାଳକ ସଙ୍ଗେ ସଙ୍ଗେ ଗାଡ଼ିକୁ ରାସ୍ତାରେ ଛିଡାକରିଥିଲେ। ସେଠାରେ ଉପସ୍ଥିତ ଲୋକେ ଏହାକୁ ଦେଖି ବଡ଼ବିଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବଡ଼ବିଲ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ କିନ୍ତୁ ସେତବେଳକୁ ଗାଡ଼ିଟିର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଜଳିଯାଇଥଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ।

## ଜବରଦଖଲ ଅଭିଯୋଗ ଆଣିଲେ ଗ୍ରାମବାସୀ

ଚମ୍ପୁଆ,୨୫।୧୧(ସମିସ): ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ଦୋଳିତା ଗ୍ରାମର ଅଧିବାସୀମାନେ ସଣ୍ଢିଆମରା ସାହିରେ ବିନା ଅନୁମତି ସରକାରୀ ଜମିକୁ ଜୋର ଜବରଦଖଲ କରାଯାଉଥିବା ନେଇ ଉପଜିଲ୍ଲାପାଳ, ତହସିଲଦାର, ରେଞ୍ଜ ଅଧିକାରୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଦୋଳିତା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ସଣ୍ଢିଆମରାଠାରେ ଥିବା ସରକାରୀ ଜମିକୁ ଗ୍ରାମବାସୀ ବିଦ୍ୟାଳୟ, ଖେଳ ପଡିଆ, ଡାକ୍ତରଖାନା, ପ୍ରାଣୀ ଚିକିତ୍ସାଳୟ ଆଦି କାର୍ଯ୍ୟରେ ଲଗାଇବା ନିମନ୍ତେ ସଂରକ୍ଷିତ ରଖିଥିଲେ। ମାତ୍ର ମହେଶ୍ୱରପୁର ଗ୍ରାମର କେତେକ ଧନି ଶ୍ରେଣୀର ଲୋକ ଉକ୍ତ ସରକାରୀ ଜମିକୁ ଜୋର ଜବରଦସ୍ତ ଦଖଲ କରିଆସୁଛନ୍ତି। ଫଳରେ ଭବିଷ୍ୟତରେ ଗ୍ରାମରେ ହେବାକୁଥିବା ସରକାରଙ୍କ ଉନ୍ନତମୂଳକ କାର୍ଯ୍ୟ କରିବା ସମ୍ଭବ ହେବନାହିଁ। ଏଣୁ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ ଜମିକୁ ଜବରଦଖଲମୁକ୍ତ କରିବା ଦବି କରିଛନ୍ତି।

## କୁଶଳେଶ୍ୱର କଲେଜରେ ସ୍ୱାଗତ ଉତ୍ସବ



ଆନନ୍ଦପୁର, ୨୫।୧୧ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳର ଇତିହାସ ବିଭାଗ ତରଫରୁ କଲେଜ ଅଧ୍ୟକ୍ଷ ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ବିଜୟ କୁମାର ସାହୁ ଅତିଥିଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗତବର୍ଷ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅଙ୍କିତା ସାହୁ ଏବଂ ଶ୍ରେଷ୍ଠ ଛାତ୍ର ଭାବେ ସତ୍ୟବ୍ରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇତିହାସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଧାପକ ଭବାନୀ ପ୍ରସାଦ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଭାଗର ତୃତୀୟ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଅଧ୍ୟାପିକା କାଦମ୍ବିନୀ ଜେନାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦାମୋଦର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

## ଟାଟା ଷ୍ଟିଲ ଖଣ୍ଡବନ୍ଧ ଖଣିରେ ନୂତନ ଶ୍ରମ କୋଡ୍ ସଚେତନତା



ଯୋଡ଼ା, ୨୫।୧୧(ସମିସ): ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିରେ ୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ ଅବସରରେ ନୂତନ ଶ୍ରମ କୋଡ୍ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳ–୧ର ମାଇନ୍ସ ସେଫ୍ଟି ଡେପୁଟି ଡିରେକ୍ଟର ଟି. ହରିପ୍ରସାଦ ପ୍ରାୟ ୩୦୦ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ବୋଧିତ କରି ଭାରତ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ, ୨୯ଟି ପୂର୍ବତନ ଶ୍ରମ ଆଇନକୁ ପରିବର୍ତ୍ତନ କରି ଆଣାଯାଇଥିବା ଚାରୋଟି ନୂତନ ଶ୍ରମ କୋଡ୍‌ର ମୂଳ ଦିଗଗୁଡ଼ିକ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରମିକ ସଂଘଙ୍କ ଦୃଢ଼ ସମର୍ଥନ ମିଳିଥିଲା। ସେ ସମସ୍ତଙ୍କୁ ସୁରକ୍ଷା ନିୟମ ପାଳନ କରିବା, ନିଜ ଅଧିକାର ବୁଝିବା ଓ ଏହି ଆଇନଗତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟପ୍ରଣାଳୀରେ ଅନୁପ୍ରବେଶ କରାଇବା ପାଇଁ ସାମୁହିକ ଭାବରେ କାମ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଫଳରେ କର୍ମଚାରୀମାନେ ନିଜ କାର୍ଯ୍ୟସ୍ଥଳରେ ଅଧିକ ସଚେତନ, ସୁରକ୍ଷିତ ଓ ସୁରକ୍ଷାପ୍ରଦ ହେବାରେ ସାହାଯ୍ୟ ପାଇବେ।

## ବାଳିକା ସହାୟକ ପଞ୍ଚାୟତ ଗଠନ ପାଇଁ ତାଲିମ୍

ହାଟଡ଼ିହୀ,୨୫।୧୧(ସମିସ): ହାଟଡ଼ିହୀ ବ୍ଲକ ସଭାଗୃହରେ ବାଳିକା ସହାୟକ ପଞ୍ଚାୟତ ଗଠନ ନିମନ୍ତେ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇସିଡ଼ିଏସ ବିଭାଗର ବିଆଇସି ଦୀପକ କୁମାର ବାରିକଙ୍କ ସଂଯୋଜନାରେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ଏବିଡ଼ିଓ ରଶ୍ମିରେଖା ନାଏକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୋନାଲିସା ନାୟକଙ୍କ ସହ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା, ହାଟଡ଼ିହୀ କ୍ଲଷ୍ଟରର ସିଆରସିସି ଦେବାଶିଷ ସୌଭାଗ୍ୟରଞ୍ଜନ ବାରିକ, ଅଙ୍ଗନବାଡ଼ି ପରିଦର୍ଶିକା ଜ୍ୟୋତ୍ସ୍ନାମୟୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଟି ପଞ୍ଚାୟତରେ ବାଳିକାଙ୍କ ସହାୟକ ନିମନ୍ତେ କିପରି ସୁସ୍ଥ ପରିବେଶ ଗଠନ କରିହେବ ସେଦିଗରେ ଆଲୋଚନା ହୋଇଥିଲା। ବିଜ୍ଞାପନ ଓ ସଚେତନତା ଅଭାବରୁ ବିଭିନ୍ନ ପଞ୍ଚାୟତର ଗାଁ ମାନଙ୍କରେ ଶିଶୁ ବାଳିକା ଶ୍ରମିକ, ବାଲ୍ୟବିବାହ ଭଳି କାର୍ଯ୍ୟ ବୃଦ୍ଧି ପାଉଛି। ସେଥିରୁ ନିବୃତ ପାଇଁ ସେମାନଙ୍କୁ ସଚେତନ କରାଇବା ସହ କାର୍ଡ଼ବୋର୍ଡ଼ କିମ୍ବା ଡ଼ିଜିଟାଲ ଉପାୟରେ ସେମାନଙ୍କୁ ସଚେତନ କରାଇ ସେମାନଙ୍କ ପାଇଁ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ପଞ୍ଚାୟତ ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ, ଉପଖଣ୍ଡ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରତ୍ୟେକ ଶିଶୁ ଓ ବାଳିକାଙ୍କ ସୁରକ୍ଷା ଦିଗରେ ପ୍ରଥମେ ଅଭିଭାବକମାନେ ସଚେତନ ହେବା ନିହାତି ଜରୁରୀ ବୋଲି କୁହାଯାଇଥିଲା। ବିଭିନ୍ନ ସମିତି ସଭ୍ୟସଭ୍ୟା, ୱାର୍ଡମେମ୍ବର, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ସାମିଲ ଥିଲେ। ବ୍ଲକ୍ ସିପି ସୁବ୍ରତ ନାୟକ ପରିଚାଳନା କରିଥିଲା ବେଳେ କର୍ମଚାରୀ ଭଗବାନ ସେଠୀ, ସୁଦର୍ଶନ ଘଡ଼େଇ ସହଯୋଗ କରିଥିଲେ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଚମ୍ପୁଆ, ୨୫।୧୧(ସମିସ): ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ୩୨ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଶାନ୍ତନୁ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଚମ୍ପୁଆ ବିଡ଼ିଓ ସ୍ମୃତିରଞ୍ଜନ ସାହୁ। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ସାହୁ, ପରିଚାଳନା କମିଟିର ସଦସ୍ୟ ରାଜକିଶୋର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ଗିରି ଅତିଥି ପରିଚୟ କରିଥିବା ବେଳେ ଲଗ୍ନଜିତ ମହାରଣା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ପ୍ରଥମେ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଶପଥ ପାଠ ଓ କ୍ରୀଡ଼ା ମଶାଲ ପରିକ୍ରମା କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କ୍ରୀଡ଼ାର ବିଭିନ୍ନ ବିଭାଗରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ସମସ୍ତଙ୍କ ସହଯୋଗରେ ଏହି କ୍ରୀଡା ଉତ୍ସବ ଶେଷ ହୋଇଥିଲା।

### ଟାଟା ଷ୍ଟିଲ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ

## ଦୌଡ଼ିଲେ ୪,୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

- ୧୦ କିମି, ୭ କିମି ଓ ୫କିମି ବର୍ଗରେ ଦୌଡ଼
- ମୋଟ ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ରାଶି
- ସ୍ୱତନ୍ତ୍ର ଦୌଡ଼ରେ ସାମିଲ୍ ହେଲେ ୮୪ ଦିବ୍ୟାଙ୍ଗ
- ପ୍ରତି ପ୍ରତିଯୋଗୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବ ଟାଟା ଷ୍ଟିଲ




ଯୋଡ଼ା, ୨୫।୧୧(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। "ସବୁଜ ଆଜି, ସବୁଜତମ କାଲି' ବିଷୟବସ୍ତୁ ସହ ପ୍ରକୃତି ସଂରକ୍ଷଣ ତଥା ଫିଟନେସକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ରବିବାର ଆୟୋଜିତ ଏହି ଗଣଦୌଡ଼ରେ ଭାଗ ନେଇଥିଲେ ୪,୬୦୦ରୁ ଊର୍ଦ୍ଧ୍ୱ ଧାବକଧାବିକା। ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ ସାହୁ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି. ଡି. ହନୁମନ୍ତ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ ସାମଲ, ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଓ ସୁରଭି ଭଟ୍ଟନାଗର ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଧାବକଧାବିକାଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ଶତାଧିକ ଜନସଂଖ୍ୟା ଏକତ୍ରିତ ହୋଇଥିଲେ। ୧୦ କିମି ପୁରୁଷ ଓ ମହିଳା ବର୍ଗରେ ଉତ୍ତରପ୍ରଦେଶର ପ୍ରଶାନ୍ତ ଚୌଧୁରୀ ଓ ଝାଡ଼ଖଣ୍ଡର ବାସନ୍ତୀ କୁମାରୀ ବିଜୟୀ ହୋଇଥିବାବେଳେ ଉତ୍ତରପ୍ରଦେଶର ଧୀରଜ କୁମାର ଓ ଓଡ଼ିଶାର ବାସନ୍ତୀ ମାଣ୍ଡିଆ ଯଥାକ୍ରମେ ୭ କିମି ପୁରୁଷ ଓ ମହିଳା ବର୍ଗରେ ବିଜୟୀ ହୋଇଛନ୍ତି। ସେହିପରି ୫ କିମି ବାଳକ ଓ ବାଳିକା ବର୍ଗରେ ଯଥାକ୍ରମେ ଝାଡ଼ଖଣ୍ଡର ଉଦୟ ମେଳଗାଣ୍ଡୀ ଓ ଓଡ଼ିଶାର ମମତା କୁମାରୀ ବିଜୟୀ ହୋଇଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ ସାହୁ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି.ଡି. ହନୁମନ୍ତ, ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଉଦ୍‌ବୋଧନ ଦେଇଥିଲେ। ତିନୋଟି ବର୍ଗରେ (୧୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୧୦ କିମି ଓ ୭ କିମି ଏବଂ ୧୬ ବର୍ଷରୁ କମ୍ ବୟସ ଲୋକଙ୍କ ପାଇଁ ୫ କିମି) ଏହି ଦୌଡ଼ ଆୟୋଜନ କରାଯାଇଥିଲା। ଏଥିସହ ଦିବ୍ୟାଙ୍ଗଙ୍କ ପାଇଁ ୨ କିମିର ଏକ ସ୍ୱତନ୍ତ୍ର ଦୌଡ଼ର ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ୮୪ ଜଣ ଦିବ୍ୟାଙ୍ଗ ଭାଗ ନେଇଥିଲେ। ସମସ୍ତ ବର୍ଗ ପାଇଁ ମୋଟ ୫ ଲକ୍ଷ ୬୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏକ ସବୁଜ ଭବିଷ୍ୟତ ଓ ଦୀର୍ଘସ୍ଥାୟିତା ପ୍ରତି ନିଜର ପ୍ରତିବଦ୍ଧତା ଦର୍ଶାଇ ସମସ୍ତ ପ୍ରତିଯୋଗୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ଚାରା ରୋପଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ଅବସରରେ ଯୋଡ଼ା ଟାଉନସିପରୁ ବାହାରୁଥିବା ଶୁଖିଲା ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ କରାଯାଇ ପୁନର୍ବ୍ୟବହାର ଯୋଗ୍ୟ ଉତ୍ପାଦର ଏକ ପ୍ରଦର୍ଶନୀ କରାଯାଇଥିଲା। ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ଜାମସେଦପୁରରୁ "ରାଇଡ ୱିଥ ପ୍ରାଇଡ' ନାମକ ଏକ ସୁପର୍ ବାଇକର ଗ୍ରୁପ୍ ହାର୍ଲେ ଡେଭିଡସନ୍, ଦୁକାଟି ଓ ବିଏମଡବ୍ଲ୍ୟୁ ପରି ବାଇକ୍ ଧରି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ସହ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଓ ବିନିତା ସିଂହ, ଓଏମକ୍ୟୁ ମୁଖ୍ୟ ମେଡିକାଲ ଅଫିସର ଧୀରେନ୍ଦ୍ର କୁମାର ଓ ବୀଣା କୁମାରୀ, ନୁଆମୁଣ୍ଡି ମୁଖ୍ୟ ଡି. ବିଜୟେନ୍ଦ୍ର, ଓଏମକ୍ୟୁ ପ୍ଲାନିଂ ଓ ପ୍ରୋଜେକ୍ଟ ମୁଖ୍ୟ ଅବନିଶ କୁମାର, ପ୍ରୋଜେକ୍ଟ ମୁଖ୍ୟ ଦୀପକ ବେହେରା, ଏନଆଇଏନଏଲ୍ ଖଣି ମୁଖ୍ୟ ରାହୁଲ କିଶୋର, ଏଫ୍‌ଏଏମଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ଓଏମକ୍ୟୁ ଇଞ୍ଜିନିୟରିଂ ସର୍ଭିସେସ ଓ ପ୍ରୋଜେକ୍ଟ ମୁଖ୍ୟ ନାରାୟଣ ଶର୍ମା ଓ କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଉପସ୍ଥିତ ଥିଲେ।

# ଏମ୍‌ସ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଆନନ୍ଦପୁର, ୨୫।୧୧ (ସମିସ)

ଘଟଗାଁଠାରେ ଏମ୍‌ସ ପ୍ରତିଷ୍ଠା ପାଇଁ ଘଟଗାଁ ଏମ୍‌ସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନନ୍ଦପୁର ଗସ୍ତରେ ଆସିଥିବା ବେଳେ ଏମ୍‌ସ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖଣି ଅଞ୍ଚଳରେ ଦୂଷିତ ପରିବେଶ ଓ ଦୁର୍ଗମ ପାହାଡ ଘେରା ଅଞ୍ଚଳର ଶ୍ରମିକ, କୃଷକ, ଗରିବ ଖଟିଖିଆମାନେ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଥିବା ବେଳେ ଗୁଣିଗାରେଡି ଉପରେ ବିଶ୍ୱାସ କରି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି। ଜିଲ୍ଲାରେ ବିଶେଷଜ୍ଞ ଡାକ୍ତର ଅଭାବ ସାଙ୍ଗକୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା



ଦାଉ ସାଧୁଥିବା ବେଳେ ଉନ୍ନତ ସ୍ୱାସ୍ଥ୍ୟସେବା ଜିଲ୍ଲା ପାଇଁ ସାତସପନ ପାଲଟିଛି। ପ୍ରାଚୁର୍ଯ୍ୟରେ ଥାଇ ମଧ୍ୟ ଲୋକମାନଙ୍କ ଜୀବନ ଧାରଣ ମାନରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଫଳରେ ଜିଲ୍ଲାବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ କଟକ, ଭୁବନେଶ୍ୱର ଯାଇ ଦଲାଲମାନଙ୍କ ଦ୍ୱାରା ଶୋଷଣର ଶିକାର ହେବା ସହ ଅନେକ ଜୀବନ ହାରୁଛନ୍ତି। ସେଥିପାଇଁ ଏମ୍ସ ପ୍ରତିଷ୍ଠା ପାଇଁ ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ୨୦୨୫ରେ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ଦାବି ଉପସ୍ଥାପିତ ହୋଇଥିଲା। ଘଟଗାଁଠାରେ ଏମ୍‌ସ ପ୍ରତିଷ୍ଠା ହେଲେ ଉତ୍ତର ଓଡିଶାର ଆଦିବାସୀମାନେ ବିଶେଷକରି ଉପକୃତ ହେବେ। କମିଟିର କାର୍ଯ୍ୟକାରୀ ସଭାପତି ସୋମନାଥ ଦାସ, ସମ୍ପାଦିକା କଳ୍ପନା ଦେହୁରୀ, ସଦସ୍ୟା ଅନ୍ନପୂର୍ଣ୍ଣା ଦେହୁରୀ, ଆବାହକ ବିଶ୍ୱରଞ୍ଜନ ବେହେରା, ଉପସଭାପତି ବିନୋଦ ବିହାରୀ ନାୟକ, ସହସମ୍ପାଦକ ଅତୁଲ ବେହେରା ବିଜେପି ଯୁବନେତା ସନ୍ତୋଷ ଜେନା ଦାବିପତ୍ର ପ୍ରଦାନ କରିଥିଲେ।

## ଚୋରି ସନ୍ଦେହରେ ଦୁଇ ଯୁବକ ମାଡ଼

ହାଟଡିହୀ,୨୫।୧୧(ସମିସ): ଚୋରି ସନ୍ଦେହରେ ଦୁଇ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଦ୍ଦୟ ମାଡ଼ମାରିଛନ୍ତିମିଠିଗାଁଗ୍ରାମବାସୀ।ଏଥିରେଜଣେରିଜର୍ଭପୁଲିସକର୍ମଚାରୀଥିବାବେଳେ ଏହାର ଭିଡ଼ିଓ ଭାଇରାଲ ହୋଇଛି। ସୋସୋ ଥାନା ଅଧୀନ ମିଠିଗାଁ ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ଦୁଇଜଣ ଅପରିଚିତ ଯୁବକ ବୁଲୁଥିବା ବେଳେ ଗାଁ ଲୋକେ ସେମାନଙ୍କୁ ଅଟକାଇଥିଲେ। କଥାରେ କୌଣସି ତାଳମେଳ ନରହିବାରୁ ଗ୍ରାମବାସୀଙ୍କ ସନ୍ଦେହ ଉପୁଜିଥିଲା। କିଛିଦିନ ହେଲା ଆଖପାଖ ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ଏମାନେ ଚୋରି ଉଦ୍ଦେଶ୍ୟରେ ଆସିଥିବା ସନ୍ଦେହ କରି ଗାଁଲୋକେ ସେମାନଙ୍କୁ ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଯୁବକଦ୍ୱୟ ଆଗରପଡା ଥାନା ଅଧୀନସ୍ଥ ଚାରିଗାଁ ଗ୍ରାମର ବୋଲି ଜଣାପଡିଥିଲା। ଇନଷ୍ଟାଗ୍ରାମରୁ ପରିଚିତ ଜଣେ ଯୁବତୀଙ୍କୁ ଭେଟିବାକୁ ଆସିଥିବା ଜଣେ ଯୁବକ ଫେରିବାରେ ବିଳମ୍ବ ହେବାରୁ ତାଙ୍କୁ ଖୋଜିବାକୁ ଆସିଥିବା କହିଥିଲେ। ପରେ ଯୁବକଦ୍ୱୟଙ୍କୁ ଗ୍ରାମବାସୀ ଛାଡିଥିବା ଜଣାଯାଇଛି।

## ନାଳରୁ ନାବାଳକର ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୫।୧୧(ସମିସ): ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଗ୍ରାମର ନାଳରୁ ମଙ୍ଗଳବାର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ର ହେଲେ କେତାଙ୍ଗ ଗ୍ରାମର ପ୍ରମୋଦ ନାଏକଙ୍କ ପୁଅ ଆକାଶ (୧୪)। ଆକାଶ ୨ ସାଙ୍ଗଙ୍କ ସହ ମିଶି ନାଳକୁ ମାଛ ଧରିବା ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ଖବର ପାଇ ଘଟଗାଁ ପୁଲିସ ଓ ପାଟଣା ଅଗ୍ନିଶମବାହିନୀ ସହାୟତାରେ ଶବ ଉଦ୍ଧାର ସହ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ କହିଛନ୍ତି।

## କାର୍ ଦୁର୍ଘଟଣାଗ୍ରସ୍ତ; ମା'ପୁଅ ଗୁରୁତର

ତୁରୁମୁଙ୍ଗା, ୨୫।୧୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟରାଜପଥର ଚିଲିଦା ନିକଟରେ ମଙ୍ଗଳବାର ଅପରାହ୍ନରେ ରାସ୍ତାକଡ଼ରେ ଛିଡ଼ାଥିବା ଏକ କ୍ୟାମ୍ପର ଗାଡ଼ିକୁ ପଛପଟୁ ଧକ୍କାଦେଇ କାର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଥିବା ଯାତ୍ରୀଦ୍ୱୟ ମା'ଓ ପୁଅ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଦ୍ୱୟ ହେଲେ କେନ୍ଦୁଝର ବଣିଆପାଟ୍‌ର ଲକ୍ଷ୍ମଣ ସିଂ ଏବଂ ମା' ବିଦ୍ୟୁଲତା। ଉଭୟ ମୟୂରଭଞ୍ଜ ଜିଲ୍ଲା ଖିଚିଂ ମନ୍ଦିରକୁ ମା' କୀଚକେଶ୍ୱରୀଙ୍କ ଦର୍ଶନ ସାରି ଫେରୁଥିଲେ। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

## ଅଟୋ ଓଲଟି ଡ୍ରାଇଭର ଗୁରୁତର

ମୋରଡ଼ା,୨୫।୧୧(ସମିସ): ମୋରଡ଼ା ଥାନା ଅନ୍ତର୍ଗତ ଗୁହାଳଡିହା ପୋଲ ନିକଟରେ ସୋମବାର ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ପଡିବାରୁ ଚାଳକ ଗୁରୁତର ହୋଇଛନ୍ତି। ଆହତ ଡ୍ରାଇଭର ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଧିନ ମାଣିଦା ଗ୍ରାମର ତପନ ହାଁସଦା। ତପନ ସକାଳ ୧୦ଟାରେ ତିନି ଜଣ ଲୋକଙ୍କୁ ଆଣି ଭୀମଭୋଇ ଭିନ୍ନକ୍ଷମ ମେଳାରେ ଛାଡି ଫେରୁଥିଲେ। ଝିଙ୍କିରିଆ ନିକଟରେ ଏକ କୁକୁଡ଼ାକୁ କୁଟି ଦେଇଥିଲେ। ସେ ମାଡ ଭୟରେ ଦ୍ରୁତଗତିରେ ଗାଡି ଚଳାଇ ନେଇ ଗୁହାଳଡିହା ପୋଲଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ପରେ ତପନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବ୍ୟାପକ ପୋଚ ଓ ଚୋରା ଦେଶୀ ମଦ ଜବତ

ବଡସାହି, ୨୫ ।୧୧(ସମିସ): ବଡସାହି ଥାନା ଅଧୀନରେ ବ୍ୟାପକ ଭାବେ ଚୋରା ଦେଶୀ ଓ ବିଦେଶୀ ତଥା ନକଲି ମଦର ବ୍ୟାପକ କାରବାର ଚାଲିଛି। ଥାନା ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ପରିମାଣର ପୋଚ ଓ ଦେଶି ରନ୍ଧାମଦ ଜବତ କରି ନଷ୍ଟ କରାଯାଇଛି। ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ ବେହେରା ଖୁଣ୍ଟା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ଉଦଳା ଏଏସଆଇ ଏସ ରବୀନ୍ଦ୍ର ରେଡିଙ୍କ ସମେତ ବିଭାଗୀୟ କର୍ମଚାରୀ ମାନେ ବଡ଼ସାହି ଥାନା ଅଧୀନ ଚହଲାପଦା ନିକଟସ୍ଥ ଜଙ୍ଗଲରୁ ରନ୍ଧା ଚାଲିଥିବା ଦେଶୀମଦ ସମେତ ୩୨୦ଲିଟର ମଦ ଓ ୩୨ଶହ କେଜି ପୋଚ ଜବତ କରିବା ସହ ନଷ୍ଟ କରିଥିଲେ। ସେହିପରି ବଡ଼ସାହି ଥାନା ଅଧୀନ କମଳାଶୋଳରେ ଚଢ଼ଉ କରି ୪୨ଶହ କେଜି ପୋଚ ଓ ୪୭୦ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଛି।

## ମଦ ବିରୋଧରେ ଥାନାର ଦ୍ୱାରସ୍ଥ ମହିଳା

ହାଟଡ଼ିହୀ,୨୫।୧୧(ସମିସ): ନନ୍ଦିପଦା ଥାନା ସରଳ ଗ୍ରାମରେ ମଦ ବିକ୍ରିକୁ ନେଇ ଉତ୍ତେଜନା ଦେଖାଦେଇଛି। ମହିଳାଙ୍କ ବିରୋଧ ସତ୍ତ୍ୱେ ଗାଁର ଜଣେ ବ୍ୟକ୍ତି ମଦ ବିକ୍ରି ବନ୍ଦ କରୁନାହାଁନ୍ତି। ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଉକ୍ତ ବେପାରୀଙ୍କୁ ବାରମ୍ବାର କୁହାଯାଇଥିଲେ ମଧ୍ୟ ସେ ସବୁଶୁଣି ନଶୁଣିଲା ପରି ହେବାରୁ ଆଜି ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଉକ୍ତ ଦୋକାନ ବନ୍ଦ କରିଥିଲେ। ଏନେଇ ଉତ୍ତେଜନା ପ୍ରକାଶ ବେଳେ ମହିଳାମାନେ ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## ରାଜ୍ୟ ମୃତ୍ତିକା ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଙ୍ଘର ଉପସଭାପତି ଶିବପ୍ରସାଦ



କେନ୍ଦୁଝର, ୨୫।୧୧(ସମିସ): ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଂଘର ୧୫ତମ ରାଜ୍ୟ ସମ୍ମିଳନୀ ପୁରୀ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଭୀମସେନ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଆସନ୍ତା ୨ବର୍ଷ ପାଇଁ ହରପ୍ରସାଦ ରଥ ସଭାପତି, ଶିବପ୍ରସାଦ ଦାସ ଉପସଭାପତି, ଅମୁଲ୍ୟ ରଞ୍ଜନ ସ୍ୱାଇଁ ସାଧାରଣ ସମ୍ପାଦକ, ଜିତେନ୍ଦ୍ର କୁମାର ପ୍ରଧାନ ସହ ସାଧାରଣ ସମ୍ପାଦକ, ଏ. ସମେଲେଶ୍ୱର ରାଓ, ବ୍ରଜପତି ମିଶ୍ର, ଦୀପକ କୁମାର ପାଢ଼ୀ, ମଳୟ କେତନ ରାୟ ଯୁଗ୍ମ ସମ୍ପାଦକ, ପବିତ୍ର କୁମାର ରାଉତ, ଅରୂପାନନ୍ଦ ବାରିକ, ଜଗନାଥ ମହାନ୍ତି, ସୌମ୍ୟରଞ୍ଜନ ସିଠ ସାଙ୍ଗଠନିକ ସମ୍ପାଦକ, ଭାଗୀରଥି ଜେନା ହେଡକ୍ୱାର୍ଟର ସମ୍ପାଦକ, ନରେଶ ପ୍ରଧାନ ଅର୍ଥ ସମ୍ପାଦକ, ଚିନ୍ମୟ ନାୟକ, ଗୁରୁଦେବ ସିଂହ ସମୀକ୍ଷକ ଏବଂ କାର୍ଯ୍ୟକାରୀ କମିଟିକୁ ୩୦ ଜଣ ନିର୍ବାଚିତ ହୋଇଥିବା ବେଳେ ଦ୍ୱାରିକାନାଥ ମହାନ୍ତିଙ୍କୁ ସମ୍ମାନୀୟ ସଭାପତି ସହିତ ୫ ଜଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

## ଦୁଇଟି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ନୂତନ କୋଠା ଲୋକାର୍ପିତ




ବାରିପଦା, ୨୫ ।୧୧(ସମିସ): ବାରିପଦା ତହସିଲ ଅଧୀନ ବାଘରାରୋଡ଼ରେ ବାରିପଦା ରାଜସ୍ୱ ନିରୀକ୍ଷକ-୧ ଏବଂ ୨ କାର୍ଯ୍ୟାଳୟର ନବନିର୍ମିତ କୋଠା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସଭାପତି ନିହାର ମୋଦୀ, ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, ବାରିପଦା ତହସିଲଦାର ସପନ କୁମାର ସାହୁ, ମନ୍ତ୍ରୀଙ୍କ ସଚିବ ରାମ ଚନ୍ଦ୍ର ସୋରେନ, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ, ଭରତ ଚନ୍ଦ୍ର ପାତ୍ର, ରାଜସ୍ୱ ନିରୀକ୍ଷକଙ୍କ ସମେତ ବାରିପଦା ତହସିଲ ଓ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଦୁଇଟି କାର୍ଯ୍ୟାଳୟରେ ଉପର ମହଲାରେ ରାଜସ୍ୱ ନିରୀକ୍ଷକଙ୍କ ଆବାସିକ ବ୍ୟବସ୍ଥା ହୋଇଛି। ଫଳରେ ଲୋକଙ୍କ ପାଇଁ ଆରଆଇଙ୍କ ଉପସ୍ଥିତିରେ ସୁବିଧା ହେବା ସହିତ ଦ୍ୱରିତ ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। ଆଜିଠାରୁ ଏହି ନୂତନ ଗୃହରେ ଏହି ଦୁଇଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟାରମ୍ଭ ହୋଇଛି। ଏହା ପୂର୍ବରୁ ନିର୍ମାଣ କାର୍ଯ୍ୟ ପାଇଁ ବାରିପଦା ତହସିଲ କାର୍ଯ୍ୟାଳୟରେ ଦୁଇଟି ଅଫିସ ଅସ୍ଥାୟୀ ଭାବେ କାର୍ଯ୍ୟ କରି ଆସୁଥିଲା।

## ଅଟୋ ଚାଳକଙ୍କୁ ମାଡ଼ ଘଟଣାର ଗାଁରେ ଉତ୍ତେଜନା

ତୁରୁମୁଙ୍ଗା, ୨୫।୧୧(ସମିସ): ଗାଡ଼ି ଭଡ଼ାକୁ କେନ୍ଦ୍ରକରି ଅଟୋ ଚାଳକଙ୍କୁ ମାଡ଼ ମାରିବା ପରେ ସୋମବାର ରାତିରେ ବେଗନା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ଗାଁକୁ ତଦନ୍ତ ପାଇଁ ଯାଇଥିଲା ବେଳେ ଅଭିଯୁକ୍ତ ବାପା-ପୁଅଙ୍କୁ ଗିରଫ ଦାବିରେ ସଂଧ୍ୟା ୭ରୁ ରାତି ୧୧ଟା ପର୍ଯ୍ୟନ୍ତ ପୁଲିସ ଗାଡ଼ିକୁ ଉତ୍ତ୍ୟକ୍ତ ଲୋକେ ଅଟକ ରଖିଥିଲେ। ସାନୁ ସେଠୀଙ୍କ ଅଟୋରେ ସେହି ଗାଁର ପଙ୍କଜ ସେଠୀ ଧାନ ବିଡ଼ା ଆଣିଥିଲେ। ଭଡ଼ା ବାବଦକୁ ୨୫୦ ଟଙ୍କା ବଦଳରେ ୨୦୦ ଟଙ୍କା ଦେଇଥିଲେ। ଏହାପରେ ବଚସା ହେବା ସହ ଉତ୍ତ୍ୟକ୍ତ ଅବସ୍ଥାରେ ପଙ୍କଜ ଏବଂ ତାଙ୍କ ଦୁଇ ପୁଅ ଅମୀୟ ସେଠୀ ଓ ପୀୟୁଷ ସାନୁଙ୍କୁ ମାଡ଼ ମାରିଥିଲେ। ଖବର ପାଇ ପାଟଣା ଥାନାଧିକାରୀ ମାନସ ମହାକୁଳ ଲୋକଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ପରେ ଘଟଗାଁ ଏସଡିପିଓ ବିଜୟକୃଷ୍ଣ ମହାପାତ୍ର ଲୋକଙ୍କୁ ବୁଝାସୁଝା କରିଥିଲେ। ଗ୍ରାମରେ ଏକ ସେକ୍ସନ ପୁଲିସ ଫୋର୍ସ ଆକ୍ରମଣକାରୀ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ମୁତୟନ ହୋଇଛନ୍ତି। ସାନୁ ସେଠୀଙ୍କ ଅଭିଯୋଗ ପରେ ପାଟଣା ଥାନାରେ ମାମଲା ରୁଜୁ ହୋଇଛି।

## ଗଚ୍ଛିତ ବାଲିକୁ ଜବତ କଲା ଖଣି ବିଭାଗ

ବାରିପଦା, ୨୫ ।୧୧(ସମିସ): ମୋରଡା ତହସିଲ ଅଧୀନ ଜମ୍ବିରା ନଦୀର ବରକନ୍ଦ ସଇରାତରୁ ଧାର୍ଯ୍ୟ ବାଲି ଉତ୍ତୋଳନ ସରିବା ପରେ ମଧ୍ୟ ଚୋରାରେ କାରବାର ଚାଲିଥିଲା। ଏ ନେଇ ସ୍ଥାନୀୟ ଜନସାଧାରଣ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିବା ପରେ ଖଣି ନୀରିକ୍ଷକ ଉଦୟଭାନୁ ସାହୁ ମଙ୍ଗଳବାର ପୁଲିସ ସହିତ ପହଞ୍ଚି ନଦୀ ଗର୍ଭରେ ଜମା ଥିବା ଉତ୍ତୋଳିତ ବାଲିଗଦାକୁ ଜବତ କରିଛନ୍ତି। ସେଗୁଡିକ ପରବର୍ତ୍ତୀ ସମୟରେ ନିଲାମ କରାଯିବ। ଅପରପକ୍ଷରେ ବଡସାହି ତହସିଲ ଅଧୀନ ବେଲପାଳ ନିକଟରେ ଜବତ ବାଲି ନିଲାମ ହୋଇ ନ ପାରିବାରୁ ଅନ୍ୟ ଏକ ତାରିଖ ସ୍ଥିର କରାଯାଇଛି।

## ଜଗବନ୍ଧୁ ହାଇସ୍କୁଲରେ ବିଜ୍ଞାନମେଳା



ବଡ଼ସାହି,୨୫ ।୧୧(ସମିସ): ବଡ଼ସାହି ବ୍ଲକ୍ ବାଲିଯୋଡା ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ମାର୍ଗଦର୍ଶନରେ ବରିଷ୍ଠ ଶିକ୍ଷକ ଦୀପକ ରାମ ମେଳାକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଚିନ୍ତାଧାରାରେ ଉଦବୁଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରିଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଜ୍ଞାନ ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ୨୦ଟି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଶିକ୍ଷକ ପାର୍ଥସାରଥୀ ଜେନା ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରେଖାରାଣୀ ମହାକୁଡ଼, ତପସ୍ୱିନୀ ସାହୁ, ଅଲିଭାଜ୍ୟୋତି ମହାପାତ୍ର ଓ ଅଫିସ ସହାୟକ ପଦ୍ମାବତୀ ମହାନ୍ତ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମୋରଡ଼ା,୨୫।୧୧(ସମିସ): ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଣାକାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ହେଲେ ମଞ୍ଚରେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ଫଟୋ ଲଗାଯାଇ ନ ଥିବାରୁ ସେମାନେ ମଞ୍ଚକୁ ଆସିନଥିବା ଜଣାପଡିଛି। ବିଏସଏସଓ ସଲମା ମୁର୍ମୁଙ୍କ ପରିଚାଳନାରେ ଶିବିରରେ ୨୦ଟି ପଞ୍ଚାୟତର କୋଣ ଅନୁକୋଣରୁ ଭିନ୍ନକ୍ଷମ ଯୋଗଦେଇଥିଲେ। ଭିନ୍ନକ୍ଷମଙ୍କୁ ଚିହ୍ନଟ ଓ ସେମାନଙ୍କ ବସ୍ ପାସ, ବିଭିନ୍ନ ଉପକରଣ ସାମଗ୍ରୀ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଋଣ ସମ୍ବନ୍ଧୀୟ ବ୍ୟତୀତ ସରକାରଙ୍କ ପକ୍ଷରୁ ରହିଥିବା ସୁବିଧା ସୁଯୋଗ ନେଇ ସୂଚନା ଦିଆଯାଇଥିଲା। ଭିନ୍ନକ୍ଷମଙ୍କୁ ପରୀକ୍ଷା ନିରୀକ୍ଷା କରିବା ପାଇଁ ଜିଲ୍ଲାସ୍ତରରୁ ପାଞ୍ଚ ଜଣ ଡାକ୍ତର ଯୋଗଦେଇଥିଲେ। ୬୩୧ ଜଣ ଭିନ୍ନକ୍ଷମ ଆବେଦନକରି ଥିବାବେଳେ ସେମାନଙ୍କ ମଧ୍ୟରୁ ପାଞ୍ଚଟି ବିଭାଗରେ ୩୯୫ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ପରୀକ୍ଷା କରାଯାଇଥିବା ଭିନ୍ନକ୍ଷମଙ୍କ ମଧ୍ୟରୁ ୧୭ ୯ଜଣଙ୍କୁ ପରବର୍ତ୍ତୀ ସମୟରେ ଟ୍ରାଇ ସାଇକଲ, ହୁଇଲ ଚେୟାର, କୃତ୍ରିମ ଅଙ୍ଗ, ଶ୍ରବଣ ଯନ୍ତ୍ର, ଏମ୍‌ଟିସି, ଏମ୍‌ଆଇସି କିଟ୍, ସିପି ଚୌକି, ଆଶା ବାଡ଼ି, ବ୍ୟାଟେରୀ ଚାଳିତ ଟ୍ରାଇ ସାଇକଲ ଆଦି ପ୍ରଦାନ କରାଯିବ ବୋଲି ବିଏସଏସଓ ସୂଚନା ଦେଇଛନ୍ତି। ସେହିପରି ୯୧ଜଣଙ୍କୁ ବସ୍ ପାସ, ୧୭୧ଜଣଙ୍କୁ ଇନକମ ସାର୍ଟିଫିକେଟ, ୨୨ଜଣଙ୍କୁ ଆବାସ, ୧୦ଜଣଙ୍କୁ ବାଣୀଶ୍ରୀ ଏବଂ ୧୧୨ଜଣଙ୍କୁ ପେନସନ ପ୍ରଦାନ କରାଯାଇଛି।

## ଆନନ୍ଦପୁର କଲେଜରେ ଐତିହ୍ୟ ପ୍ରଦର୍ଶନୀ

ଆନନ୍ଦପୁର, ୨୫।୧୧(ସମିସ): ବିଶ୍ୱ ଐତିହ୍ୟ ସପ୍ତାହ-୨୦୨୫ ପାଳନ ଅବସରରେ ଗତ ୨୨ ତାରିଖ ଶନିବାର ଆନନ୍ଦପୁର ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ "ପୋଷ୍ଟର ପ୍ରଦର୍ଶନୀ' ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ଛାତ୍ରଛାତ୍ରୀ କୋଣାର୍କ ସୂର୍ଯ୍ୟ ମନ୍ଦିର, ଅଜନ୍ତା, ଏଲୋରା, ପୁରୀ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଖଜୁରାହୋ, ଲଳିତଗିରି, ରତ୍ନଗିରି ଓ ଉଦୟଗିରି, ମହାବୋଧି ମନ୍ଦିର, ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ଲିଙ୍ଗରାଜ ମନ୍ଦିର, ଦିଲୱାରା ଜୈନ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଲାଲକିଲା, ତାଜମହଲ, ଭାରତର ଜାତୀୟ ଉଦ୍ୟାନ ଇତ୍ୟାଦି ଅନେକ ଐତିହ୍ୟଗୁଡ଼ିକର ପୋଷ୍ଟର ପ୍ରଦର୍ଶନୀ କରିବା ସହ ଏସବୁ ଐତିହ୍ୟ ସମ୍ପର୍କରେ ବିଭିନ୍ନ ତଥ୍ୟ ଛାତ୍ରଛାତ୍ରୀ ଏବଂ ଅନ୍ୟ ଅଧ୍ୟାପକଙ୍କୁ ପ୍ରଦାନ କରିଥିଲେ। ପ୍ରଦର୍ଶନୀକୁ ବିଭିନ୍ନ ବିଭାଗର ପ୍ରାୟ ୨୦୦ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଏହି ପ୍ରୟାସକୁ ଅନେକ ପ୍ରଶଂସା କରିଛନ୍ତି।

## ୨ ମୋବାଇଲ ଲୁଟେରା ଗିରଫ

ରାଇରଙ୍ଗପୁର,୨୫।୧୧(ସମିସ): ସୋମବାର ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ଜଣେ ଯୁବତୀଙ୍କଠାରୁ ମୋବାଇଲ ଛିନତାଇ କରିଥିବା ଦୁଇ ଜଣ ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଇଚିଣ୍ଡା, ୱାର୍ଡ ନମ୍ବର ୧୨ ଅଞ୍ଚଳର ବିଷ୍ଣୁ ବେହେରା (୨୩) ଓ ମଧୁବନ ୱାର୍ଡ ନମ୍ବର ୭ ଅଞ୍ଚଳର ଗଣେଶ ନାଏକ (୨୦)। ଖୁଣ୍ଟା ଥାନା ଅନ୍ତର୍ଗତ ବାଙ୍ଗରା ଗ୍ରାମର ସିନଗା ହାଁସଦା ସୋମବାର କଲେଜ ଯାଉଥିବା ବେଳେ ମୁର୍ମୁ ଛକ ନିକଟରେ ମୋବାଇଲ ଛିନତାଇ ହୋଇଥିଲା। ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଛିନତାଇ କରି ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଧରିବାକୁ ଚେଷ୍ଟା କରିଥିବା ବେଳେ ବିଫଳ ହୋଇଥିଲେ। ପରେ ଏନେଇ ରାଇରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଯାଞ୍ଚ କରି ଦୁଇ ଜଣଙ୍କୁ ଧରିଛି। ସେମାନଙ୍କ ପାଖରୁ ଛିନତାଇ ମୋବାଇଲ ଉଦ୍ଧାର ହେବା ସହ ପଲସର ବାଇକ ଜବତ ହୋଇଛି। ଉଭୟଙ୍କୁ ରାଇରଙ୍ଗପୁର ଟାଉନ ଥାନା ପୁଲିସ କୋର୍ଟଚାଲାଣ କରିଛି।

## ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ବାରିପଦା, ୨୫।୧୧(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଦ୍ୱାରା ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସାଗରିକା ସିଂହ ସଭାରେ ସଭାପତିତ୍ୱ କରିବା ସହ ଆର୍ଥିକ ସାକ୍ଷରତା ଆଜିର ସମୟରେ ଏକ ଅତ୍ୟାବଶ୍ୟକ ଜ୍ଞାନ ଓ ଏହା ଜୀବନକୁ ସୁଗମ କରେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଯୋଗଦେଇ ବସନ୍ତ କୁମାର ମହାପାତ୍ର, ଗୌତମ କୁମାର ସି, ଅଭୟ ରଞ୍ଜନ ନାୟକ, ମନୋଜ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ସମ୍ପର୍କରେ ଛାତ୍ରୀମାନଙ୍କୁ ସବିଶେଷ ଧାରଣା ପ୍ରଦାନ କରିବା ସହ ଏହା ଜୀବନରେ ଆର୍ଥିକ ଯୋଜନା କରିବାରେ ସାହାଯ୍ୟ କରେ ଓ ଭବିଷ୍ୟତ ଜୀବନକୁ ସୁରକ୍ଷା ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡଃ ଦେବପ୍ରିୟା ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡଃ ଚନ୍ଦ୍ରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କବିତା ସଂକଳନ 'ଅମୃତ ଗୋଲାପ' ଉନ୍ମୋଚିତ



କରଞ୍ଜିଆ, ୨୫।୧୧(ସମିସ): କବି ଇଂଜିନିୟର ତ୍ରିଲୋଚନ ସେଠୀଙ୍କ କବିତା ସଂକଳନ 'ଅମୃତ ଗୋଲାପ' କବି ଭରତ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡାକ୍ତର ଜନାର୍ଦ୍ଦନ ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ମିତ୍ରଭାନୁ ତନ୍ତୀ ଯୋଗ୍ ଓ ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ୍ ସଂପାଦକ କର୍ଣ୍ଣାର୍ଜ୍ଜୁନ ସାହା, ପାଞ୍ଚପିଢ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଅନିଲ ଚାରୁଦର୍ଶୀ, ଇଟରନୀଟି ଇଂରାଜୀ ପତ୍ରିକା ସଂପାଦକ ହରେକୃଷ୍ଣ ମହାନ୍ତ, ଅଧ୍ୟାପକ ମିଳନ ମହାନ୍ତ ପ୍ରମୁଖ ଯୋଗ ଦେଇ କବିଙ୍କ ରଚିତ କବିତା ସଂକଳନ ଉପରେ ବକ୍ତବ୍ୟ ରଖିଥିଲେ। କବି ଇ ତ୍ରିଲୋଚନ ସେଠୀ କବିତା ସଂକଳନ ଅମୃତ ଗୋଲାପ ଉପରେ ଆଲୋକପାତ କରିଥିଲେ। ପୁସ୍ତକର ପ୍ରକାଶକ ଅନିତା ସେଠୀଙ୍କ ସହିତ ସଞ୍ଜୀବ ସାହୁ କବି ଶ୍ରୀଧର ମହାନ୍ତ, କବି ସରୋଜ କୁମାର ବେହେରା, କାଳିଆ ପ୍ରେମୀ ଉମେଶ ପତି, ରବୀନ୍ଦ୍ର ମହାନ୍ତ, ହରେକୃଷ୍ଣ ମହନ୍ତ ଉପସ୍ଥିତ ହୋଇ ସ୍ୱରଚିତ କବିତା ପାଠ କରିଥିଲେ। ଚନ୍ଦନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରେ ଜଳାଭାବ; ଶିଶୁ ହନ୍ତସନ୍ତ

କପ୍ତିପଦା,୨୫।୧୧(ସମିସ): କପ୍ତିପଦା ବ୍ଲକ କଳମଗଡିଆ ପଞ୍ଚାୟତର ଅପହଞ୍ଚ ଇଲାକା କମାଇ ସାହିକୁ ଆଜିଯାଏ ଭଲ ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗାଁରେ କୌଣସି ବିଦ୍ୟାଳୟ ନଥିବା ବେଳେ ଅଙ୍ଗନବାଡ଼ି ଏକମାତ୍ର ଭରସା। ଅଙ୍ଗନବାଡ଼ି ଶିକ୍ଷାପରେ ପୋଥିରେ ଡୋରି ବାନ୍ଧିଥିବା ଏଠାକାର ୭୦ ପରିବାର। ପୂର୍ବରୁ ଏଠାରୁ ୩କାମି ଦୂର ଶ୍ରୀପଦ ମଞ୍ଜରୀପୁରଠାରେ ଥିଲା ଅଙ୍ଗନବାଡ଼ି କେନ୍ଦ୍ର। ଏତେଦୂରରୁ ପିଲା ଯିବା ସମସ୍ୟାକୁ ନେଇ ଗାଁରେ ପ୍ରତିଷ୍ଠା ହୋଇଛି ଅଙ୍ଗନବାଡି। ତେବେ ଗାଁରେ ଗୋଟିଏ ମାତ୍ର ନଳକୂପ ଥିବା ବେଳେ ଏହା କେନ୍ଦ୍ରଠାରୁ ବହୁ ଦୂରରେ ରହିଛି। ଛୋଟ ପିଲାମାନେ ସେଠାକୁ ଯିବା ବିପଦ ସଂକୁଳ ହୋଇଥିବା ବେଳେ ଅଙ୍ଗନବାଡ଼ି କର୍ମୀ ଅଫିସ କାମରେ ବାହାରକୁ ଗଲେ ଉକ୍ରଟ ହୋଇପଡେ ଜଳ ସମସ୍ୟା। ଦୂରରୁ ପାଣି ଆଣି ରୋଷେଇ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଗାଁରେ ୭୦ପରିବାରକୁ ଗୋଟିଏ ନଳକୂପ ରହିଥିବା ବେଳେ ଖରାଦିନେ ଉକ୍ରଟ ପାଣି ସମସ୍ୟା ଦେଖାଦିଏ। ତେଣୁ ଅଙ୍ଗନବାଡ଼ି କେନ୍ଦ୍ରରେ ଗୋଟିଏ ନଳକୂପ ପ୍ରତିଷ୍ଠା ପାଇଁ ଦାବି ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି କର୍ମୀ; କିନ୍ତୁ ଫଳ ଶୂନ ବୋଲି ଗାଁର ପାଇକରାୟ ହନରା, ନରେଶ ବାନରା, ବୁଦ୍ଧିରାମ ସିଂ, ଜଗନ୍ନାଥ ସିଂ ଓ ଓକିଲ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି।




## ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବାରିପଦା, ୨୫ ।୧୧(ସମିସ): ଶ୍ୟାମାଖୁଣ୍ଟା ବ୍ଲକର ଧନପୁର ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଡଃ ଭକ୍ତହରି ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଚିତ୍ତରଞ୍ଜନ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବରେ ଇଂ ଅନିଲ କୁମାର ସିଂ, ସମ୍ମାନିତ ଅତିଥି ସୁମିତା ସିଂ ଓ ବୁଦ୍ଧିରାମ ବେହେରା ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ, ପ୍ରଧାନ ଆଚାର୍ଯ୍ୟା, ଅନ୍ୟ ଗୁରୁମା, ଗୁରୁଜୀ ଉପସ୍ଥିତ ରହି ମେଳାରେ ସହଯୋଗ କରିଥିଲେ। ସଭାପତି ଦିବ୍ୟଜ୍ୟୋତି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମନିର୍ଭର ଭାରତ, ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ



ତୁରୁମୁଙ୍ଗା, ୨୫।୧୧(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ଜେପି କଲ୍ୟାଣମଣ୍ଡପଠାରେ ମଙ୍ଗଳବାର ବିଜେପି ପାଟଣା ନିର୍ବାଚନମଣ୍ଡଳୀ ସ୍ତରରେ ରାଷ୍ଟ୍ର ଗାନ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷକମୋର୍ଚ୍ଚା ଜିଲ୍ଲା ସମ୍ପାଦକ ତଥା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ପ୍ରାରମ୍ଭିକ ମନ୍ତ୍ରସ୍ତୋତ୍ର ଗାନ କରିଥିଲେ। ମୁଖ୍ୟଅତିଥି ଭାବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥିଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଜିଲ୍ଲା ସଂଯୋଜକ ବ୍ରଜକିଶୋର ରାୟ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଲକ୍ଷ୍ମଣ ରାଉତ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ମିଡିଆ ପ୍ରମୁଖ ସିଦ୍ଧାର୍ଥ ସିଂ, ଜିଲ୍ଲା ଉପସଭାପତି ଅଗୁନୁ ମହାନ୍ତ, ରାଜ୍ୟ ପରିଷଦ ସଦସ୍ୟା ସୋମବାରୀ ମୁଣ୍ଡା, କେନ୍ଦୁଝର ଜିଲ୍ଲା ସମ୍ପାଦକ ହେମରଞ୍ଜନ ବାରିକ୍, ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ବିଜେପି ଆଇଟି ସେଲ ଜେମ୍ସ ମୋହାନ ଜିଲ୍ଲା ସମ୍ପାଦିକା ବିଜୟଲକ୍ଷ୍ମୀ ପାତ୍ର ଏବଂ ୭ ମଣ୍ଡଳ ସଭାପତି ଏବଂ ସମସ୍ତ ଶକ୍ତିକେନ୍ଦ୍ର ଓ ବୁଥରୁ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆବେଗରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ଋଣଦାନରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୮୫-ପ୍ରଥମ ଥର ପାଇଁ ଉଲ୍‌କାପିଣ୍ଡର ଫଟୋଚିତ୍ର ଉତ୍ତୋଳନ କରାଗଲା।
- ୧୯୩୨- ମହାନ୍ କ୍ରିକେଟର୍ ସାର୍ ଡନ୍ ବ୍ରାଡ୍‌ମ୍ୟାନ୍ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦,୦୦୦ ରନ୍ କଲେ।
- ୧୯୬୭- ଲିସ୍‌ବନ୍‌ରେ ବାଦଲ ଫାଟିବାରୁ ୪୫୦ ଲୋକଙ୍କ ମୃତ୍ୟୁ।
- ୨୦୦୮ - ମୁମ୍ବାଇର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ୧୬୬ ଜଣଙ୍କ ପ୍ରାଣହାନି,୩୦୦ରୁ ଅଧିକ ଆହତ।

# ଜାନୁଆରୀରେ 'ଡନ୍ ୩'ର ସୁଟିଂ



ଫରହାନ୍ ଅଖତର୍ ୨୦୨୩ରେ ସେ 'ଡନ୍ ୩' ନିର୍ମାଣ କରୁଛନ୍ତି ବୋଲି ଘୋଷଣା କରିଥିଲେ। ରଣବୀର ସିଂହ ଏଥିରେ ଲିଡ୍ ରୋଲରେ ନଜର ଆସିବେ ବୋଲି ସେତେବେଳେ ସେ କହିଥିଲେ। ନିକଟରେ 'ଡନ୍ ୩'କୁ ନେଇ ଏକ ଖବର ଆସିଛି। ଫରହାନ୍ '୧୨୦ ବାହାଦୂର'ର ପ୍ରମୋସନ୍ କରୁଥିବା ସମୟରେ ତାଙ୍କର ଆଗାମୀ ପ୍ରୋଜେକ୍ଟ 'ଡନ୍ ୩' ହେବ ବୋଲି କହିଥିଲେ। ସେ ଆସନ୍ତା ଜାନୁୟାରୀରୁ ଏହାର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ଏଥିରେ ରଣବୀରଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାବାଦ୍ ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ମଧ୍ୟ ସେ ବ୍ରେକ୍ ଦେଇପାରନ୍ତି ବୋଲି ମଧ୍ୟ କୁହାଯାଉଛି। ଫିଲ୍ମର ସୁଟିଂ ଆସନ୍ତାବର୍ଷ ଜାନୁୟାରୀରୁ ଆରମ୍ଭ ହେବ ଏବଂ ଏହାକୁ ଡିସେମ୍ବରରେ ରିଲିଜ୍ କରିବା ପାଇଁ ଫରହାନ୍ ଯୋଜନା କରିଛନ୍ତି।

# ସମ୍ବିଧାନ ଦିବସ



ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଏ। ୧୯୪୯ ମସିହା ନଭେମ୍ବର ୨୬ରେ ଭାରତ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଏହାକୁ ଭାରତରେ ଲାଗୁ କରାଯାଇଥିଲା। ୨୦୧୫ ମସିହାରେ ନାଗରିକଙ୍କ ମଧ୍ୟରେ ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। କାରଣ ସେହି ବର୍ଷ 'ଭାରତୀୟ ସମ୍ବିଧାନର ଜନକ' ବାବାସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଶହେ ପଚିଶତମ ଜୟନ୍ତୀ ପାଳିତ ହୋଇଥିଲା। ତାଙ୍କ ସମ୍ମାନାର୍ଥେ 'ସମ୍ବିଧାନ ଦିବସ' ପାଳନ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଏବଂ ସେମାନଙ୍କୁ ନିୟମରେ ବାନ୍ଧି ରଖିଥାଏ। ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ଶାସନ କବଳରୁ ଭାରତ ସ୍ୱାଧୀନତା ହାସଲ କଲାବେଳେ ଦେଶରେ ଏକ ସ୍ଥାୟୀ ସମ୍ବିଧାନ ନ ଥିଲା। ଭାରତର ପ୍ରଥମ ଆଇନ ମନ୍ତ୍ରୀ ବାବାସାହେବ ଆମ୍ବେଦକର ୧୯୪୭ ମସିହାରରେ ସମ୍ବିଧାନ ଡ୍ରାଫ୍ଟ କମିଟିର ସଭାପତି ଭାବରେ ନିଯୁକ୍ତି ହୋଇଥିଲେ ଏବଂ ତାଙ୍କୁ ଭାରତର ସମ୍ବିଧାନ ଲେଖିବାର ଦାୟିତ୍ୱ ଦିଆଯାଇଥିଲା। ଆମ୍ବେଦକର ଭାରତର ସମ୍ବିଧାନକୁ ଦୁଇବର୍ଷ ଏଗାର ମାସ ଏବଂ ୧୮ ଦିନରେ ପ୍ରସ୍ତୁତ କରି ରାଷ୍ଟ୍ରକୁ ସମର୍ପି ଦେଇଥିଲେ। ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ। ସମ୍ବିଧାନର ମୂଳ କପି ଏବେ ମଧ୍ୟ ପାର୍ଲାମେଣ୍ଟ ଲାଇବ୍ରେରୀରେ ରଖାଯାଇଛି। ସେତେବେଳେ ଏହାର ସପକ୍ଷରେ ସଂସଦର ୨୮୪ ଜଣ ସଦସ୍ୟ ହସ୍ତାକ୍ଷର କରିଥିଲେ। ସେମାନଙ୍କ ମଧ୍ୟରେ ୧୫ ଜଣ ମହିଳା ସଦସ୍ୟ ଥିଲେ। ବିଶ୍ୱର ବିଭିନ୍ନ ରାଷ୍ଟ୍ରର ସମ୍ବିଧାନର କେତେକ ଅଂଶ ଭାରତୀୟ ସମ୍ବିଧାନରେ ସାମିଲ କରାଯାଇ ଏକ ବୃହତ୍ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା। ସମ୍ବିଧାନକୁ ଗୋଟିଏ ରାଷ୍ଟ୍ରର ଦର୍ପଣ ଭାବେ ଗ୍ରହଣ କରାଯାଇଥାଏ। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ଶାସନ ପରିଚାଳନା ନିମନ୍ତେ ଅନୁସୃତ ନିୟମାବଳୀର ସମଷ୍ଟିକୁ ସମ୍ବିଧାନ କୁହାଯାଏ। ସମଗ୍ର ବିଶ୍ୱରେ ଭାରତର ସମ୍ବିଧାନର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ସମ୍ବିଧାନ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ଛଅ ଦିନ ଗାଏବ ହୋଇଯାଏ ଟ୍ରେନ୍

ପ୍ରତ୍ୟେକ ଟ୍ରେନ୍ ତାର ଗନ୍ତବ୍ୟ ସ୍ଥଳରୁ ବାହାରି ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ। ହେଲେ ବିଶ୍ୱରେ ଏମିତି ଏକ ଟ୍ରେନ୍ ରହିଛି, ଷ୍ଟେସନରୁ ବାହାରିବା ମାତ୍ରେ ତାହା ଉଭାନ୍ ହୋଇଯାଏ। ଏହି ଟ୍ରେନ୍ ଯାତ୍ରା ଆରମ୍ଭ କରିବାର ଛଅ ଦିନ ପର୍ଯ୍ୟନ୍ତ ଯାତ୍ରୀଙ୍କର ବାହ୍ୟ ଦୁନିଆ ସହିତ କୌଣସି ସମ୍ପର୍କ ରୁହେନାହିଁ। ବେଜିଂରୁ ମସ୍କୋ ଯାଏଁ ୭୮୨୬ କିଲୋମିଟର ଯାତ୍ରା କରୁଥିବା ଏହି ଟ୍ରେନ୍‌ର ନାଁ କେ୩। ଟ୍ରାନ୍ସ-ମଙ୍ଗୋଲିୟାନ ରୁଟ୍‌ରେ ଚାଲୁଥିବା ଏହି ଟ୍ରେନ୍‌ଟି ତାର ଗତିପଥରେ ଚୀନ୍, ମଙ୍ଗୋଲିଆ, ରୁଷ୍ ତିନୋଟି ଦେଶ ଅତିକ୍ରମ କରିଯାଏ। ପ୍ରତ୍ୟେକ ବୁଧବାର ବେଜିଂରୁ ଟ୍ରେନ୍‌ଟି ତା'ର ଯାତ୍ରା ଆରମ୍ଭ କରି ସୋମବାର ଦିନ ମସ୍କୋରେ ପହଞ୍ଚିଥାଏ। କରୋନା ଯୋଗୁ ୨୦୨୦ ମସିହାରୁ ଏହି ଟ୍ରେନ୍ ଚଳାଚଳ ବନ୍ଦ ଥିବାବେଳେ ଏବେ ପୁଣି ଥରେ ଏହାକୁ ଚଳାଇବା ପାଇଁ ଯୋଜନା କରାଯାଉଛି। ସାଧାରଣତଃ ଜଣେ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ତାର ଲୋକେସନ୍ ସମ୍ପର୍କରେ ତାର ସାଙ୍ଗସାଥୀ ପରିବାର ଲୋକେ ଜାଣିପାରନ୍ତି। ଏହାବାଦ୍ ଯାତ୍ରୀମାନେ ପରିବାର, ସାଙ୍ଗସାଥୀଙ୍କ ସହ ଫୋନ୍‌ରେ କଥାବାର୍ତ୍ତା କରିପାରନ୍ତି। ହେଲେ କେ୩ ଟ୍ରେନ୍‌ଟି ବେଜିଂ ଷ୍ଟେସନ ଛାଡିବାମାତ୍ରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଗୋବି ମରୁଭୂମି, ମଙ୍ଗୋଲିଆର ତୃଣଭୂମି , ସାଇବେରିଆର ବରଫାବୃତ୍ତ ଜଙ୍ଗଲ,ବୈକାଲ ହ୍ରଦ ଦେଇ ଏହି ଟ୍ରେନ୍ ଅତିକ୍ରମ କରେ। ଏଥିରେ ଦୁଇ ପ୍ରକାରର କେବିନ୍ ସୁବିଧା ଥାଏ। ଡିଲକ୍ସ ୨ ବର୍ଥ କିମ୍ବା ୪ବର୍ଥ ହାର୍ଡ ସ୍ଲିପର। ସେହିପରି ଟ୍ରେନ୍‌ଟି ଯେଉଁ ଦେଶ ଯାଉଥାଏ ସେହି ସ୍ଥାନର ଖାଇବା ଯାତ୍ରୀଙ୍କୁ ପରୋଷା ଯାଏ। ଏହି ଟ୍ରେନ୍‌ରେ ଯାତ୍ରା କରିବାକୁ ହେଲେ ଭାରତୀୟ ମୁଦ୍ରାରେ ୪୫,୦୦୦ ଟଙ୍କାରୁ ଟିକେଟ ଆରମ୍ଭ ହୋଇଥାଏ। ସେହିପରି ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଖରେ ଚୀନ୍, ମଙ୍ଗୋଲିଆ ଏବଂ ରୁଷ୍ ତିନିଟି ଦେଶର ଟୁରିଷ୍ଟ ଭିସା ରହିଥିବା ଜରୁରି।



# କଣ୍ଟେଣ୍ଟ କ୍ରିଏସନ୍



ରିପୋର୍ଟ ଅନୁସାରେ, ଡିଜିଟାଲ କଣ୍ଟେଣ୍ଟ ତିଆରି କରିବା ମାମଲାରେ ମେଟ୍ରୋ ସହର ସବା ଆଗରେ ରହିଥାଏ। ହେଲେ ଏବେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଏହି ଦୂରତ୍ୱକୁ କମ୍ କରିଛି। ଏବେ ଛୋଟ ସହରର କ୍ରିଏଟର ନିଜ ଆଞ୍ଚଳିକ ଭାଷାରେ କଣ୍ଟେଣ୍ଟ ପ୍ରସ୍ତୁତ କରି ବିଶ୍ୱରେ ଲୋକପ୍ରିୟ ହେବାର ପ୍ରୟାସ କରୁଛନ୍ତି। ସ୍ଥାନୀୟ ଭାଷା, ସଂସ୍କୃତି ଓ କାହାଣୀକୁ ବିଶ୍ୱର କୋଣଅନୁକୋଣର ଲୋକେ ବି ପସନ୍ଦ କରୁଛନ୍ତି। ତେଣୁ ଏମିତି କୁହାଯାଇପାରିବ ଯେ, ସାମାଜିକ ଗଣମାଧ୍ୟମ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

ସେହିପରି ୭୫ ପ୍ରତିଶତ ଯୁବପିଢ଼ି କଣ୍ଟେଣ୍ଟ କ୍ରିଏସନକୁ ଗୁରୁତର କ୍ୟାରିୟର ଭାବେ ଦେଖୁଛନ୍ତି। ଏ ଲାଗି ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍ କେବଳ ମନୋରଞ୍ଜନର ସାଧନ ନ ହୋଇ କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏହାକୁ ଯୁବପିଢ଼ି ବିଜନେସ୍ ଟୁଲ୍ ଭଳି ଦେଖୁଛନ୍ତି। ତେବେ ରିପୋର୍ଟ ଅନୁସାରେ, ୫୫ ପ୍ରତିଶତ ଯୁବପିଢ଼ି ଏହା ଦ୍ୱାରା ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହୋଇଥିବା କହିଛନ୍ତି।

କଣ୍ଟେଣ୍ଟ କ୍ରିଏଟ୍ ଲାଗି ୟୁଟ୍ୟୁବ୍ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ ପାଲଟିଛି। ତେଣୁ ୯୦ ପ୍ରତିଶତରୁ ଅଧିକ ଜେନ୍ ଜି କଣ୍ଟେଣ୍ଟ କ୍ରିଏଟର ୟୁଟ୍ୟୁବ୍‌ରେ ଅଛନ୍ତି। ସେହିପରି ହିନ୍ଦୀ ସହିତ ଆଞ୍ଚଳିକ ଭାଷାରେ ତିଆରି କଣ୍ଟେଣ୍ଟକୁ ଲୋକମାନେ ଖୁବ୍ ପସନ୍ଦ କରୁଛନ୍ତି।


**ଭାରତରେ ଡିଜିଟାଲ ଦୁନିଆରେ ଏକ ନୂଆ ପରିବର୍ତ୍ତନ ଆସିଛି। ଭାରତର ଯୁବପିଢ଼ି ମୁଖ୍ୟତଃ ୧୮-୨୪ ବର୍ଷ ବୟସ ଅର୍ଥାତ୍ ଜେନ୍ ଜି ଇଣ୍ଟରନେଟ୍‌ରେ ନିଜସ୍ୱ ପରିଚୟ ତିଆରି କରୁଛନ୍ତି। ୟୁଟ୍ୟୁବ୍ ଇଣ୍ଡିଆ ଏବଂ ସ୍ମିଥ୍‌ଗିଗରର ନୂଆ ରିପୋର୍ଟ ଅନୁସାରେ, ୮୩ ପ୍ରତିଶତ ଭାରତୀୟ ଯୁବପିଢ଼ି ନିଜକୁ କଣ୍ଟେଣ୍ଟ କ୍ରିଏଟର ବୋଲି ମାନୁଛନ୍ତି। ତେଣୁ ଏବେ କଣ୍ଟେଣ୍ଟ କ୍ରିଏସନ କେବଳ ଏକ ସଉକ ନୁହେଁ, ଏହା କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏଥିରୁ ମିଳୁଥିବା ଆର୍ଥିକ ସ୍ୱାଧୀନତା ଯୁବପିଢ଼ିଙ୍କୁ ଡିଜିଟାଲ ଦୁନିଆରେ ଆଗକୁ ନେଉଛି।**

# ସମ୍ଭାବନା



## ସଫଳତାରେ ବାଧକ ଖରାପ ଅଭ୍ୟାସ

**ପରୀକ୍ଷା ତଥା ଜୀବନରେ ସମସ୍ତେ ସଫଳତା ପାଇବାକୁ ଚାହାଁନ୍ତି। ସେହିପରି କଠିନ ପରିଶ୍ରମ କରିବା ସତ୍ତ୍ୱେ ଅନେକଙ୍କୁ ସଫଳତା ମିଳି ନ ଥାଏ। ହେଲେ କିଛି ଖରାପ ଅଭ୍ୟାସ ମଧ୍ୟ ସଫଳତାରେ ବାଧା ସୃଷ୍ଟି କରିଥାଏ।**



- ପଢ଼ିବା ପାଇଁ ଶାନ୍ତ ଜାଗା ନ ମିଳିବା। ଆଖପାଖର କୋଳାହଳପୂର୍ଣ୍ଣ ବାତାବରଣ, ଫୋନ, ଟିଭି ଏବଂ ସାମାଜିକ ଗଣମାଧ୍ୟମ ଯୋଗୁଁ କାମ ତଥା ପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇପାରେ ନାହିଁ।
- ଗୋଟେ ସମୟରେ ସବୁ କିଛି କରିବାର ପ୍ରବୃତ୍ତି ବେଳେ ବେଳେ ସମସ୍ୟାରେ ପକାଏ। ଏଣୁ ଗୋଟିଏ ସମୟରେ ଗୋଟିଏ କାମ ଉପରେ ଗୁରୁତ୍ୱ ଦେବା ଦରକାର।
- ସେହିପରି ଡେରିରେ ଶୋଇବା ଏବଂ ବିଳମ୍ବରେ ଉଠିବା ଅଭ୍ୟାସ ବି ଦାୟୀ। ଏପରିକି ୭-୮ ଘଣ୍ଟା ନ ଶୋଇବା ଦ୍ୱାରା କାମରେ ସଫଳତା ମିଳେ ନାହିଁ।
- ଉତ୍ତମ ଭୋଜନ ନ କରିବା ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଠିକ୍ ଖାଦ୍ୟ ନ ଖାଇବା ଦ୍ୱାରା ଶରୀରର ଅସୁସ୍ଥ ହୁଏ। ପଢ଼ା କିମ୍ବା କୌଣସି କାର୍ଯ୍ୟରେ ମନ ଲାଗେ ନାହିଁ।
- ଖଟ ଉପରେ ଶୋଇ ରହି ପଢ଼ିବା ଅଭ୍ୟାସରୁ ଦୂରେଇ ରହିବା ଉଚିତ। ଚେୟାର୍ ଟେବୁଲ ପଢ଼ାଭ୍ୟାସକୁ ଆପଣାଇବା ଭଲ।
- ଦୀର୍ଘ ସମୟ ଧରି ବସି ପଢ଼ିବା ଆଦୌ ଠିକ୍ ନୁହେଁ। ପଢ଼ା ମଝିରେ ୧୦-୧୫ ମିନିଟ୍‌ର ବ୍ରେକ ନେବା ଭଲ।

# ହ୍ୱାଟ୍ସଆପର ନୂଆ ଫିଚର୍

ଇନଷ୍ଟାଗ୍ରାମ୍ ନୋଟ୍‌ସ ଭଳି ହ୍ୱାଟ୍ସଆପ୍ ଏକ ନୂଆ ଫିଚର୍‌କୁ ପରିଚିତ କରାଇଛି। ଏହାର ନାଁ 'ଏବାଉଟ୍'। ତେବେ ହ୍ୱାଟ୍ସଆପ୍‌ରେ ପୂର୍ବରୁ ଥିବା ଷ୍ଟାଟସ୍‌ର ଏହା ହେଉଛି ଅପଗ୍ରେଡ୍ ଭର୍ସନ। ଏବେ ବ୍ୟବହାରକାରୀ ଛୋଟ ଛୋଟ ଟେକ୍ସଟ୍ ଅପଡେଟ୍ ଏଥିରେ ସେୟାର୍ କରିପାରିବେ। ଏହା ସେମାନଙ୍କର ୱାନ୍-ଟୁ-ୱାନ୍ ଚାଟ୍ ଉପରେ ଦେଖିବାକୁ ମିଳିବ। ଏପରିକି ସେମାନଙ୍କ ପ୍ରୋଫାଇଲ ପେଜ୍‌ରେ ବି ଦେଖିବାକୁ ମିଳିବ। ବ୍ୟବହାରକାରୀ ଏହା ମାଧ୍ୟମରେ ନିଜ ବିଷୟରେ ଏଇ ଯେମିତି କଣ କରୁଛନ୍ତି, କାହିଁକି ବ୍ୟସ୍ତ ଆଦି ଅନ୍ୟ ବିବରଣୀ ଶୀଘ୍ର ଅପଡେଟ୍ ସେୟାର୍ କରିପାରିବେ।

ଅନ୍ୟପଟେ କିଛି ଲୋକଙ୍କୁ ଏହି ଫିଚର୍ ନୂଆ ଲାଗିବ। ହେଲେ 'ଏବାଉଟ୍' ଫିଚର୍ ଆପ୍‌ରେ ପୂର୍ବରୁ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ବ୍ୟବହାରକାରୀ ଛୋଟ ଛୋଟ ଅପଡେଟ୍ ସେୟାର୍ କରୁଥିଲେ ଇନଷ୍ଟାଗ୍ରାମ୍ ନୋଟ୍ ଭଳି। ହେଲେ ଏଥର ଏହି ଫିଚରକୁ ଉନ୍ନତମାନର କରାଯାଇଛି। ଏହି ଅପଡେଟ୍ ଚାଟ୍ ଉପରେ ଦେଖିବାକୁ ମିଳୁଛି ଏବଂ ବ୍ୟବହାରକାରୀ ଏଥିରେ ଟ୍ୟାପ୍ କରି ସିଧା ରିପ୍ଲାଏ ଦେଇପାରିବେ। ଏହି ଅପେଡଟ୍ ୨୪ ଘଣ୍ଟାରେ ଗାଏବ ହୋଇଯାଏ। କାରଣ ଏହା ହେଉଛି ଡିଫଲ୍ଟ ସେଟିଂ। ଅବଶ୍ୟ ଏବେ ଏହା ଇନଷ୍ଟାଗ୍ରାମ୍ ନୋଟ୍ ଭଳି ଆଡଭାନ୍ସ ନୁହେଁ। ହ୍ୱାଟ୍ସଆପ୍‌ର ଏହି ଫିଚର୍ କେବଳ ଟେକ୍ସଟ୍ ଅପଡେଟ୍ ଯାଏଁ ସୀମିତ।



# ସମୟ ପରିଚାଳନାର ଉପାୟ

**କିଛି ଲୋକ ଏମିତି ଥାନ୍ତି, ଯେଉଁମାନଙ୍କ ଅଭ୍ୟାସ ସବୁ କାମ ବିଳମ୍ବରେ କରିବା। ଏଭଳି ଲୋକ ସବୁ ସ୍ଥାନରେ ବିଳମ୍ବରେ ପହଞ୍ଚି ଥାନ୍ତି। ତା'ସହ ସେମାନଙ୍କର ସମୟଜ୍ଞାନ ନ ଥିବା କଥାକୁ ସ୍ପଷ୍ଟ କରିଥାଏ। ତେବେ ସମୟକୁ କିଭଳି ପରିଚାଳନା କଲେ, ସବୁ କାମ ସମୟରେ କରିପାରିବେ, ସେ ସମ୍ପର୍କରେ ଜ୍ଞାନ ରହିବା ଉଚିତ।**

- ସମୟରେ କାମ କରିବାକୁ ଚାହୁଁଥିଲେ, ଆଲାର୍ମ ଏବଂ ଟାଇମର୍ ବ୍ୟବହାର କରନ୍ତୁ। ଏଭଳି କରିବା ଦ୍ୱାରା ବିଳମ୍ବ ହେବ ନାହିଁ।
- ନିତିଦିନର କାମ ଠିକ୍ ସମୟରେ କରିପାରୁ ନ ଥିଲେ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏହି ତାଲିକା ଅନୁସାରେ, କାମ କରିବା ଦ୍ୱାରା ସବୁ କାମ ସମୟ ଅନୁସାରେ ହୋଇପାରିବ।



- କୌଣସି କାମକୁ ସମୟରେ କରିବା ପାଇଁ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ। ସେଥିରେ ସବୁ କାମ ପାଇଁ ନିର୍ଦ୍ଦିଷ୍ଟ ଏକ ସମୟ ଲେଖନ୍ତୁ ଏବଂ ତଦନୁସାରେ କାର୍ଯ୍ୟ କରନ୍ତୁ।
- ଧ୍ୟାନ କରିବା କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ। ଫଳରେ କାମ କରିବାରେ ଆଗ୍ରହ ସୃଷ୍ଟି ହୁଏ। ସମୟ ଅନୁସାରେ କାମ କରିବା ସହଜ ହୋଇଥାଏ।

## ଦ୍ୱିତୀୟ ଟେଷ୍ଟ: ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ

# ସିରିଜ୍ ସୁଇପ୍ ଦ୍ୱାରଦେଶରେ ଦକ୍ଷିଣ ଆଫ୍ରିକା



ବର୍ଷାପଡା, ୨୫।୧୧(ଏଜେନ୍ସି): ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ଦେଇଛି ଦକ୍ଷିଣ ଆଫ୍ରିକା। ଏହି ଲକ୍ଷ୍ୟକୁ ପିଛା କରି ମଙ୍ଗଳବାର ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୨୭ ରନ୍‌ରେ ୨ଟି ୱିକେଟ ହରାଇ ଅଧିକ ବିପଦକୁ ଆମନ୍ତ୍ରଣ କରିଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଦୁଇ ଟେଷ୍ଟ ଓପନର ଯଶସ୍ୱୀ ଜୟସ୍ୱାଲ ୧୩ ଓ ଲୋକେଶ ରାହୁଲ ୬ ରନ୍ କରି ଆଉଟ ହୋଇଛନ୍ତି। ଏମାନଙ୍କ ଆଉଟ ସହ ଘରୋଇ ଦଳର ମ୍ୟାଚ୍ ଡ୍ର ରଖିବା ଆଶା ମଧ୍ୟ ଦୂରେଇଯାଇଛି। ସାଇ ସୁଦର୍ଶନ ୨୫ ବଲ୍‌ରୁ ୨ ଓ କୁଲଦୀପ ଯାଦବ ୨୨ ବଲ୍‌ରୁ ୪ ରନ୍ କରି ଏପ୍ରକାର ଅସମ୍ଭବ ବିଜୟ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ସିରିଜ୍ ଏବଂ ପ୍ରଥମ ସିରିଜ୍ ସ୍ୱିପ୍‌ର ଦ୍ୱାରଦେଶରେ ପହଞ୍ଚିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାର ୪୮୯ ରନ୍ ଜବାବରେ ଭାରତ ମାତ୍ର ୨୦୧ ରନ୍ କରିଥିଲା। ୨୮୮ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ଥିବା ଦକ୍ଷିଣ ଆଫ୍ରିକା ୫ ୱିକେଟରେ ୨୬୦ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଘରୋଇ ଦଳ ୫୪୯ ରନ୍‌ର ଲକ୍ଷ୍ୟକୁ ପିଛା କରି ୨ ୱିକେଟରେ ୨୭ ରନ୍ ଭରଣା କରିନେଇଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନ ଖେଳରେ ଭାରତକୁ ବାକିଥିବା ୮ ୱିକେଟ ବିନିମୟରେ ଆଉ ୫୨୨ ରନ୍ ସଂଗ୍ରହ କରିବ। ଭାରତ ଯଦି ଏହି ମ୍ୟାଚ୍‌କୁ ଡ୍ର ରଖିପାରିଲେ, ନିଶ୍ଚିତ ଏହା ଏକ ବିସ୍ମୟକର ଫଳାଫଳ ହେବ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୨୬୦ ରନ୍ କରିବା ପରେ ଦଳ ତାହାର ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଟ୍ରିଷ୍ଟାନ ଷ୍ଟବ୍ସ ୧୮୦ ବଲ୍ ଖେଳି ୯୪, ଟୋନି ଡି ଜୋର୍ଜି ୪୯ ରନ୍ କରିଥିଲେ। ୱିଆନ୍ ମୁଲ୍ଡର ଅପରାଜିତ ରହି ଓ ରିୟାନ ରିକେଲଟନ ୩୫ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୪ଟି ୱିକେଟ ପାଇଥିଲେ ମଧ୍ୟ ଆବଶ୍ୟକ ବେଳେ ଏହା କିଛି କାମରେ ଆସି ନ ଥିଲା।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/୧୦** (ମୁଥୁସ୍ୱାମୀ-୧୦୯, ଜାନ୍‌ସେନ୍-୯୩, କୁଲଦୀପ-୪/୧୧୫)।
**ଭାରତ ପ୍ରଥମ ଇନିଂସ: ୨୦୧/୧୦** (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍- ୬/୪୮, ହାର୍ମର-୩/୬୪)।
**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬୦/୫, ଘୋଷିତ** (ଷ୍ଟବ୍ସ-୯୪, ଡି ଜୋର୍ଜି-୪୯, ମୁଲ୍ଡର-୩୫ଅ, ଜାଡେଜା-୪/୬୨)।
**ଭାରତ ଦ୍ୱିତୀୟ ଇନିଂସ: ୨୭/୨।**

## ● ଆଜିଠୁ ସୟଦ ମୁସ୍ତାକ ଅଲି ଟି-୨୦

# ଓଡ଼ିଶା ସାମ୍ନାରେ ସାମସନ୍ ଚ୍ୟାଲେଞ୍ଜ


କଟକ,୨୫।୧୧(ସମିସ): ଭାରତୀୟ ଘରୋଇ କ୍ରିକେଟର ଟି-୨୦ ଫର୍ମାଟ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିର ୧୮ ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହେବ। ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ଦିବସରେ ଶକ୍ତିଶାଳୀ କେରଳ ଦଳକୁ ଭେଟିବ। ଉଭୟ ଦଳ ଗତ ୧୨ ବର୍ଷ ଭିତରେ ଦୁଇଥର ସାମ୍ନାସାମ୍ନି ହୋଇଥିଲେ ମଧ୍ୟ ଓଡ଼ିଶା ପଛୁଆ ରହିଛି। ଦୁଇଟି ଯାକ ମ୍ୟାଚ୍‌ରେ କେରଳକୁ ବିଜୟ ମିଳିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟ ନେଇ ଓଡ଼ିଶା ଦଳ ବୁଧବାର ପଡ଼ିଆକୁ ଓହ୍ଲାଇବ। ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷ ମ୍ୟାଚ୍ ଖେଳାଯିବ। ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ୫ବର୍ଷ ପରେ ଓଡ଼ିଶା ଦଳର ନେତୃତ୍ୱ ଦିଆଯାଇଛି। ଏହାଛଡ଼ା ୬ଜଣ ନବାଗତଙ୍କୁ ଦଳରେ ସାମିଲ କରାଯାଇଛି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜ ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମଥର ସୁଯୋଗ ପାଇଛନ୍ତି। ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କ ଭଳି ଯୁବ ପ୍ରତିଭାଙ୍କ ଉପରେ ଦଳର ପ୍ରାରମ୍ଭିକ ବ୍ୟାଟିଂ ଭାର ନିର୍ଭର କରିବ। ଶୁଭ୍ରାଂଶୁ ସେନାପତି, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାରଙ୍କ ସହ ଅଲରାଉଣ୍ଡର ପ୍ରୟାସ କୁମାର ସିଂହ ମଧ୍ୟକ୍ରମ ସମ୍ଭାଳିବେ। ୩ବର୍ଷର ବ୍ୟବଧାନ ପରେ ବାମହାତୀ ସ୍ପିନର ପପୁ ରାୟଙ୍କୁ ଦଳରେ ସୁଯୋଗ ମିଳିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପରଭେଜ ମହାରୁଫଙ୍କଠାରୁ ପ୍ରଶଂସିତ ହୋଇଥିବା ପେସ୍ ବୋଲର ଭଗୀଶ ଶର୍ମାଙ୍କ ଉପରେ ଦଳର ନଜର ରହିବ। ପେସ୍ ଆଟାକ୍‌ରେ ରାଜେଶ ମହାନ୍ତି, ସର୍ବେଶ୍ୱର ମହାନ୍ତି ଏବଂ ସୌମ୍ୟରଞ୍ଜନ ଲେଙ୍କା ରହିଛନ୍ତି। ଅପରପକ୍ଷରେ ଅନ୍ତର୍ଜାତୀୟ ତାରକା ସଞ୍ଜୁ ସାମସନ କେରଳ ଦଳର ନେତୃତ୍ୱ ନେଉଛନ୍ତି। ୱିକେଟକିପର ବିଷ୍ଣୁ ବିନୋଦ ଜଣେ ବିସ୍ଫୋରକ ବ୍ୟାଟର ଭାବେ ଜଣାଶୁଣା। ଏତଦବ୍ୟତୀତ କେରଳ ଦଳରେ ଏକାଧିକ ଆଇପିଏଲ ତାରକା ମଧ୍ୟ ସ୍ଥାନ ପାଇଛନ୍ତି। ବୁଧବାର ପୂର୍ବାହ୍ନରେ ହେବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ଓଡ଼ିଶାକୁ ଜିତାଇଲେ ଶୁଭ୍ର



କଟକ,୨୫।୧୧(ସମିସ): ୨୩ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ତ୍ରିଭନ୍ଦ୍ରମର ସେଣ୍ଟ ଜାଭିୟର୍ସ କେସିଏ କ୍ରିକେଟ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୩ ରନ୍‌ରେ ଉତ୍ତରାଖଣ୍ଡକୁ ହରାଇଛି। ଉତ୍ତରାଖଣ୍ଡ ଅଧିନାୟିକା ନନ୍ଦିନୀ କାଶ୍ୟପ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଜିଏମ ଅଲକାନନ୍ଦଙ୍କ ଦ୍ରୁତ ୩୯ରନର ଅପରାଜିତ ପାଳି ସହାୟତାରେ ଓଡ଼ିଶା ୭ ୱିକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୬ ୱିକେଟ ହରାଇ ୧୦୭ରନ କରିବାକୁ ସକ୍ଷମ ହୋଇଥିଲା। ରାଘବୀ ଦଳ ପକ୍ଷରୁ ସର୍ବାଧିକ ୩୪ରନ କରିଥିଲେ। ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୧୪ରନ ବ୍ୟୟ କରି ୩ଟି ୱିକେଟ ଦଖଲ କରିବା ସହ ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ।

## ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହେଲେ କଳିକେଶ



ଭୁବନେଶ୍ୱର, ୨୫।୧୧ (ସମିସ): ପୂର୍ବତନ ସାଂସଦ ତଥା ବିଜେଡି ବିଧାୟକ କଳିକେଶ ନାରାୟଣ ସିଂ ଦେଓ ନିର୍ଦ୍ୱନ୍ଦ୍ୱରେ ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନ୍‌ଆରଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଫଳରେ ସେ ପୁଣିଥରେ ଏହି ଜାତୀୟ ସଂଘର ସଭାପତି ଭାବେ ପଦ ବଜାୟ ରଖିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ସଭାପତି ପଦ ଲାଗି ଅନୁଷ୍ଠିତ ନିର୍ବାଚନରେ କଳିକେଶ ୩୬-୨୧ ଭୋଟରେ ଭିକେ ଧଲ୍‌ଙ୍କୁ ପରାସ୍ତ କରିଥିଲେ। କଳିକେଶଙ୍କ ଏହି ବିଜୟ ଜାତୀୟ ରାଇଫଲ ସଂଘର ନେତୃତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଅବସରରେ ଓଡ଼ିଶା ରାଇଫଲ୍ ସଂଘ ପକ୍ଷରୁ କଳିକେଶଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ କଳିକେଶଙ୍କ ସଭାପତିତ୍ୱ କାର୍ଯ୍ୟକାଳ ସମୟରେ ପ୍ରଥମଥର ଲାଗି ସୁଟିଂ ଲିଗ୍ ଆରମ୍ଭ ହୋଇଥିଲା।

## ଆମେରିକା ସହ ଭାରତର ପ୍ରଥମ ମୁକାବିଲା

**ଟି-୨୦ ବିଶ୍ୱକପ୍ ଖେଳସୂଚୀ**

ଦୁବାଇ, ୨୫।୧୧ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ହେବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ କ୍ରିକେଟର ଖେଳସୂଚୀ ଆଜି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗନେବେ। ଏହା ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଖେଳାଯିବ। ଫେବୃଆରୀ ୭ରୁ ୨୦ ଯାଏ ଗ୍ରୁପ୍ ଲିଗ୍ ମ୍ୟାଚ୍, ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮, ମାର୍ଚ୍ଚ ୪ ଓ ୫ରେ ସେମିଫାଇନାଲ ଓ ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିଲାଗି ୮ଟି ଭେନ୍ୟୁ ଚୟନ କରାଯାଇଛି। ଭାରତରେ ୫ଟି ଓ ଶ୍ରୀଲଙ୍କାରେ ୩ଟି ଭେନ୍ୟୁ ରହିଛି। ପାକିସ୍ତାନ ଯେଉଁ ପର୍ଯ୍ୟାୟକୁ ଗଲେ ମଧ୍ୟ ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ଫାଇନାଲକୁ ଯୋଗ୍ୟତା ଅର୍ଜନ ନ କରେ ତେବେ ଅହମ୍ମାବାଦ୍ ଓ ସେମିଫାଇନାଲକୁ ନ ଯାଏ, ତେବେ ମୁମ୍ବାଇ, କୋଲକାତାରେ ସେମିଫାଇନାଲ ଖେଳାଯିବ। ୧୬ଟି ଦଳ ଭାଗ ନେଉଥିଲାବେଳେ ସେଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗ୍ରୁପ୍-ଏ'ରେ ଆମେରିକା, ପାକିସ୍ତାନ, ନାମିବ୍ୟା ଓ ନେଦରଲାଣ୍ଡସ ସହ ସ୍ଥାନ ପାଇଛି। ଭାରତ ତାହାର ପ୍ରଥମ ମ୍ୟାଚ୍ ମୁମ୍ବଇରେ ଆମେରିକା ସହ ଫେବୃଆରୀ ୭ରେ, ଦ୍ୱିତୀୟ ମ୍ୟାଚ୍ ଦିଲ୍ଲୀରେ ନାମିବ୍ୟା ସହ ଫେବୃଆରୀ ୧୨ରେ, ତୃତୀୟ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଫେବୃଆରୀ ୧୫ରେ ଓ ଚତୁର୍ଥ ମ୍ୟାଚ୍ ଅହମ୍ମଦାବାଦ୍‌ରେ ନେଦରଲାଣ୍ଡସ ସହ ଫେବୃଆରୀ ୧୮ରେ ଖେଳିବ।

## କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍
## ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିଅନ



ଭୁବନେଶ୍ୱର, ୨୫।୧୧ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ହରିୟାଣାରେ ତୃତୀୟ ହକି ଇଣ୍ଡିଆ କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) କ୍ରମାଗତ ୨ୟ ବର୍ଷ ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଫାଇନାଲରେ ଓଡ଼ିଶା ନାଭାଲ ଦଳ ୨-୦ ଗୋଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି ଏକାଡେମୀକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ନାଭାଲ ୪-୦ ଗୋଲରେ ଭାରତ ହକି ଏକାଡେମୀକୁ ହରାଇଥିଲା। ମିଡ୍‌ଫିଲ୍ଡର ପ୍ରଜ୍ଞା ପଟେଲ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପକ୍ଷରୁ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଯାଇଛି।

## ବେଲ୍‌ଜିୟମଠୁ ହାରିଲା ଭାରତ

ଇପୋ, ୨୫।୧୧ (ଏଜେନ୍ସି): ମାଲେସିଆରେ ଚାଲିଥିବା ୩୧ତମ ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ପ୍ରଥମ ପରାଜୟବରଣ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ବେଲ୍‌ଜିୟମ ୩-୨ ଗୋଲ୍‌ରେ ଭାରତକୁ ହରାଇଦେଇଛି। ରୋମାନ ଡୁଭେକେଟ୍ ଡବଲ୍ ଗୋଲ୍ ଦେଇ ବେଲ୍‌ଜିୟମକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତ ପକ୍ଷରୁ ଅଭିଷେକ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକି ଥିବାବେଳେ ଶିଳାନନ୍ଦ ଦଳ ପାଇଁ ଦ୍ୱିତୀୟ ଗୋଲ୍‌ଟି ଦେଇ କିଛିଟା ଆଶା ଉଜ୍ଜିବୀତ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇଥିଲା। ଭାରତ ବୁଧବାର ମାଲେସିଆକୁ ଭେଟିବ।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ; କିଟ୍‌କୁ ୩ ପଦକ





ଭୁବନେଶ୍ୱର, ୨୫।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ଦ୍ୱିତୀୟ ଦିବସରେ ସୋମବାର ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଶ୍ରେଷ୍ଠ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ କାଂସ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାର ରିଙ୍କି ନାୟକଙ୍କୁ ଭାରୋତ୍ତୋଳନରେ ରୌପ୍ୟ ମିଳିଛି। ଅପରପକ୍ଷରେ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟକୁ ୩ଟି କାଂସ୍ୟ ପଦକ ସଫଳତା ମିଳିଛି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ଦିବ୍ୟାଙ୍କା ପ୍ରଧାନ, ମହିଳା ୫୦ ମିଟର ଫ୍ରିଷ୍ଟାଇଲରେ ନୀଳାବ୍‌ଜା ଘୋଷ ଓ ମହିଳା ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସୁଇମିଂ ରିଲେ ଟିମ୍ କାଂସ୍ୟ ପଦକ ଜିତିଛନ୍ତି।

## ଦିନିକିଆ ରାପିଡ୍ ଚେସ୍: ହର୍ଷିତ, ମନୀଷ ଚାମ୍ପିଅନ



ଭୁବନେଶ୍ୱର,୨୪।୧୧ (ସମିସ): କଟକର ଇଣ୍ଡସ ଚେସ୍ ଏକାଡେମୀ ଆନୁକୂଲ୍ୟରେ ଏକ ଦିନିକିଆ ରାପିଡ୍ ଚେସ୍ ପ୍ରତିଯୋଗିତା ରୁଦ୍ରପୁରସ୍ଥିତ ସିମ୍ଫୋନୀ ମଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓପନ ବିଭାଗରେ କଟକର ହର୍ଷିତ ରଞ୍ଜନ ସାହୁ ପ୍ରଥମ, ପୁରୀର ଜଗଦୀଶ ନାୟକ ଦ୍ୱିତୀୟ ଓ ଖୋର୍ଦ୍ଧାର ଓମ୍‌ଆଦିତ୍ୟ ଖାଡଙ୍ଗା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ଖୋର୍ଦ୍ଧାର ମନୀଷ ମିଶ୍ର ପ୍ରଥମ, କଟକର ଦୁଇ ଖେଳାଳି ଅତିକ ସାହାଣୀ ଓ ଇ. ରାଗିଣୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି, ଫିଡେ ଆର୍ବିଟର ଗଜେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର ଓ ସୁରଜ କାନୁନଗୋ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS